# ଓଡ଼ିଆ-ଦେଶିଆ
# ଶବ୍ଦକୋଷ

ଜନଜାତି•ସଂସ୍କୃତି•ପ୍ରଗତି

**ସତନ୍ତ୍ର ଉନ୍ନୟନ ପରିଷଦ, କେରାପୁଟ**

ଯୋଜନା ଓ ସଂଯୋଜନ ବିଭାଗ

ଓଡ଼ିଶା ସରକାର

# ଓଡ଼ିଆ-ଦେଶିଆ ଶବ୍ଦକୋଷ

**ସଂକଳନ :**

ଶ୍ରୀ ସୂର୍ଯ୍ୟ ନାରାୟଣ ପଣ୍ଡା

ଶ୍ରୀ ଧନୁ ମୁଦୁଲି

ଶ୍ରୀ ବିଜୟ କୁମାର ରଥ

ଜନଜାତି•ସଂସ୍କୃତି•ପ୍ରଗତି

**ସ୍ୱତନ୍ତ୍ର ଉନ୍ନୟନ ପରିଷଦ, କୋରାପୁଟ**

**ଯୋଜନା ଓ ସଂଯୋଜନ ବିଭାଗ**

**ଓଡ଼ିଶା ସରକାର**

# ଓଡ଼ିଆ - ଦେଶିଆ ଶବ୍ଦକୋଷ

ସଂକଳନ : ଶ୍ରୀ ସୂର୍ଯ୍ୟ ନାରାୟଣ ପଣ୍ଡା
ଶ୍ରୀ ଧନୁ ମୁଦୁଲି
ଶ୍ରୀ ବିଜୟ କୁମାର ରଥ

ପ୍ରକାଶକ : ସ୍ୱତନ୍ତ୍ର ଉନ୍ନୟନ ପରିଷଦ, କୋରାପୁଟ
ଯୋଜନା ଓ ସଂଯୋଜନ ବିଭାଗ,
ଓଡ଼ିଶା ସରକାର

ପ୍ରଥମ ପ୍ରକାଶ : ନଭେମ୍ବର, ୨୦୧୯

ମୁଦ୍ରଣ : ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର

## ODIA- DESIA- SABDAKOSH

**Compilation** : Sri Surya Narayan Panda
Sri Dhanu Muduli
Sri Bijaya Kumar Ratha

**Publisher** : Special Development Council, Koraput
Planning & Convergence Department,
Government of Odisha

**First Edition** : November, 2019

**Printed at** : Odisha State Bureau of Textbook Preparation and Production, Bhubaneswar

# ମୁଖବନ୍ଧ

ଓଡ଼ିଶାରେ ବସବାସ କରୁଥିବା ଜନଜାତି ମାନଙ୍କର ସଂସ୍କୃତି ଖୁବ୍ ପ୍ରାଚୀନ। ସେମାନଙ୍କ ଦୈନନ୍ଦିନ ଜୀବନଚର୍ଯ୍ୟା, ପୂଜା ପାର୍ବଣ, ଭାଷା, ଲୋକ ପରଂପରା ଅନ୍ୟମାନଙ୍କ ଠାରୁ ଖୁବ୍ ନିଆରା। ନିଜ ପରିବେଶ ଆଧାରିତ ଭାଷା-ସଂସ୍କୃତି-କଳା- ପାରଂପରିକ ଜ୍ଞାନ କୌଶଳ ସେମାନଙ୍କ ଜୀବନ ସହ ପ୍ରବାହମାନ । ମୁଖ୍ୟ ସ୍ରୋତ ଠାରୁ ଦୂରରେ ରହି ମଧ୍ୟ ଏମାନଙ୍କ ସଂଗ୍ରାମ ଓ ସ୍ୱାଭିମାନ ଦେଖିଲେ ଆଶ୍ଚର୍ଯ୍ୟ ଲାଗେ। ବାହ୍ୟ ସଂସ୍କୃତିର ପ୍ରଭାବ ଓ ବୈଦ୍ୟୁତିକ ଯୋଗାଯୋଗ ବ୍ୟବସ୍ଥା କ୍ଷୀପ୍ରତର ହେବା ଦ୍ୱାରା ସଂପ୍ରତି ତାଙ୍କର ଭାଷା- ସଂସ୍କୃତିରେ ପରିବର୍ତ୍ତନ ପରିଲିକ୍ଷିତ ହେବାରେ ଲାଗିଛି। ଏହି ପରିବର୍ତ୍ତନରେ ତାଙ୍କ ପାରମ୍ପରିକ ସାମାଜିକ- ସାଂସ୍କୃତିକ ବ୍ୟବସ୍ଥା ଏକ ଘଡିସନ୍ଧି ମୁହୂର୍ତ୍ତ ଦେଇ ଗତି କରୁଛି । ଜନଜାତି ସମାଜ ନିଜ ସଂସ୍କୃତି ପରିସରରୁ ବାହାରି ମୁଖ୍ୟ ସ୍ରୋତ ସହ ସାମିଲ ହେବା ପ୍ରକ୍ରିୟାରେ ଭାଷା ହେଉଛି ଏକ ପ୍ରମୁଖ ମାଧ୍ୟମ । ଭାଷା ହେଉଛି ପରମ୍ପରା ଓ ପ୍ରଗତିର ଏକ ସଂଯୋଜକ ସେତୁ ବିକାଶକୁ ଯୋଡ଼ିବାର ମୁଖ୍ୟ ମାର୍ଗ । ନିଜ ଭାଷା ମାଧ୍ୟମରେ ବିକାଶର ଭାଷାକୁ ବୁଝି ପାରିଲେ ଜନଜାତିଙ୍କ ଉନ୍ନୟନର ମାର୍ଗ ପ୍ରଶସ୍ତ ହୋଇ ପାରିବ ।

ଉନ୍ନୟନ ବ୍ୟବସ୍ଥାର ଅନ୍ୟତମ ମୁଖ୍ୟ ଅଂଗ ହେଲା ଶିକ୍ଷା। ଶିକ୍ଷା ବ୍ୟବସ୍ଥାର ଆଦ୍ୟ ସୋପାନରେ ଶିଶୁ ସହ ପରିଚିତ ହେବା ଅର୍ଥ ତା ଭାଷା ସହ ପରିଚିତ ହେବା। ଶିଶୁ ତା ଆଦ୍ୟ ବୟସରେ ମା'ର ଭାଷା ସହ ପରିଚିତ ହୋଇଥାଏ । ତେଣୁ ଶିଶୁର ମାତୃଭାଷା ସହ ନିଜକୁ ସାମିଲ କରାଇ ତାକୁ ଶିକ୍ଷା ବ୍ୟବସ୍ଥା ସହ ଯୋଡିବାର ଆବଶ୍ୟକତା ରହିଥାଏ । ଶିଶୁ ତା' ଭାଷାରେ ତା ଜଗତକୁ, ପ୍ରକାରାନ୍ତରେ ତା ସଂସ୍କୃତି ସହ ପରିଚିତ ହୋଇଥାଏ । ଏଣୁ ଶିଶୁକୁ ଶିକ୍ଷାଦାନ କରିବା ମାଧ୍ୟମରେ ଶିକ୍ଷାର ମାର୍ଗ ପ୍ରଶସ୍ତ କରିବା ଅର୍ଥ ଜନଜାତି ଭାଷା ଓ ସଂସ୍କୃତିକୁ ଜାଣିବା ।

ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ ଭାଷାର ଆବଶ୍ୟକତାକୁ ଆଖି ଆଗରେ ରଖି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଜନଜାତି ଅଂଚଳର ପ୍ରମୁଖ ୨୧ଗୋଟି ଭାଷା ଉପରେ ଦ୍ୱିଭାଷୀ ଶବ୍ଦକୋଷ ପ୍ରଣୟନ କରିଛି। ଏହା ଏକ ପ୍ରାରମ୍ଭିକ ଉପକ୍ରମ। ଜନଜାତି ଭାଷା ଗୁଡ଼ିକର ଏକ ପୂର୍ଣ୍ଣାଙ୍ଗ ଶବ୍ଦକୋଷ ପ୍ରଣୟନର ଆବଶ୍ୟକତା ରହିଛି। ଏହା କଲେ ଜନଜାତି ସଂସ୍କୃତିର ସଂରକ୍ଷଣ ସମ୍ଭବ ହୋଇପାରିବ। ପୁନଶ୍ଚ ଜନଜାତି ଅଂଚଳରେ ସଂଯୋଜକ ଭାଷା ହିସାବରେ କୋରାପୁଟର ଦେଶିଆ ଓ ସୁନ୍ଦରଗଡ଼ ଅଂଚଳର ସାଦ୍ରୀ ବହୁଳ ପ୍ରଚଳନ ରହିଛି । ଏହାର ଶବ୍ଦ ଭଣ୍ଡାର ମଧ୍ୟ ଖୁବ୍ ସମୃଦ୍ଧ ।

ଜନଜାତି ଭାଷା ଗୁଡ଼ିକର ଆଂଚଳିକ ଭେଦ ରହିଛି। କେଉଁଠି ବଂଶ ଆଧାରରେ ତ କେଉଁଠି ଭୌଗୋଳିକ ଆଧାରରେ ଏହି ଭେଦ ଜଣାପଡ଼େ । ଏହା ମୁଖ୍ୟତଃ ସ୍ୱନିମିକ । ତେବେ ବସ୍ତୁ ସଂସ୍କୃତିରେ କିଛି ଆଗତ ଶବ୍ଦ ମଧ୍ୟ ଭାଷାକୁ ସଂକ୍ରମିତ କରିଥିବାରୁ ପାର୍ଥକ୍ୟ ରହିବା ସ୍ୱାଭାବିକ। ପ୍ରସଂଗକୁ ଜାଣିଲେ ଶବ୍ଦର ଅର୍ଥ ପାଇବାରେ କୌଣସି ଅସୁବିଧା ନ ଥାଏ ।ତେବେ ବିଭିନ୍ନ ଅଂଚଳର ଭାଷାକୁ ସ୍ଥାନୀତ କରିବା ସୀମିତ ସମୟ ମଧ୍ୟରେ ସମ୍ଭବପର ହେଉ ନଥିବାରୁ ସଂକଳିତ ଶବ୍ଦକୋଷ କୋରାପୁଟ ଜିଲ୍ଲାର ଜୟପୁର ଅଂଚଳର ଭାଷାକୁ ଆଧାର କରି ପ୍ରସ୍ତୁତ କରାଯାଇଛି ।

ଆମେ ଆଶା କରୁଛୁ ପ୍ରସ୍ତୁତ **ଓଡ଼ିଆ - ଦେଶିଆ - ଶବ୍ଦକୋଷ**କୁ ପାଠକେ ଉଦାରତାର ସହ ଗ୍ରହଣ କରିବେ ଏବଂ ଉଦ୍ଦେଶ୍ୟ ସାଧନ ଦିଗରେ ଆମକୁ ସହଯୋଗ କରିବେ ବୋଲି ଆଶା ଓ ବିଶ୍ୱାସ ।

**ଶ୍ରୀ କମୁଲୁ ଜାନି**
**ଅଧ୍ୟକ୍ଷ**
**ସ୍ୱତନ୍ତ୍ର ଉନ୍ନୟନ ପରିଷଦ**
**କୋରାପୁଟ**

# ଓଡ଼ିଆ - ଦେଶିଆ ଶବ୍ଦକୋଷ

## ଅ

| | | |
|---|---|---|
| ଅକଲ୍ | ବୁଦ୍ଧି / ସୁରତା | ତୋକେ ସୂର୍‌ତା ଆଚେ କି ? |
| ଅକଲ୍ ଗୁଡୁମ୍ | ତାର୍ ଅକଲ ଗୁଡୁମ୍ ହୋଇଗାଲା | ତାର୍ ବୁଦ୍ଧି ବାନା ହେଲା । |
| ଅଖ | ଇରଷୁ | (ଶଗଡ଼ର ଇରଷୁ) ଇରଷୁ ଭାଙ୍ଗିଜାଇସି ଜବର୍ ବୋଜ୍ ନାକରା । |
| ଅଗଣା | ଦୁଆର ଠାନ୍ | ଦୁଆର୍ ଠାନେ ଗୋଟେକ୍ ତୁଲସୀ ବୁଟା ଅଚେ । |
| ଅଗ୍ର | ଟିପ୍ | (ପାହାଡ଼ର ଅଗ୍ର) - (କୁପଲିଟିପ୍) କୁପଲି ଟିପେ ମଜୁର୍ ମନ୍ ବସା କର୍‌ଲାୟେ ଆଚତ୍ । |
| ଅଚଳ | ନାଚଲବାଟା | ଏବେ ଅନା ପର୍‌କା ମନ୍ ନା-ଚଲେ । |
| ଅଛନ୍ତି | ଆଚତ୍ | ଖମ୍‌ନେ ଜନ୍ତୁଜିଆଦ୍ ମନ୍ ଅଚତ୍ । |
| ଅଜଣା | ନାଜାନ୍‌ବାଟା | ତୁଇ ନାଜାନ୍‌ବାଟା ମନ୍‌ଇତି ନାସାଙ୍ଗ୍ । |
| ଅଟକାଇ | ଥେବାଇ | ଚଇତ୍ ମାସେ ପିଲା ଟକିମନ୍ ବସ୍‌ଗାଡ଼ି ସାଇକେଲ୍‌କେ ଥେବାଇ କରି ପାଜର୍ ମାଗ୍‌ବାୟେ । |
| ଅଟା | ଗମ୍‌ଚୁନା | ଆୟା ଗମ୍‌ଚୁନାର୍ ପିଟା ତିଆର୍ କଲା ଆଚେ । |
| ଅଟ୍ଟାଳିକା | ମେଡ଼ଘର | ଜୟପୁର୍ ଥାନେ ବଡ୍ ବଡ୍ ମେଡ୍ ଘର୍ ମନ୍ ଆଚେ । |
| ଅଠା | ଚପ୍ | ଫନସ୍ କାଟ୍‌ଲେ ଚପ୍ ଭାର୍‌ସି । |
| ଅଣ ଓସାରିଆ | ଅଳପ୍‌ଓସାର | (ଖିଣ୍ଡେକ୍ ପାରା ଓସାର) ସେ ଗାଉଁକେ ଯିବାପାଇଁ ଖିଣ୍ଡେକ୍ ପାରା ଓସାର୍ ବାଟ୍ ଆଚେ । |
| ଅଣା (ମୁଦ୍ରାହିସାବ) | ଆନା | ପୂରବେ ଆନା ମନ୍ ଚଲତେରେଲା । |
| ଅତର | ବାସନା ଚିକନ୍ | (ତେଲ ସଂପର୍କିତ) ସେ ବାସ୍‌ନା ତେଲ୍ ମୁଣ୍ଡେ ଲଗାୟ୍‌ଲା ଆଚେ । |
| ଅତି ଉଜ୍ଜ୍ୱଳ | ବଡେ ଉଜଲ୍ | ପୁନି ଜନ୍ ବଡ଼େ ଉଜଲ୍ ଦିଶସି । |
| ଅତିଥି | ଗତିଆ ଲୋକ / ନୂଆଲୋକ | ଆଜି ଆମର୍ ଘରେ ଗତିଆ ଲୋକ୍ ଆୟବାୟ୍ । |
| ଅତିପାଖ | ଏକବାର ଲଗେ | ଅମର୍ ଏକ୍‌ବାର୍ ଲଗେ ନଲ୍‌କୂଅ ଆଚେ । |
| ଅତି ଦରକାରୀ | ବେଶିଲୋଡା | ଆଜିକାଲି ପାଠ୍ ପଢ଼୍‌ବାଟା ବେଶିଲୋଡ଼ା । |
| ଅତ୍ୟନ୍ତ | ବଡ଼େଜବର୍ | ସେ ବଡ଼େ ଜବର କାଆଲିଆ ପଡ଼ଲା ଆଚେ । |
| ଅତ୍ୟାଚାର | ଦଣ୍ଡ | ବ୍ରିଟିସ୍ ମନ୍ ଆଗତୁ ବଡ଼େ ଡଣ୍ଡଦେତେ ରେଲାୟେ । |
| ଅଥଚ | ଏଟାହେଲେ ମିଶା | ଏଟା ହେଲେ ମିଶା ତୁଇ ମିଚ କାତା ନାକଅ । |

| | | |
|---|---|---|
| ଅଦଳ ବଦଳ | : ବାଦଲ ଉଦଲ୍ | : ପଦ୍ଲାମ୍ ତାର ବଲଦକେ ବାଦଲ୍ ଉଦଲ କର୍ଲା । |
| ଅଦାଲତ୍ | : କରଟ୍‌ବାଟ୍ | : ମାଡ୍‌ଗଲ୍ ହେଲେ କରଟ୍ ବାଟଗଲେ ଜବର୍ ଡାବୁକାଷୁ ଲାଗ୍‌ସି । |
| ଅସ୍ଥିର | : ଥିରନାହିଁ | : ତା'ର କାଇକାଜେ ଥିର ଲାଗେ ନାହିଁ । |
| ଅନାଥ | : ଟୁରା | : ତାକେ ବାବା ମାଆ ନାଇଁ ଟୁରାଟା । |
| ଅନାଅ | : ଦେଖ୍‌ବାଟା | : ସେ ନାଟ୍‌ଦେଖ୍‌ବାକେ ଗାଲା ଆଚେ । |
| ଅନ୍ୟ | : ଭିନ ଲୋକ | : ଆମର୍ ଗାଁୟେ ଭିନ୍ ଭିନ୍ ଜାତିର୍ ଲୋକ ମନ୍ ଆଚତ୍ । |
| ଅନ୍ୟଦ୍ୱାରା | : ଭିନ୍ନଲୋକ୍ ଦ୍ୱାରା | : ଇକାମ୍ ଭିନ୍ ଲୋକ ଲାଗି କରାଯାଇସି । |
| ଅନ୍ୟମନସ୍କ | : ଏନେ ତେନେ ଭାବଟା | : ତୁଇ ଏନେ ତେନେ ନାଭାବ୍ । |
| ଅନ୍ୟମାନେ | : ଭିନ୍‌ଲୋକ ମନ୍ | : ଭିନ୍ ଲୋକ୍ ମନର କାତା ଦେଖବାକେ ପଡ଼ସି । |
| ଅନ୍ୟୁନ | : ଉନାରେ | : ନାଟ୍ ଦେଖ୍‌ବାକେ ଉନାରେ ପାଞ୍ଚଟା ଗାଉଁର୍ ଲୋକ ରୁଣ୍ଡିରେଲାୟ୍ । |
| ଅନୁଭବ | : ମନେଚିତାଇବାଟା | : ରାମ ତାର୍ ଭୁଲ୍ କାମ୍‌କେ ମନେ ଚିତାଇଲା ଆଚେ । |
| ଅନୁଯାୟୀ | : ଅନୁସାରେ | : ମୁଇଁ କର୍‌ବା ଅନୁସାରେ ତୁଇ କାମ୍‌କର୍ । |
| ଅନୁରୋଧ | : ଖୁସାମତୀ | : ତାକେ ଯେତ୍‌କି ଖୁସାମତି କଲେ ମିସା କାଇଟା ନାହେ । |
| ଅନୁଷ୍ଠାନ | : ଅନୁଷ୍ଠାନ୍ | : ଲୋକ୍‌ମନ ଜିଉନା ଖାଉନା କାଜେ କେତେକ ଅନୁଷ୍ଠାନ ମନ୍ କାମ୍ କର୍‌ଲେନି । |
| ଅନୁଷ୍ଠିତ | : ହେଇରେଦାଟା | : ଆମର୍ ଗାଁୟେଁ ନୂଆଁ ଡାକ୍ତର୍ ଘର୍ ତିଆର୍ ହେଲା । |
| ଅନେଇଥିବା | : ଜଗିରେଇସି | : ମୁଇଁ ଜିବାର୍ ଆଚେ ସେ ମୋକେ ଜାଗିରେଇସି । |
| ଅନେକ ଗୁଡ଼ିଏ | : ଜବର୍ | : (ଆୟା ଗାଡ଼େ ଜାଇ କରି ଜବର୍ ମାଛ ଧରି ଆନଲା) । |
| ଅପକାର | : ନସାଇବା | : କାକେ ନସାଇବା କାତା ତୁଇ କେବେ ନାଭାବ୍ । |
| ଅପରପାର୍ଶ୍ୱରେ | : ଉଲଟାବାଟେ | : ସିପାଲ ସଡ଼କର ଉଲଟାବାଟେ ଗାଲେ ଇସ୍କୁଲ୍ ଆଚେ । |
| ଅପରାଧ | : ଖରାପ ଧାନ୍ଦା | : ସନ୍ୟାସି ଖରାପ୍ ଧାନ୍ଦା କରି ଜେଲ୍ ଗାଲା । |
| ଅପରାହ୍ନ | : ଆଡ଼ବେଲା | : ଆଡ଼ ବେଲାକେ ବୁଆ ହାଟେ ଜାଇସି । |
| ଅବସ୍ଥିତ | : ଆଚେ | : ଆମର୍ ଗାଁର ମଜାଏ ଗୋଟେକ୍ ପୋଷ୍ଟ ଅଫିସ୍ ଆଚେ । |
| ଅବଶିଷ୍ଟ | : ଉବର୍‌ଲାଟା | : ଉବର୍‌ଲାଟା ତୁଇ ଖାଇଦେସ୍ । |
| ଅବଶ୍ୟ | : ଯେନତି ହେଲେ ମିଶା | : ଯେନ୍‌ତି ହେଲେ ମିଶା ତୁଇ ସିତି ଯିବାର ଆଚେ । |
| ଅଭିଭାବକ | : ବୁଆଆୟା | : ମାଷ୍ଟର୍ ଆଜ୍ଞା ଆୟା ବୁଆ ମନ୍‌କେ ଡାକି ମିଟିଙ୍ଗ୍ କର୍‌ଲା । |
| ଅଭ୍ୟାସ | : ଅଭିୟାସ୍ | : ଅଭିୟାସ୍ କାଇଟା କାମ୍ ମିଶା କରିହେଇସି । |
| ଅମର | : ନାମରବାଟା | : ସହିଦ ଲକ୍ଷ୍ମଣ ନାୟକ, ଦେଶ୍‌ପାଇଁ ଜୀବନ ଦେଇ କରି ଏବେ ମିଶା ବଞ୍ଚିକରି ଆଚେ । |

| | | |
|---|---|---|
| ଅମ୍ଳ | : ଆମଟି | : କାଚା ଆମ୍ ଜବର୍ ଖାଇଲେ ଆମ୍‌ଟି ଲାଗ୍‌ସି । |
| ଅମୃତ | : ଅମରୁତ୍ | : ଅମ୍‌ରୁତ୍ ବଡ଼େ ସୁଆଦ ଲାଗ୍‌ସି । |
| ଅମୃତଭଣ୍ଡା | : ଅମୃତମାଣ୍ଡା | : ଅମୃତ୍‌ମାଣ୍ଡା କାଇଲେ ଗାଗଡ଼, ନିକ୍ ରେଇସି । |
| ଅମଙ୍ଗ | : ରାଜି ନାହେବାଟା | : ସେ ମୋର୍ କାତାକେ ରାଜି ନାହେଲା । |
| ଅଯଥା | : କାଇକାରନ୍‌ନାରେସ | : ମଧୁ କାଇକାରନ୍‌ନାରେସ୍ ଜବର୍ ରିଷା ହେଲାନି । |
| ଅର୍ଥ | : ଡାବୁ | : ଡାବୁ ପାଇଁ ତୁଇ ନାଭାବ୍ କାମ୍ କର୍ । |
| ଅରମା | : ଅନ୍ତରାକୁଡ଼ା | : ଘର୍ ଚାରିପାଖେ ଅନ୍ତରାକୁଡ଼ା ହେଲେ ମାଛି ମନ୍ ବାସା କର୍‌ବାୟେ । |
| ଅଲନ୍ଧୁ | : ଅଲଧୂଆଁ | : ଘର୍ ଭିତ୍‌ରେ ଜବର୍ ଅଲଧୂଆଁ ଆଚେ । |
| ଅଳି ଅଝଟ | : ଗିଜ୍‌ଗିଜା | : ଟକି ବଡ଼େ ଗିଜ୍ ଗଜା ହେଲାନି । |
| ଅଳିଆ | : କାଚରା | : କାଚ୍‌ରାକେ ଇତିସିତି ବା ଫିଙ୍ଗିକରି ଖାଲେ ଫିଙ୍ଗ୍‌ଲେ ଡ଼ଉଲ୍ ହେଇସି । |
| ଅଳସି | : ଅଲଚି | : ପୁଷ୍‌ମାସେ ଅଲଚି ଫୁଲ୍ ଫୁଟସି । |
| ଅଂଶ ଗ୍ରହଣ | : ମିଶ୍‌ବାଟା | : ସର୍‌ତେ ମିଶିକରି ଗାଉଁର ଦାଣ୍ଡ ସଫା କରୁ । |
| ଅଶ୍ୱସ୍ତ | : ପିପଲ୍ ଗଚ୍ | : ଆମର୍ ଗାଁର୍ ପାଲିକେ ଗଟେକ ପିପଲ୍ ଗଛ ଆଚେ । |
| ଅସନା | : ଆର୍‌ଲା | : ପେଣ୍ଟ୍ କାମିଜ୍ ଆର୍‌ଲା ରଖ୍‌ଲେ ରୋଗ୍ ହେଇସି । |
| ଅସମ୍ଭବ | : ନାହେବାଟା | : ତୁଇ କଇବା କାତା କେବେ ନାହେ । |
| ଅସହଯୋଗ | : ସାଇଜ୍ ନକର୍‌ବାଟା | : ଗାନ୍ଧୀ ମାପ୍ରୁ ବ୍ରିଟିସ ମନ୍‌କେ ସାଇଜ୍ ନକର୍‌ବାକେ ଆନ୍ଦୋଲନ୍ କରିରେଲାୟ୍ । |
| ସହାୟତା | : ଯାକେ ମିଶା ସାହାଯ୍ୟ | : ଯାକେ ନାରେୟତ୍ ତାକେ ସାହାଯ୍ୟ କର୍‌ବା କାତା । |
| ଅସହ୍ୟ | : ଅସମାଲ୍ | : ବ୍ରିଟିସ୍ ସର୍‌କାରର୍ ଶାସନ୍ ଅସମାଲ୍ ହେଲା । |
| ଅସାମାଜିକ | : ଖରାପ | : ଖାରାପ୍ ଲୋକକେ କେବେ ବିଶ୍ୱାସ୍ ନା କର୍‌ବାର । |
| ଅସୁବିଧା | : ହରବର୍ | : ସେ ବଡ଼େ ହର୍‌କର୍ ହେଲାନି । |
| ଅସୁମାରି | : ଜବର୍ କରି | : ସାହୁକାରର୍ ଜବର୍ ବେଡ଼ାଖୁଡ଼ା ଆଚେ । |
| ଅଙ୍କ | : ହିସାବ ଗିଣିବାଟା | : ଡାବୁ ଗନ୍‌ଲା ବେଲେ ନିମାନ୍ କରି ଗନ୍‌ବାର୍ । |
| ଅଙ୍କନ | : ଚିତରବାଟା | : ରାମ୍ ବଡ଼େ ସୁନ୍ଦର୍ ଚିତର୍ କର୍‌ସି । |
| ଅଙ୍ଗ | : ହାତ୍‌ଗୋଡ଼ | : ତାର୍ ଅଙ୍ଗ୍ ଗଟେକ୍ ଜବର୍ ଜୁକା ହେଲାନି । |
| ଅଙ୍ଗ ପ୍ରତ୍ୟଙ୍ଗ | : ଗାଗଡ଼ମୁଣ୍ଡି | : ରତନର୍ ଗାଗଡ଼ ମୁଣ୍ଡ, ବପୁ ନାଇଁ । |
| ଅଣ୍ଟା | : ଆଁଟା | : ତାର୍ ଆଁଟା ସରୁ ଆଚେ । |

| | | |
|---|---|---|
| ଅଣ୍ଟି | : ଅଣ୍ଟିରେ ରେବା | : (ଲୁଗା ଗଣ୍ଠି) ମାଇଁଜି ମନ୍ ଅଣ୍ଟିରେ ଗଣ୍ଠିଥାନେ ଡାବୁ ସଙ୍ଗାଇବାୟ୍ । |
| ଅଣ୍ଡାଳିବା | : ତାମଣ୍ଡବାଟା | : ତୁଇ ଆନ୍ଧାରେ କାଇଟା ତାମଣ୍ଡଲୁସ୍‌ନି । |
| ଅନ୍ତର | : ମନର୍ ଭିତରେ | : ଚମ୍ପା ତାର୍ ମନ୍ ଭିତ୍‌ରର୍ କାତା କଇଦେଲା । |
| ଅର୍ଦ୍ଧରାତ୍ରୀ | : ମଜାରାତି | : ମଜାରାତି ଯେର୍ ମନ୍ ବୁଲ୍‌ତେ ରେବାୟ୍ । |
| ଅର୍ଦ୍ଧେକରୁ ଅଧିକ | : ଗୋଟ୍ ଭାରାନୁ ବେଶି | : ତାକେ ଗୋଟ୍ ଭାଗ୍‌ନୁ ବେଶି ମାଉସ୍ ଦେଲି । |

## ଆ

| | | |
|---|---|---|
| ଆଉ | : ଅଉରି | : ସେ ଆଉରି ମୁଇଁ ଭାତ ଖାଇବୁ । |
| ଆଉଟୁ ପାଉଟୁ | : ଉଲଟ୍ ପାଲଟ୍ | : ସେ ଜବର୍ ଖାଇ କରି ଉଲଟ୍ ପାଲଟ୍ ହେଲାନି । |
| ଆଉଁସୁଥିବା | : ସାଆଁଳି ତେରେବା | : ତୁଇ ତାର୍ ମୁଣ୍ଡକେ ସାଆଁଲତେ ରଥ । |
| ଆକ୍ରମଣ | : ମାଣ୍ଡିଦେଲାୟ୍ | : କାଙ୍ଗାରମନ ସଂଜୟକେ ବାଟେ ଖେଦି ନେଲାୟେ । |
| ଆଙ୍କୁଡ଼ା | : ଆଙ୍କଡ଼ି | : ଆୟା ଆଙ୍କଡ଼ି ସଙ୍ଗେ ମୁନ୍‌ଗା ତଲ୍‌ଲାନି । |
| ଆଖି | : ଆଁକି | : ଆଁକି ଥାନୁ ପାନି ବର୍‌ଲେ ବେଶି ଡାକ୍ତରକେ ଦେଖାଇବାର୍ । |
| ଆଖୁ | : ଡାଣ୍ଡା | : ଡାଣ୍ଡା ରସ୍ ଖାରା ବେଲେ ବଡ଼େ ସୁଆଦ୍ ଲାଗ୍‌ସି |
| ଆଗ | : ଆଗତୁ | : ତୁଇ ଆଗତୁ ଯାଇ ରା । |
| ଆଗପଛ | : ଲେଞ୍ଜମୁଣ୍ଡ | : ଗାୟ୍ ଆରି ବାଚି ଲେଞ୍ଜ ମୁଣ୍ଡ ହେଇ କରି ହିଣ୍ଡଲାୟନି । |
| ଆଗ୍ରହ | : ମନକେ ଯିବାଟା | : ମୋକେ ତୋର୍ ସାଇକେଲ କେ ମନ୍‌କେ ଗାଲା । |
| ଆଚରଣ | : ଚାଲିଚଲଣ୍ | : ଡଉଲ୍ ପିଲାମନର୍ ଚାଲିଚଲଣ ନିମାନ୍ ରେଇସି । |
| ଆଛା | : ହେଲେ | : ହେଲେ ତୁଇ ଆମର ଗାଉଁ ନାଆସୁସ୍ । |
| ଆଜିଠାରୁ | : ଆଜିଥାନୁ | : ଆଜିଥାନୁ ପିଲାମନ ଇସ୍କୁଲେ ଗାଲାୟ୍‌ନି । |
| ଆଡ଼କୁ | : ତାରବାଟେ | : ତାର ବାଟେ ମୁଇଁ ଯିବାର୍ ଆଚେ । |
| ଆଣି | : ଆନି | : କଟ୍ରା ପିଲାକେ ଆନି କରି ଲୋକ୍ ମନ୍ ଖମ୍‌ନେ ଛାଡ଼ି ଦେଲାୟ୍ । |
| ଆଣିଲେ | : ଆନ୍‌ଲାୟେ | : ଆମର୍ ଘରେ ଗୋଟେକ୍ ଛେଲି ଘେନି କରି ଆନ୍‌ଲାୟ୍ । |

| | | |
|---|---|---|
| ଆଦର୍ଶ | : ମନ କେ ପାଇଲା | : ପାରା ପିଲାକେ ମନ୍‌କେ ପାଇଲା ପାରା କାମ୍ କର୍‌ବାର୍ । |
| ଆଦାୟ | : ରୁଣ୍ଡାଇବାଟା | : ମୁଇଁ ଭୂତେକ୍ ଡାବୁ ରଣ୍ଡାଇଲା ଆଚି । |
| ଅପାର | : ନାପି ନା ହେବା | : ରାଜାକେ ନାପି ନା ହେଲା ପାରା ଆନ ସମ୍ପତ୍ତି ଆଚେ । |
| ଆରୋଗ୍ୟ | : ରୋଗ୍ ଛାଡାୟ ହେବାଟା | : ରୋଗ୍ ହେଲେ ଓଷ ପତର୍ ଖାଇଲେ ରୋଗ୍ ଛାଡ୍‌ସି । |
| ଆଶିଷ୍ | : ମଙ୍ଗଲ | : ମାପ୍ରୁ ତକେ ବେଶି ବେଶି ମଙ୍ଗଲ କରତ୍ । |
| ଆଶ୍ରୟ | : ଠେବ୍‌କା | : ଖମନ୍ ଥାନେ ଗୋଟେକ୍ ବାରିଆ ଠେବଲା ଆଗୋ । |
| ଆଶ୍ଚର୍ଯ୍ୟ | : ଭକୁଆ | : ବାଘ୍‌କେ ଦେଖି ସବୁ ଲୋକ୍ ଭକୁଆ ହେଇଗାଲାୟେ । |
| ଆସ | : ଆସା | : ଗଣେଶ ପୂଜା ହେଲାନି ଦେଖିବାକେ ଆସା । |
| ଆସ୍ତେ ଆସ୍ତେ | : ଧୀରେ ଧୀରେ | : ଡାଇବର ଗାଡ଼ି ଧୀରେ ଧୀରେ ଗଲାୟ୍‌ଲାନି । |
| ଆୟୋଜନ | : ଯୋଗାଡ଼ଜାଟି କର୍‌ବାଟା | : ଭଜି ଭାତ ଆଚେ ଜିନିଷ୍ ପତର୍ ଯୋଗାଡ଼୍ କର୍‌ବା । |

## ଇ

| | | |
|---|---|---|
| ଇଷ | : ନାଙ୍ଗଲଦାଣ୍ଡି | : ନାଙ୍ଗଲ୍ ଦାଣ୍ଡି ନା ରେଲେ ହଲ୍ କରି ନାହେ । |
| ଇଂରେଜ | : ଗୋରା ସାହେବ | : ଆମର୍ ଦେଶ୍‌କେ ଗୋରା ସାହେବ ମନ୍ ଚଲାଇତେ ରେଲାୟ୍ । |
| ଇଗଲ | : ଛଞ୍ଚାଣ | : କୁକ୍‌ଡ଼ା ଟିଆଁକେ ଚଞ୍ଚାଣ୍ ବେଟି ନେଇଁସି । |

## ଉ

| | | |
|---|---|---|
| ଉଇ | : ଉଲମା | : କୁକୁଡ଼ା ଟିଅଁ ମନ ଉଲମା ଖାଇଲେ ସରି ନାମରତ୍ । |
| ଉଇଁଲା | : ବେଲ୍ ଉଦ୍‌ଲା | : ବେଲ୍ ଉଦ୍‌ଲା ବେଲେ, ବେଲ୍‌କେ ଦେଖିଲେ ଆଖି ଖରାପ୍ ହେଇସି । |
| ଉଙ୍କୁଣି | : ଉକ୍‌ନି | : ମୁଣ୍ଡେ ଉବ୍‌କା ଉକନି ରେଲେ ମୁଣ୍ଡର ବନି ରୁଇଁବାୟେ । |
| ଉଚ୍ଚ | : ଢେପ୍ | : ଆମର୍ କୋରାପୁଟ ଢେପ୍ ଥାନେ ଆଚେ । |

ଉଚ୍ଚତା : ଡେଙ୍ଗ୍ : ନାଡ଼ିଆ ଗଛ ଡେଙ୍ଗ୍ ଆଚେ ।
ଉଚ୍ଛନ୍ନ : ଛନ୍‌ଛନ୍ : ପିଲା ମାମା ଘରେ ଯିବାକେ ଛନ୍ ଛନ୍ ହେଲାନି ।
ଉତ୍ସବ : ପରବ୍ : ଆମର୍ ବଡ଼ ପରବ୍ ହେଲାନି, ପୁଷ ଆରି ଚଇତ୍ ପରବ୍ ।
ଉଠିବୁ : ଉପରକେ ଉଠବୁ : ସର୍‌କାର୍ ଆଦିବାସୀ ମନ୍‌କେ ଉପରକେ ଉଠ୍‌ବାକେ କେତେକ୍ ଯୋଜନା କଲାନି ।
ଉତ୍ତର : ଉତ୍ତର୍ : ଆମର୍ ଗାଉଁର୍ ଉତ୍ତର୍ ଦିଗେ ଥାନା ଆଚେ ।
ଉତ୍ତପ୍ତ : ତପ୍‌ଲା : ଖାରା ହେଲେ ନଦୀର ବାଲି ତପ୍‌ସି ।
ଉତ୍ତୋଳନ : ଉଡାଇବା : ଅଗଷ୍ଟ ୧୫ କେ ଆମେ ପତ୍‌କା ଉଡ଼ାଇବୁ ଆଚୁ ।
ଉଦିଆ : ଉଦିଆ : ଅମାବାସ୍ୟା ଗାଲାକେ ଏବେ ଉଦିଆ ମାସ୍ ଆଇଲା ।
ଉଦ୍ଭିଦ : ଗଛ : ଗଛ କୁଟା କାଟିଲେ ସରି ପାନି ନାମାରେ ।
ଉଦାର : ମୁକଲାଇବାଟା : ପାରୁଆ ମନ୍ ଜାଲ୍ ଭିତର୍ ଥାନୁ ମୁକିଲ୍‌ଲାୟେ ।
ଉପକରଣ : ଜିନିଷ ପତର : ଆମର୍ ଘରେ ଜବର୍ ଜିନିଷ୍ ପତର୍ ଆଚେ ।
ଉପଦେଶ : ବୁଦ୍ଧିର କାତା : ମୋକେ ବୁଦ୍ଧିର କାତା କୟ୍‌ବା ଲୋକ୍ ଗୋଟେକ୍ ମିଶା ନାଇଁ ।
ଉପହାର : ପୁରସ୍କାର : ପରିକ୍ଷା ଲଗେ ପାସ୍ କର୍‌ଲାକେ ମୋକେ ବାବା ସାଇକେଲ୍ ଗୋଟେକ୍ ପୁରସ୍କାର ଦେଲା ।
ଉପାଡ଼ି : ଝିକ୍‌ବାଟା : ଲାଟା ବୁଟାକେ ଝିକି କରି ପଦାୟେ ଫିଙ୍ଗି ଦେଲେ ମଛି ନାବସତ୍ ।
ଉର୍ବର : ଉଶାସ୍ : ଗବର୍ ଖତ୍ ବେଡ଼ା ଥାନେ ଦେଲେ ବେଡ଼ା ଉସାସ୍ ରେଇସି ।
ଉର୍ମି : ଢେଉ : ସମୁଦ୍‌ର ଢେଉ ଦେଖିଲେ ଜବର୍ ଡର୍ ଲାଗ୍‌ସି ।
ଉରୁ : ଜଂଘସ : ମୋକେ ଆଜି ଜଂଘସ ଥାନୁ ବଡ଼େ ଦୁକା ହେଲାନି ।
ଉଷା : ସାକାଲ : ସାକାଲ୍ ସାକାଲ୍ ଉଠ୍‌ଲେ ଗାଗଡ୍ ପାଇଁ ବଡ଼େ ସୁନ୍ଦର୍ ।
ଉହାଡରୁ : ଆଡ଼କାବାଟେ : କୁକଡ଼ାକେ ଦେଖି କରି କଲିଆ ଲାଟା ଥାନେ ଆଡ଼୍‌କା ହେଲା ଆଚେ ।

## ଏ

ଏକଜୁଟ୍ : ଗୋଟେକ୍‌କାତା : ସବୁ ଲୋକ୍ ଗୋଟେକ୍ କାତା ହେଇ କରି କାମ୍ କର୍‌ବାର୍ ।

| | | |
|---|---|---|
| ଏକସୁରରେ | : ଗୋଟେକ୍ ତଣ୍ଡରେ | : ସବୁ ଲୋକ୍ ଗୋଟେକ୍ ତଣ୍ଡ ନେ କଇଲେ ସବୁ କାମ୍ ହୋଇସି । |
| ଏକଭଳିଆ | : ଗୋଟେକ୍‌ପାରା | : ଲବ କୁଶ ଦୁଇ ଭାଇ ଗୋଟେକ୍ ପାରା ରେବାୟ୍ । |
| ଏକିହେଲା | : କାୟ୍‌ହେଲା | : ସିଡି କାଏ ହେଲା କେତେକ୍ ଲୋକ ରୁଣ୍ଡ୍‌ଲା ଆଚତ୍ । |
| ଏଗୁଡ଼ିକ | : ଏଟାମନ୍ | : ଏଟାମନ୍ କି କର୍ ବାୟେ । |
| ଏଣେତେଣେ | : ଏନେତେନେ | : ତୁଇ ଏନେ ତେନେ କାଇ କାଜେ ହିଣ୍ଡି ଗାଲୁସ୍‌ନି । |
| ଏଥିପାଇଁ | : ଇଟାପାଇଁ | : ଇଟାପାଇଁ ତକେ ମୁଇଁ କୟ୍‌ତେ ରେଲି । |
| ଏଣ୍ଡୁଅ | : ଟେଣ୍ଡକା | : ଟେଣ୍ଡ୍‌କା ମୁଣ୍ଡ୍ ରଂଗ୍ ରେସି । |
| ଏମିତିକା | : ଏନ୍‌ତିଟା | : ତୁଇ ଏନ୍‌ତିଟା ବୋଲି ମୁଇ ନାଜାନି ରେଲି । |
| ଏହାଫଳରେ | : ଏଟାପାଇଁ | : ଏଟାପାଇଁ ସେ ମୋକେ କୟ୍‌ତେ ରେଲା । |

## ଐ

| | | |
|---|---|---|
| ଐରାବତ | : ହାତୀ | : ଇନ୍ଦର୍ ରାଜାର୍ ହାତୀର୍ ନାଉଁ ଐରାବତ । |

## ଓ

| | | |
|---|---|---|
| ଓଠ | : ଚଣ୍ଡି / ଥମ୍‌ନି /ଅଁଟି | : ତାର୍ ଥମନି ବଡ଼େ ରଙ୍ଗ୍ ଆଚେ । |
| ଓଧ | : ବାୟଁକା | : ବାୟଁକା କୁକଡ଼ା ଧରି ଖାଇସି । |
| ଓଳିରୁ | : ଛାନିଠାନୁ ,ଅସ୍‌ନା | : ଅସ୍‌ନା ଥାନୁ ପାନି ଝରିଗାଲାନି । |
| ଓହଳିବା | : ଅଲାଇବାଟା | : ଖୁଣ୍ଟି ତାବେ ଛନା ଅଲାଇଲା ଆଚେ । |

## କ

| | | |
|---|---|---|
| କଇଥ | : କଇଠ୍ | : କଇଠ୍ ଗଛେ କୃଷ୍ଣ ମାପ୍ରୁ ଅସୁର ମନକେ ମାର୍‌ତେ ରେଲାୟେ । |
| କଇଁ ଚି | : କତ୍‌ରାନି | : କତ୍‌ରାନି ଲଗେ କପଡ଼ାକେ କାଟିକରି ଚେଡ଼ି, କାମିଜ ସିଲାୟବାର୍ ହେଇସି । |
| କଇଁଚ | : କଚିମ୍ | : ଆମର୍ ବନ୍ଧେ କଚିମ୍ ଗୋଟେକ୍ ଆଚେ । |
| କଖାରୁ | : ଖାକାରୁ | : ଖାକାରୁକେ କାଟି କରି ଶାଗ୍ ରାନ୍ଧବାୟ୍ । |
| କଚଡ଼ି | : ଘସରି ଅଦରି ଗାଲା | : ସେ କାଦ ଥାନେ ଘସ୍‌ରି ଅଦ୍‌ରି ଗାଲା । |
| କଞ୍ଚା | : କାଚା | : କାଚା ପନସ୍‌କେ ଶାଗ୍ ରାନ୍ଧି ଖାଇବାୟେ । |
| କଜଳପାତି | : ଘଲିଆ | : ଘଲିଆ ଚେଡ଼େ ଦେଖ୍‌ବାକେ କାଲିଆ ରେଇସି । |

| | | |
|---|---|---|
| କଟୁରୀ | : କଟରା | : କଟ୍‌ରା ଥାନେ ଶାଗ୍ ଡାଲ୍ କାଟ୍‌ବାର୍ ହେଇସି । |
| କଠିନ | : ଆଣ୍ଟୁଆ | : ପକ୍‌ନା ଆଣ୍ଟୁଆ ଆଚେ । |
| କଡ଼ରେ | : ପାଲିକେ | : ବାଟ୍ ପାଲିକେ ଆମର୍ ଘର୍ ଆଚେ । |
| କଢ | : ତୁଣ୍ଡି | : ଗୋଲାପ୍ ଫୁଲର୍ ତୁଣ୍ଡି ବଡ଼େ ସୁନ୍ଦର୍ ଆଚେ । |
| କଣ | : କାଇଟା | : ତୁଇ କାଇଟା କୟ୍‌ତରେଲୁସ୍ । |
| କ'ଣ | : କଣ, କାୟଟା, କାୟଟା | : ତୁଇ କାୟ୍ ଶାଗ୍ ଖାଇବୁସ୍ । |
| କଣ୍ଢେଇ | : ପୁତଲା | : ଆମର୍ ନୁନି ପୁତଲା ପରି ଦିସ୍‌ଲାନି । |
| କଦାପି | : କେବେମିଶା | : କେବେମିଶା ବଡ଼ ମନ୍‌କେ ତଣ୍ଡ୍‌କେ ତଣ୍ଡ୍ ନା କଇବାର । |
| କଣ୍ଟା | : କାଟା | : ଗଡ଼େ ଲୁଆ କାଟା ମାଣ୍ଡ୍‌ଲେ ସରି ସୁଜି ମାରାଇବାର ଆଚେ । |
| କଣ୍ଠ | : ଶଙ୍ଖନ୍‌ଲା | : ଜବର୍ କାନ୍ଦ୍‌ଲେ ସରି ଶଙ୍ଖ୍‌ନାଲା ବସିଜାଇସି । |
| କଣ୍ଠରୁଦ୍ଧ | : ତଣ୍ଟି ଟିପ୍‌ଚିପା | : ପିଲାକାନ୍ଦି କାନ୍ଦି ତଣ୍ଟି ଟିପ୍‌ଟିପା ହେଲା ଆଚେ । |
| କପୋତ | : ପାଣ୍ଡକା | : କେନ୍ଦୁ ଗଚେ ଗୋଟେକ୍ ପାଣ୍ଡକା ବସ୍‌ଲା ଆଚେ । |
| କମ୍ବଳ | : ରାଗୁ/କମଲ୍ | : ଜବର୍ କାକର୍ ଲାଗ୍‌ଲାନି ମୋକେ ରାଗୁ ଗୋଟେକ୍ ଦିଆ । |
| କମ୍ପନ | : ଥରଥର୍ | : ତାର୍ ଗାଗଡ ଥର୍ ଥର୍ ହେଲାନି । |
| କରଜ | : ବାନ୍ଧା ପକାଇବା | : ତାଙ୍କର୍ ବେଡ଼ା ଖୁଡ଼ା ବାନ୍ଧା କର୍‌ଲା ଆଚେ । |
| କରୁଣା | : ଦୟା, ଜୀବନ୍ ଦୁକାୟବାଟା | : ଭିକାରୀ ମନ୍‌କେ ଜୀବନ୍ ଦୁକାୟ୍‌ବାର୍ । |
| କବାଟ | : କପାଟ୍ | : ଏ ନୁନା କପାଟ୍ ଅଲପ୍ ଢାପ୍ ଘରେ କୁକୁର ପୁର୍‌ସି । |
| କଷଣ | : ଦୁକା, ହର୍‌ବର୍ | : ମୋର ବାବା କେତେକ୍ ହର୍‌ବର୍ ହେଇକରି ପାଠ୍ ପଢ଼ାଇଲାନି । |
| କହ | : କୟବାଟା | : ଯଗୁ ତୋର କାତା କୟ୍‌ବାଟା ଛନେକ୍ ବଦ୍‌ଲା । |
| କଲମ | : ପେନ୍ | : ଖାତା ପତର୍ ଆରି ପେନ୍ ଇସ୍କୁଲେ ଦେଲାୟନି । |
| କଙ୍କଡ଼ା | : କାକଡ଼ା | : କଲିଆ ମନ୍ କାକଡ଼ା ଖାଇବାୟ୍ । |
| କାକୁଡ଼ି | : କାକ୍‌ଡ଼ି | : କାକ୍‌ଡ଼ିକେ ଲୁନ୍ ମରିଚ୍ ସଙ୍ଗେ ଖାଇବାକେ ବଡ଼େ ସୁଆଦ୍ ଲାଗ୍‌ସି । |
| କାର୍ତ୍ତିକ | : ଦିଆଲି ମାସ୍ | : ଦିଆଲି ମାସେ ଗୋରୁ ଗାଇ ମନ୍‌କେ ଦିଆଲି ପରବ୍‌କେ ଭାତ୍ ଖୁଆଇବାୟ୍ । |
| କାନଫୁଲ | : କାନ୍‌ଫୁଲ୍ | : ଆମର୍ ନନିକେ କାନ୍‌ଫୁଲ୍ ବଡ଼େ ଡଉଲ୍ ମାନସି । |

| | | |
|---|---|---|
| କାଣ୍ଡ | : ଖେନ୍ଦା | : ଖେନ୍ଦା ଥାନେ କାଉ ବସ୍‌ଲା ଆଚେ । |
| କାନ୍ଦୁଲ | : କାନ୍ଦୁଲ୍ | : କାଚା କାନ୍ଦୁଲ୍‌କେ ଚୁନା ଗଲ୍‌ବାୟେ । |
| କାମୁଡ଼ି | : ଚାବ୍‌ବାଟା | : ରଘୁକେ ବାୟା କୁକୁର୍ ଚାବ୍‌ଲା ଆଚେ । |
| କାମୁଡ଼ିଦେଲା | : ଚାବିଦେଲା | : ବେଡ଼ା ଥାନେ ମୋକେ କାକ୍‌ଡ଼ା ଚାବିଦେଲା । |
| କାଳକାଳ | : ଯୁଗ୍ ଯୁଗ୍ | : ଯୁଗ୍ ଯୁଗ୍ ଧରି ଦେଶୀୟା ପରବ୍ ମାନଲୁନି । |
| କାହାଣୀ | : କାତାନୀ | : ମୋର୍ ଡକ୍ରୀ ବଉ ମୋକେ କାତାନୀ କଇଦେଇସି । |
| କିଛିକ୍ଷଣ | : ଛନେକ୍‌ପାରା | : ଛନେକ୍ ପାରା ଥେବ ମୁଇଁ ତୋର୍ ସଙ୍ଗେ ଆୟ୍‌ବି । |
| କିଛି ବାଟ୍ | : ଖଣ୍ଡେକ୍ ଦୂର୍ | : ସେ ଖଣ୍ଡେକ୍ ଦୂର ଗାଲାଆଚେ । |
| କେଉଁଠୁ | : କନ୍‌ଥାନୁ | : ତୁଇ କନ୍‌ଥାନୁ ଏଗାଡ଼ି ଘେନି ଆନ୍‌ଲୁସ୍ । |
| କେଉଁଥିରେ | : କାୟ୍‌ଟାଲଗେ | : ତୁଇ କାୟ୍‌ଟା ଲଗେ ଖାଇଲୁସ୍ । |
| କେତୋଟି | : କେତ୍‌ଟା | : ଗଛେ କେତ୍‌ଟା ଆମ୍ ପାଲୋ ଆଚେ । |
| କେଉଁଠିକି | : କନ୍ତି | : ତୁଇ କନ୍ତି ପାଠ୍ ପଡ଼୍‌ଲୁସ୍‌ନି । |
| କେବଳ | : ଅବ୍‌କା | : ଆଜି ଆୟା ଅବ୍‌କା ଭାତ୍ ରାନ୍ଧ୍‌ଲା ଆଚେ । |
| କୋଇଲି | : କୁମ୍ହାଟି | : କୁମ୍ହାଟି କୁକ୍‌ଡ଼ା ପାରା ରେଇସି । |
| କୋକିଶିଆଳ | : କେଣ୍ଡରା, କଲିଆ | : ଶୀତ୍ ମାସେ ପେଣ୍ଡରା କଲିଆ ବଡ଼େ କାନ୍ଦା ବାନ୍ଧ୍‌ବାୟେ । |
| କଠୋର ସାଧନ | : ବେଶି କଷ୍ଟ | : ମୁଇଁ ଜବର କଷ୍ଟ କରି ମିସ୍ତ୍ରୀ କାମ୍ ଶିଖ୍‌ଲି । |
| କୌଶଳ | : ଚାଲାକ୍ | : କଲିଆ ଜବର୍ ଚାଲାକ୍ ତାନେ କୁକଡ଼ା ଧରସି । |
| କୃମି | : କୁର୍‌ମିକିଡ଼ା / କେଚୁଆ | : ପେଟେ କେଚୁଆ ହେଲେ ଗାଗଡ଼୍ ନସିଯାଇସି । |
| କୃଷକ | : ଚାଷୀ | : ଆମର୍ ଚାଷୀମନ୍ ଧାନ୍‌ଚାଷ କର୍‌ବାୟ୍ । |
| କୃଷ୍ଣପକ୍ଷ | : ଆନ୍ଧାର୍ ଦିନ୍ | : ଉଆଁସ୍ ଦିନେ ବଡ଼େ ଆନ୍ଧାର୍ ହେଇସି । |
| କ୍ରମରେ | : ସରଲଂଗା | : ନିଲଗିରି ଗଛ ସର୍‌ଲଂଗା ବାଡ଼୍‌ସି । |
| କ୍ଲେଶ | : ଦୁକା | : କେଡେ ଦୁକା ଶୁକା ଆନେ ତାର୍ ପିଲାକେ ସେ ରାଣ୍ଡି ମାଇଁଜି ପଷ୍‌ଲା । |
| କିଣାବିକା | : ଘେନାଚିନା | : ହାଟେ ସବୁ ଜିନିଷ୍ ଘେନାଚିନା ହେଇସି । |
| କିରଣ | : ତାରାସ୍ | : ଜନର୍ ତାରାସ୍ ଉଜଲ୍ ଦିଶସି । |
| କୁଆଡ଼େ | : କନ୍‌ବାଟେ | : ଆଜି କାଲି ତୁଇ କନ୍‌ବାଟେ ଯିବୁସ୍ । |
| କୁଣ୍ଡାଇବା | : ଖଜାଇବା | : ଗାଗଡ଼୍ ଖଜାଇଲେ ଓଷ ଲଗାୟ୍‌ବାର୍ । |
| କୁଦା | : ଡିଆଁ | : ମାଙ୍କଡ଼ି ମନ ଏଡାଲେ ସେ ଡାଲେ ଡିଆଁ ମାର୍‌ଲାନି । |

| | | |
|---|---|---|
| କୁଳ | : ବଂଶ | : ବଂଶର ଗୋଟେକ୍ ଗୋଟେକ୍ କାତାନି ଆଚେ । |

## ଖ

| | | |
|---|---|---|
| ଖଇ | : ଫୁଲାଲିଆ | : ଫୁଲାଲିଆର ଲାଡୁ ଖାଇଲେ ବଡ଼େ ସୁଆଦ୍ ଲାଗ୍‌ସି । |
| ଖର୍ଚ୍ଚ | : ଖରଚ୍ | : ପରବ୍ ମାନ୍‌ବାକେ ଜବର୍ ଡାବୁ ଖରଚ୍ ହେଇସି । |
| ଖଜୁରୀ | : ଖାଜରୀ / ଖଜ୍‌ରୀ | : ଖାଜ୍‌ରୀ କୋଲି ବଡ଼େ ସୁଆଦ ଲାଗସି । |
| ଖଟ | : ଖାଟ୍ / ଖଟ୍ | : ବର୍ଷା ମାସେ ତଲେ ନଶଇ ଖାଟ୍ ଲଗେ ଶଇବାର୍ । |
| ଖଡ଼ି | : ଖଡ଼ି | : ପିଲାମନ୍ ପାଟା ଥାନେ ଖଡ଼ି ଲଗେ ଲେଖ୍‌ବାୟେ । |
| ଖଟା | : ଆମ୍‌ଲି | : ତେତଲି ଜବର୍ ଆମଲି ଆଚେ । |
| ଖମ୍ବଆଳୁ | : ଲଙ୍ଗଲକାନ୍ଦା | : ଲାଙ୍ଗଲ୍ କାନ୍ଦା ଚାଷ କଲେ ଭଲ୍ ହେଇସି । |
| ଖରା | : ଖାରା | : ଖାରା ଖାରା ବୁଲ୍‌ତେ ରେଲେ ଗାଗଡ଼୍ ନସ୍‌ସି । |
| ଖବର | : ଖବର୍ | : ମୁଇଁ ମାମା ଘରେ ଜାଇ କରି ଖବର୍ ଦେବାର୍ ଆଚେ । |
| ଖସଡ଼ା | : ବିଚଲ୍ | : ପକ୍‌ନା ବଡ଼୍ ବିଚଲ୍ ଆଚେ ମୁଇଁ ଅଦ୍‌ରି ଗାଲି । |
| ଖସିଗଲା | : ଖସରିଗାଲା | : ବାଟେ ହିଣ୍ଡଲା ବେଲେ ମୋର୍ ଗୋଡ଼୍ ଖସ୍‌ରିଗାଲା । |
| ଖାଦ୍ୟ | : ଖାଦି | : ବର୍ଷାଦିଦେ ଖାଦି ରେଲେ ନିମାନ୍ ହୋଇସି । |
| ଖୁଡ଼ି | : ନିନିମା | : ମୋର୍ ନିନିମାର୍ ନାଉଁ ଭଗ୍‌ବତି । |
| ଖୁସି | : ସାର୍‌ଦା | : ବିବା ଘରେ ପିଲାଟକି ମନ୍ ବଡ଼େ ସାର୍‌ଦା ହେଇକରି ନାଚ୍‌ବାୟ୍ ଆଚତ୍ । |
| ଖେଳ | : ଖେଲ୍ ପଡ଼ିଆ | : ପିଲାମାନ୍ ଖେଲ୍ ପଡ଼ିଆ ତାନେ ଖେଲ୍ ଖେଲ୍‌ବା ଆଚତ୍ । |
| ଖେଳନା | : ଖେଲ୍‌ବାଟା | : ସାନ୍‌ଟା ଟକି ପୁତ୍‌ଲା ଗୋଟେକ୍ ଧେରି ଖେଲ୍‌ଲାନି । |
| ଖୋଳ | : ଖପ୍‌ରି | : କଟିମ୍ ତାର୍ ଖପ୍ରି ଭିତ୍‌ରେ ରେଇସି । |
| ଖୋଲିଦିଅ | : ମେଲାକରିଦିଆ | : କୁକୁଡ଼ା ମନ୍ ଘରେ ପୁରବାୟେ କବାଟ୍ ମେଲାକରି ଦିଆସ୍ । |

## ଗ

| | | |
|---|---|---|
| ଗଛଡାଳୁ | : ଗଛ୍ ଡାଳନୁ | : ମାଙ୍କଡ଼୍ ଗଚ ଡାଲ୍‌ନୁ ଡଗାୟ୍‌ଲାୟେ । |
| ଗଠନ୍ | : ବନାୟବାଟା | : ବାଡାୟ୍ କପାଟ୍ ବନାୟ୍‌ଲାନି । |

| | | |
|---|---|---|
| ପଡ଼ିଆ | : ନାଲ୍, ବନ୍ଧ | : ବନ୍ଧ ଥାନେ ମାଛ ମାନ୍ ରେବାୟ୍ । |
| ଗାଧୁଆ ପାଧୁଆ | : ପାନି ଆଇବାଟା | : ମୁଇଁ ପାନି ଧଇବାକେ ବନ୍ଦେ ଯିବି ଆଚି । |
| ଗନ୍ଧ | : ବାସ୍‌ନା, ଗନ୍ଧ | : କୁକୁର୍ ମର୍‌ଲା ଆଚେ ବଡ଼େ ଗନ୍ଧ୍ ହେଲାନି । |
| ଗଞ୍ଜା | : କୁକୁଡ଼ା ଗାଞ୍ଜା | : କୁକୁଡ଼ା ଗାଲି ଆନେ ଗାଞ୍ଜା ନେଇକରି ଖେଲାୟ୍‌ବାୟ୍ । |
| ଗଣ୍ଠି | : ଗଟି | : ଗଟି ନିକ କରି ବାନ୍ଧ୍ ନୟ୍‌ଲେ ଖସ୍‌ରି ଜାଇସି । |
| ଗୋରୀ | : ପାଣ୍ଡରୀ | : ସେ ଟକି ଗୋଟେକ୍ ବଡେ ପାଣ୍ଡ୍‌ରି ଆଚେ । |
| ଗହନ ବନ | : ଜବର କମନ୍ | : ଆମର୍ ଗାଁମୁଣ୍ଡେ ଗୋଟେକ୍ ବଡ଼ କମନ୍ ଆଚେ । |
| ଗାତ | : ବିଲ୍ | : ବିଲ୍ ଲଗେ ମୂଷା ରେବାୟ୍ । |
| ଗାଡ଼ିଆ | : ଡବ୍‌ରା | : ଆୟ୍ ଥାନେ ବଡ଼େଟା ଡବ୍‌ରା ଗୋଟେକ୍ ଆଚେ । |
| ଗାଣ୍ଟିଆ | : ପୁଡ଼ା | : ସେ ଗୋଟ୍ ପୁଡ଼ା ବିସ୍କୁଟ୍ ଧର୍‌ଲା ଆଚେ । |
| ଗାମୁଛା | : ଗାମ୍‌ଚ୍ଛ | : ଆଗେ ପରବ୍ ଆଚେ ଗାମ୍‌ଚ୍ଛ ଗୋଟେକ୍ ଘେନ୍‌ବାର୍ ଆଚେ । |
| ଗ୍ରୀଷ୍ମ | : ଖାରା | : ଖାରାଦିନେ ଭୂଇଁ ମନ୍ ଟାଙ୍ଗରା ହେଇସି । |
| ଗୁଳୁଗୁଳି | : ଘୁମଘୁମା | : ଘୁମଘୁମା ହେଲେ ଆମ୍ ପାଚସି । |
| ଗୁହାରି | : ଗୁଆରବାର୍ | : ମାପ୍ରୁକେ ମନର୍ କାତା ଗୁଆର୍ ବାର୍ । |
| ଗେଣ୍ଡା | : ଗୁଲି | : ରକତ୍ ବନ୍ଦାଡ୍ ହେଲେ ଗୁଲି ଖାଇଲେ ଛାଡ଼ସି । |
| ଗୋଧି | : ଗିର୍‌ନା | : ଗିର୍‌ନା ଚାବ୍‌ଲେ ଜବର ବିଷ୍ ହେଇସି । |
| ଗୋପାଳକ | : ଗାୟ୍‌ଗଉଡ୍ | : ଗାଁର୍ ସବୁ ଲୋକର୍ ଗାୟ୍ ଗୋରୁକେ ଗଉଡ୍ ଚରାୟ୍‌ସି । |
| ଗୋଦାମ୍ | : ଗୁଦାମ୍ | : ଗୁଦାମ୍ ଘରେ ଚଉଲ୍ ସଙ୍ଗାୟ୍‌ବାୟ୍ । |
| ଗ୍ରନ୍ଥ | : ବଡ଼ବହି | : ତାଲ୍ ପୁସ୍ତକ୍ ଗୁଣିଆ ମନ୍ ଲଗେ ଆଗେ । |

## ଘ

| | | |
|---|---|---|
| ଘଟ | : ପାତ୍‌ଲି | : ପାତ୍‌ଲି ଆନେ ମଣ୍ଡିଆ ପେଜ୍ ବନାୟ୍ ବାୟ୍ । |
| ଘାଇ | : ଇଟାନ୍ | : ମୋକେ ଗୋଟେକ୍ ଉଟାନ୍ ହେଲାଆଚେ । |
| ଘାଇଲା | : କାବ୍‌ରା | : ସାଇକେଲ୍ ଥାନୁ ଅଦ୍‌ରି ରାମୁ ଖାଣ୍ଡିଆ କାବ୍‌ରା ହେଲା ଆଚେ । |
| ଘୋଷାରି | : ଅରଗଡ଼ି ନେବାଟା | : ବାଘ୍ ଛେଲିକେ ଆର୍‌ଗଡ଼ି ନେଲା ଆଚେ । |

## ଚ

| | | |
|---|---|---|
| ଚକିପେଷା | : ଯାତା | : ଯାତା ଲଗେ ମଣ୍ଡିଆ, ବିରି, କୋଲଥ ମନକେ |

ଘୁର୍‌ବାୟେ ।

| | | |
|---|---|---|
| ଚଟୁ | : ଚ଼ଟୁ | : ଚ଼ଟୁ ଲଗେ ଭାତ୍, ବାଟା କର୍‌ବାୟେ । |
| ଚଳ ପ୍ରଚଳ | : ହିଣ୍ଡାବୁଲା | : ତକ୍‌ରା ଲୋକ୍ ମନ୍ ଜବର୍ ହିଣ୍ଡା ବୁଲା ହେଇ ନାପାରତ । |
| ଚ଼ଉଳ | : ଚ଼ଉଲ୍ | : ଅରୁଆ ଚ଼ଉଲର୍ ଭାତ୍ ଡଉଲ୍ ଲାଗ୍‌ସି । |
| ଚାକର | : କାବାଡ଼ି /ଗତି | : ରଘୁ, ସାଉଁକାର ଘରେ କବାଡ଼ି ଆଚେ । |
| ଚ଼ଖୁଛି | : ଚ଼କ୍‌ଲାନି | : ସେ ସାଗ୍ କେନ୍ତା ଆଚେ ବୋଲି ଶାଗ୍‌କେ ଚ଼କ୍‌ଲାନି । |
| ଚ଼ଖଣ୍ଡ | : ବିତା | : ଦୁଇ ବିତାକେ ଏକହାତ୍ । |
| ଚ଼ନ୍ଦ | : ଜନ୍ | : ଜନ୍ ଉଦଲେ ଘର୍ ଦ୍ୱାର୍ ବଡ଼େ ସୁନ୍ଦର୍ ଡିସ୍‌ସି । |
| ଚ଼ବୁକ | : କର୍‌ଡ଼ା | : କରଡ଼ା ସଙ୍ଗେ ମାର୍‌ଲେ ଜବର ଦୁକ୍‌ସି । |
| ଚିଙ୍ଗୁଡ଼ି | : ଚିଙ୍ଗଡ଼ି | : ଚିଙ୍ଗ୍‌ଡ଼ିକେ ଝଲ୍ କର୍‌ଲେ ବଡ଼େ ସୁଆଦ୍ ଲାଗ୍‌ସି । |
| ଚିରା | : ଫାଟଲା | : ସେ ଫାଟ୍‌ଲା ଲୁଙ୍ଗି ପିନ୍ଦ୍‌ଲା ଆଚେ । |
| ଚୂନାମାଛ | : ଗୁଣ୍ଡମାଛ | : ଗୁଣ୍ଡ୍‌ମାଛ ଖାଇଲେ ସରି ରକତ୍ ହେଇସି । |
| ଚେତା | : ହେତୁ | : ମୋକେ ତୋର୍ କାତା ବଡ଼େ ହେତୁ ଆୟ୍‌ଲାନି । |

## ଛ

| | | |
|---|---|---|
| ଛତୁ | : ଛାତି | : ଛାତିକେ ସାଗ୍ ରାନ୍ଦି ଖାଇବାୟ୍ । |

## ଜ

| | | |
|---|---|---|
| ଜାଳ | : ଜୟଧେରାୟେବା ଦାରୁ | : ସର୍‌ଗି ଗଛ୍‌କେ ଜୟ୍ ଲାଗାୟ୍‌ବାର ହେୟ୍‌ସି । |

## ଝ

| | | |
|---|---|---|
| ଝିପିଝିପି | : ବୁରିପାନି | : ବୁରି ପାନି ବିଜ୍‌ଲେ ସରି ଜର୍ ହେୟ୍‌ସି । |
| ଝୁଣ୍ଟି ପଡ଼ିବା | : ଝଟାଇବା | : ସେ ଯାଉ ଯାଉ ବାଟେ ଝଟାୟ୍‌ଲା । |

## ଟ

| | | |
|---|---|---|
| ଟୋପି | : ଟୋପ୍‌ରି | : ଖାରାଦିନେ ଟୋପି ପିନ୍ଦି ବୁଲ୍‌ବାର୍ । |

## ଠ

| | | |
|---|---|---|
| ଠାବ୍ | : ଖଜ୍‌ବାଟା | : ତକେ କେତେକ୍ ଖଜ୍‌ଲି ତୁଇ କନ୍ତି ଜାଇ ରେଲୁସ୍ । |
| ଠେକୁଆ | : ଖାଡ଼ା | : ଖାଡ଼ା ମନ୍ ବନେ ରେବାୟ୍ । |

## ଡ

| | | |
|---|---|---|
| ଡଙ୍କି | : ଅନ୍‌କା | : ଅନ୍‌କା ଲଗେ ପେଜ୍ ଡୁମି ଖାଇବାୟ୍ । |
| ଡରିଗଲା | : ଡରିଗାଲା | : ସେ ବାଲୁକେ ଦେଖ୍‌ଲା ଆରି ଡରିଗାଲା । |
| ଡାମ୍ପଣ | : ଢାପନ୍ | : ଢାପନ୍ ଲଗେ ବାସ୍ତା ସିଲାୟ୍‌ବାୟ୍ । |

## ତ

| | | |
|---|---|---|
| ତଉଲିଆ | : ତୁଆଲ୍ | : ତୁଆଲ୍ ପିନ୍ଧି କରି ବନ୍ଧାଡ଼ ଯିବାୟେ । |
| ତରଳଝାଡ଼ା | : ପାନିଆ ବନ୍ଧାଡ଼ି | : ପାନିଆ ବନ୍ଧାଡ଼ ହେଲେ କସି ଜାମ୍ ଖାଇଲେ ବନ୍ଧାଡ଼୍ ଛାଡ୍‌ସି । |
| ତଲଓ୍ୱାର୍ | : ଖାଣ୍ଡା | : ଆମର୍ ଘରେ ବଡ଼େ ଟା ଖାଣ୍ଡା ଗୋଟେକ୍ ଆଚେ । |
| ତାପରଠୁ | : ତାର୍‌ପଚେ | : ମୁଇଁ ସାକାଲ୍ ବେଲା ଇସ୍କୁଲ୍ ଗାଲିନୀ ଆରି ତାରପଚେ ଘରେ ଆୟ୍‌ବି ଆଚି । |
| ତେରଛା | : ବାକ୍‌ଟି, ଟେଡାମେଡ଼ା | : ସେ ମୋକେ ଟେଡ଼ାମେଡ଼ା କାତା କୟ୍‌ଲାନି । |
| ତୋରଣ | : ମାଲା | : ମନ୍ତ୍ରିକେ ଫୁଲ ମାଲା ପିନ୍ଧାୟ୍‌ଲାୟ୍ । |
| ତୋରାଣୀ | : ତୁରାନୀପାନି | : ତରାନୀପାନି ଧବ୍ ରେୟ୍‌ସି । |
| ତୃଣଭୋଜୀ | : ଘାଁସ୍‌ଖାଉ | : ସମର୍ ଗୋଟେକ୍ ଘାଁସ୍ ଖାଉ ପଶୁ । |
| ତୁରୀ | : ମଉରୀ | : ବିବାଘରେ ମହୁରିଆମନ୍ ମଉରୀ ବଜାୟ୍‌ଲାୟ୍‌ନି । |

## ଥ

| | | |
|---|---|---|
| ଥକି | : ଧାକି | : ସେ ବେଡ଼ା ଖୁଡ଼ାର୍ କାମ କରି ଜବର ଥାକଲା ଆଚେ । |
| ଥଳି | : ମୁନା | : ମୁନା ଭର୍ତ୍ତି ଆମ୍ ଆଚେ । |

## ଦ

| | | |
|---|---|---|
| ଦରିଆରେ | : ସମ୍‌ଦୁର ଲଗେ | : ସମୁଦର ଲଗେ ବଡ଼୍ ବଡ଼୍ ମାଛ ମନ୍ ରେବାୟ୍ । |
| ଦର୍ଶନ | : ଦେଖ୍‌ବାଟା | : ଆଜି ମାପ୍ରୁ ଦେଖ୍‌ବାକେ ଯିବୁ ଆଚୁ । |
| ଦାଆ | : ଇଲା | : ଇଲା ସଙ୍ଗେ ଧାନ୍ କାଟ୍‌ବାୟ୍ । |
| ଦୁଇପ୍ରାନ୍ତ | : ଦୁଇଛେଦେ | : ଆମର ଗାଁର ଦୁଇ ଛେଦେ ବନ୍ଦ୍ ମନ୍ ଆଚେ । |
| ଦୁଇଫାଳ | : ଦୁଇଫାଡ଼ା | : ଆମ୍‌କେ ଦୁଇ ଫାଡ଼ା କରି ଆନ୍ । |
| ଦୁଧ | : କ୍ଷୀର/ଗରସ୍ | : କ୍ଷୀର ଖାଇଲେ ଗାଗଡ୍ ଠିକ୍ ରେୟ୍‌ସି । |
| ଦେଶ | : ଦେଶ | : ଆମର୍ ଦେଶର୍ ନାଉଁ ଭାରତ୍ । |

## ନ

| | | |
|---|---|---|
| ନଅ | : ନ | : ଆମର୍ କିଲାସେ ମଟାପିଲା ଆଚୁ । |
| ନଡ଼ିଆ | : ନଡ଼ିଆ | : ଆମର୍ ଘର୍ ନଡ଼ିଆ ଗଛ୍ ବଡେ ଡେଙ୍ଗ୍ ଆଚେ । |
| ନଣନ୍ଦ | : ନନଦ | : ମୁନୁସର୍ ସାନ୍‌ଟା ବୟ୍‌ନିକେ ନନବ୍ ବଲ୍‌ବାୟ୍ । |
| ନଷ୍ଟ କରିବା | : ନସ୍ | : ରାୟ୍‌ଗରୁ ବାଡ଼ି କିଡ଼ିକେ ନସାୟ ଦେଲାୟ୍ । |
| ନାହିଁ କରିବା | : ନାଇଁକର୍ | : ଖରାପ୍ କାମ୍ ମନ୍ ନାର୍‌କର୍ ବାର୍ ଆୟ୍ । |
| ନାଏକାଣୀ | : ନାଇକାନି | : ନାଏକର୍ ବାୟ୍‌ଲେ କେ ନାରକାନି ବଲ୍‌ବାୟ୍ । |
| ନାମ | : ନାଁଓ | : ତର୍ ନାଆଁ କାୟ୍ ନାଁ ଆୟ୍ । |
| ନାକ | : ନାକ୍ | : ନାକ୍ ଲଗେ ସୁଙ୍ଗ୍‌ବାକେ ଏସି । |
| ନାକ ଦଣ୍ଡା | : ଦଣ୍ଡା | : ନାକ୍ ଦଣ୍ଡା ପୁଟ୍‌ଲେ ବନି ବାର୍‌ସି । |
| ନାକୁଆ | : ନାକ୍‌ଟି | : ପିଲାର୍ ନାକ୍ ଟିପେ ନାକ୍‌ଟି ଲାଗ୍‌ଲା ଆଚେ । |
| ନାଗସାପ | : ନାଗ୍ | : ନାଗ୍ ସାପର୍ ଜବର୍ ବିଶ୍ ଆୟ୍ । |
| ନାଗେଶ୍ୱରୀ(ବାଦ୍ୟ) | : ନାଗ୍‌ସେରି | : |
| ନୃତ୍ୟ, ନାଚ | : ନାଟ | : ଆମର୍ ଗାଏଁ ରାତି ନାଟ୍ ଏତେରେଲା । |
| ନାତି | : ନାତି | : ଆଜା ନାତି ମନ୍‌କେ କତାନି ସୁନାୟ୍‌ତେରେଲା । |
| ନାତୁଣୀବୋହୂ | : ନାତିଆନି | : |
| ନନା | : ନାନା | |
| ନାଭି, ନାହି,ନାଡ଼ି | : ନାବ୍ | |
| ନାଳ | : ନାଲ୍ | |
| ନିମନ୍ତ୍ରଣ | : ନିଉତା | |

ନିଜେ/ନିଜର/ନିଜେ : ନିଜ୍
ନିଦା : ନିଦା
ନିନ୍ଦା : ନିନ୍ଦା
ନିଲିୟା : ନୀଳ
ନିସ୍ତେଜ : ନିସ୍ୱତାୟି
ନିଶୁଣି : ନିସନି ଡାଙ୍
ନୂଆଁ : ନୁଆ
ନିଅ : ନେଂ

## ପ

ପାଉଁଜି : ପଉଁରି
ପାଚିବା ପଚିବା : ପକ
ପରି : ପକି
ପଛ : ପଚ
ପଛ ଭାଗ (ଘରର): ପଚ୍
ପହଞ୍ଚିବା : ପଁଚ୍
ପେଟ : ପଟା
ପାଣିରେ ତିନ୍ତି ନଷ୍ଟ ହେବା : ପଟମ୍
ପୌଷ ମାସ : ପଡ଼୍
ପଣ୍ଡିତିଆ : ପଣ୍ଡିତ-କରିୟା
ପଢ଼ : ପଡ଼୍
ପତ୍ର, ପୃଷ୍ଠା : ପତର୍
ପାପୁଲି : ପଦମ୍
ପାପୁଲିଏ (ଜିନିଷ): ପଦମେକ
ପନ୍ଦର : ପଁଦର୍
ପଣସ : ପନସ
ପବିତ୍ର : ପବିତ୍
ପରଲୋକ : ପର୍
ପହଁରିବା : ପଁର୍
ପରବର୍ଷ : ପରୁ

| | | |
|---|---|---|
| ତେଲ ଓ ମସଲା | : | ପରଝିଜା |
| ପରିବା କାଟିବା | : | ପଁଲ୍ |
| ପରିବା କାଟିବା | : | ପଁଲ୍ |
| ପ୍ରବାଳ ପୋହଳା | : | ପଁଲା |
| ପଲଖା | : | ପଲ୍କା |
| ପାଇବା | : | ପା |
| ସୈନିକ | : | ପାଇକ୍ |
| ପାଦ, ପାହୁଲ | : | ପାଉ/ପାଉଲା |
| ପ୍ରହରି, ଜଗୁଆଳି | : | ପାଉରା |
| ପାଖରେ | : | ପାକ |
| ପାଖୁଡ଼ା | : | ପାକ୍ଡ଼ା |
| ପଥର | : | ପଗଡ଼ି |
| ପାକୁଳି କରିବା | : | ପାଗଲ୍ |
| ପାଚିବା | : | ପାଚ୍ |
| ପାଞ୍ଚ | : | ପଁଚ୍ |
| ପାଞ୍ଚିବା | : | ପାଁଚ୍ |
| ପଚାରିବା | : | ପାଚାର୍ |
| ପତଳାବସ୍ଥ,ପାଞ୍ଚି | : | ପାଁଚିଆ |
| ଧାର କରିବା | : | ପାଜାଇ |
| ପାଞ୍ଜି | : | ପାଁଜି-ପତର୍ |
| ପଞ୍ଜରା | : | ପାଁଜ୍ରା |
| ପଠେଇବା | : | ପାଟାଇ |
| ପଟା, ମହି | : | ପାଟା |
| ପଟା | : | ପାଟିଆ |
| ପଡ଼ିଆ ଜମି | : | ପଡ଼ିଆ-ପଦା |
| ପତଳା | : | ପାତଲ୍ |
| ପାଦ | : | ପାଦ୍ |
| ପକ୍ଷୀ ଧରିବା ଫାସ | : | ପାଁଦ୍ |
| ପାଣି, ବର୍ଷା | : | ପାନି |
| ପାନିଆ | : | ପାନିଆ |
| ପାପ | : | ପାପ୍ |

ପାହାଡ଼ : ପାବ୍‌ଲି
ପାରିବା : ପାର୍
ପରି : ପାରା
ପାଲାଇ : ପାରା
ପାଲାଇ : ପଳେଇବା
ପାଳି : ପାଲି
ପାଲ୍‌ଟା ଦେବାର : ପାଲ୍‌ଟୁ
ପାଳଧୂଆ : ପାଲଦା
ପଛକୁ ଚାହିଁବା : ପାସ୍‌ଲିଦେକ୍
ପିଚକାର : ପିଚକାନଲା
ପାଗଳ : ପିଚ୍‌ସି ବାଯ୍ଯା
ପିଟ୍ : ପିଟିବା
ପିଟଣା : ପିଟଣା
ପିତ୍ତ, ପିତ୍ତରସ : ପିତ୍
ପିତଳ : ପିତଲ
ପିତୃପୁରୁଷ ଆସ୍ଥାନ: ପିଦର୍
ପିନ୍ଧିବା : ପିଁଦ୍
ପ୍ଲୀହା : ପିରା
ପୁଆ : ପିଲ୍‌କା
ପିଲା, ଶିଶୁ : ପିଲା
ପୋଛିବା : ପୁଚ୍
ପୂଜକ : ପୂଜାରି
ପୂଜ : ପୁଜ୍
ପୁଡ଼ିଆ : ପୁଡଗା
ପ୍ରବେଶ କରିବା : ପୁର୍
ପୁରାଇବା : ପୁରାଇ
ପୂର୍ଣ୍ଣ : ପୁରନ୍
ପୁରୁଣା : ପୁର୍‌ନା
ପଦ୍ମ : ପୁରନି
ପୁଷମାସ : ପୁସ୍
ପେଜ, ଜାଉ : ପେଜ୍

| | | |
|---|---|---|
| ପେଟ | : | ପେଟ୍ |
| ପେଣ୍ଡା, ପେନ୍ଥା | : | ପେଣ୍ଡା |
| ପିତୁଆ | : | ପେଣ୍ଡି |
| ପଠେଇବା | : | ପେସ୍ |
| ପେଷଣ | : | ପେସନ୍ |
| ପାଚିବା, ପରିପକ୍ୱ | : | ପୋକ୍ତା |
| ପୋଡ଼ିବା,ଜାଳିବା | : | ପୋଡ୍ |
| ପୋଥି | : | ପୋତି |
| ପୋଷିବା | : | ପୋସ୍ |
| ପୋଷ୍ୟପୁତ୍ର | : | ପୋସୁଆ ପୋ |

## ବ

| | | |
|---|---|---|
| ବଳା | : | ବଇଟା |
| ବଧିର | : | ବଇରା |
| ବୈଶାଖ | : | ବଇସାକ୍ |
| ବାଘୁଆ ମାଛି | : | ବାଗ୍ |
| ବଗ | : | ବକ୍ |
| ଗଛଛେଲି/ବକଳ | : | ବକୁଲ୍ |
| ପରିହାସ କରିବା | : | ବକର୍ |
| ବୁକୁଚ୍ | : | ବଟକା |
| ବଢ଼େଇବା | : | ବଢ଼ |
| ବୟସ୍କ, ବଡ଼ | : | ବଡ଼ |
| ବରଗଛ | : | ବଡ ଗାଚ୍ |
| ବଡ଼ବାପା | : | ବଡ଼୍ |
| ବୋଡ଼ା ସାପ | : | ବଡ଼-ସାପ୍ |
| ବନ୍ସୀ | : | ବଡସି |
| ପରି, ବତ୍ | : | ବତର୍ |
| ବତର | : | ବତର୍ |
| ବଦଳେଇବା | : | ବଦଲ୍ |
| ବ୍ରଣ | : | ବରଟ୍ |

ଦଉଡ଼ି, ବ୍ରତ : ବରତ୍
ବହିଯିବା/ଭାସିଯିବା: ବଲ୍
ବିପଦପୂର୍ଣ୍ଣ : ବୟି
ବସ୍ : ବସିବା
ବାଇଗଣ : ବାଇଗନ୍
ବାହାରିଆ : ବାଉରି
ବାଉଁଶ : ବାଁଉସ୍
ବଙ୍କା : ବାଁକ୍/ବାଁକ୍ଟି
ବଙ୍କାଇବା : ବାକାଇ
ବଖରା : ବାକା
ବାଘ : ବାଗ୍
ବାଘ ଉପଦ୍ରବ : ବାଗାଇ
ଫଟା : ବାଗ୍ରା
ବିସ୍ତାର କରିବା : ବାଗଲାଇ
ବାଛିବା : ବାଚ୍
ବାଛି ବାହାର : ବାଚଲି
ବାଛୁରି : ବାଚ୍ଚ
ବାଜା ବଜାଇବା : ବାଜ୍

## ଭ

ଭଲ : ନିକ
ଭଉଣୀ : ଭଇନୀ
ଭକୁଆ : ଖେତା / ଭେଲ୍କା
ଭ୍ରମର : ଭଅଁରା କିଡ଼ା
ଭଙ୍ଗା : ଫାଟ୍ଲା
ଭାଦ୍ରବ ମାସ : ଭଦ ମାସ୍
ଭଜା : ଭାଜା
ଭାବିବା : ହେତୁ କରିବା
ଭେଳିକି : ଥେରେପେତେ
ଭାଉଜ : ବଉ

| | | |
|---|---|---|
| ଭିଣୋଇ | : | ଭାଟ |
| ଭାରିଯା | : | ମାଇଜି |
| ଭିତରକୁ | : | ଭିତ୍‌ରେ |
| ଭକ୍ଷକ | : | ଖାଉ |
| ଭୁତ | : | ଡୁମା |
| ଭିକ୍ଷା | : | ଭିକ୍ |
| ଭୟ | : | |
| ଭୂମି | : | |
| ଭାଇ | : | ନାନା / ନୁନା |
| ଭୋକ | : | ଭୁକ୍ |
| ଭାସ୍ୟକାର | : | କାତାକଉ |
| ଭୋଗ | : | ଭଗ୍ |
| ଭଡ଼ାଘର | : | ଭାଡ଼ାଘର |
| ଭଣ୍ଡାରି | : | ଭାଣ୍ଡାରୀ |
| ଭତା | : | ପିଚ୍‌ନୀ |
| ଭିନ୍ନ | : | ଭିନେ |
| ଭଦ୍ରାମି | : | ଲେକା ସୁର୍‌ତା |
| ଭୟଶୀଳ | : | ଡରିବା |
| ଭଣଜା | : | ଭଞ୍ଜା |
| ଭାଗ୍ୟ | : | କରମ୍- କପାଲ୍ |
| ଭାତୁଡ଼ି | : | ଚାମ୍‌କିଡ଼ି |
| ଭାରି | : | ଓଜନ |
| ଭାରୁଆ | : | କାଉଡିଆ |
| ଭାସିବା | : | ପଙ୍ଗିବା |
| ଭିଡ଼ିବା | : | ଝିକିବା |
| ଭିଡ଼ିଭାଡ଼ି | : | ଝିକାଟଣା |
| ଭିତିହୀନ | : | ପାଙ୍ଗୁଆ (ମାହାଳିଆ) |
| ଭେଣ୍ଡା | : | ଭେଣ୍ଡିଆ / ଧାଙ୍ଗ୍‌ଡା |
| ଭାଡ଼ି | : | ମଞ୍ଚା, ମଚା |

# ମ

| | | |
|---|---|---|
| ମକା | : | ଜନା |
| ମାଙ୍କଡ଼ | : | ମାକଡ୍ |
| ମନୁଷ୍ୟ | : | ନରାମାନେ |
| ମମତା | : | ଲାଡ୍ |
| ମାଟି | : | ଭୂଇଁ |
| ମାଆ | : | ଆୟା |
| ମାସ | : | ମାସ୍ |
| ମଥା | : | କପାଲ୍ |
| ମଝିରେ | : | ମଜାଏ |
| ମୟୁର | : | ମଜୁର୍ |
| ମାଂସ | : | ମାଉସ୍ |
| ମତେ | : | ମକେ |
| ମନ୍ଦିର | : | ଦେଉଲ |
| ମନରଞ୍ଜନ | : | ଶର୍ଦା |
| ମାପିବା | : | ନାପ କରିବା |
| ମନେ ପକାଇବା | : | ହେତୁ କରିବା |
| ମାରିବା | : | ମାଡ୍ |
| ମାଇଚିଆ | : | ବେଜୁ |
| ମାରାତ୍ମକ | : | ବଡ୍ ଜାଟି |
| ମାଛ | : | ମାଚ୍ |
| ମାଛି | : | ମଚି |
| ମାଇ କୁକୁଡା | : | ପେଟି କୁକୁଡ଼ା |
| ମାନ୍ଦା | : | ନିସ୍ତିଆ |
| ମାର୍ଗ | : | ବାଟ୍ |
| ମଦୁଆ | : | ମାତ୍ଲି |
| ମଳିବା | : | ମିଣ୍ଡାଣି |
| ମୃତ୍ୟୁ | : | |
| ମୈତ୍ର | : | ମଇତର୍ |
| ମଇଦାନ | : | ଖରାବେଳେ |

| | | |
|---|---|---|
| ମଇଲା | : | ଆରଲା |
| ମକଚିବ | : | ଚକଟିବା |
| ମୌନ | : | ଚିମ୍‌ରା |
| ମଙ୍ଗଳ | : | ନିକୋ, ଭଲ |
| ମଜଭୁତ | : | ଆଣ୍ଟ |
| ମଜା | : | ଟାପ୍‌ରା |
| ମଣ୍ଡପ | : | ବେଦି |
| ମଣ୍ଡୁକ | : | ବେଙ୍ଗ |
| ମଧୁର | : | ମଦୁର୍‌ |
| ମନଯୋଗ | : | ଧ୍ୟାନ୍‌ରେ |
| ମନ୍ତ୍ରୀ | : | ମନ୍ତ୍ରୀ |
| ମଶୁରୀ | : | ମୁଶୁରୀ |
| ମନ୍ଦାର | : | ମାନ୍ଦାର୍‌ |
| ମହିଳା | : | ମାଇଜିଟୋକି |
| ମରତ୍ୟ | : | ଧର୍‌ତନୀ |
| ମାରାମାରି | : | ମାଡ଼ପିଟ୍‌ |
| ମରୁଡ଼ି | : | ମର୍‌ଡ଼ି |
| ମର୍ମାହତ | : | ବିଶାସ ଲାଗିବା |
| ମଳାମଳି | : | ମିଣ୍ଡାମିଣ୍ଡି |
| ମସଲା | : | ମସଲା |
| ମଶାଣି | : | ମସାନ୍‌ |
| ମହତ | : | ବଡ଼ |
| ମାହାଳିଆ | : | ଅବ୍‌କା ଅବ୍‌କା |
| ମହାପୁରୁ | : | ମା ପୁରୁ |
| ମୁର୍ଖ | : | ଟଣ୍ଡ, ଥୋମନା |
| ମୁଖା | : | ଖୋଲପା |
| ମୁଖିଆ | : | ବଡ଼ଲୋକ |
| ମୁଗୁନା | : | ମୁନ୍‌ଙ୍ଗା |
| ମୁଚଲା | : | ମୁଣ୍ଡ ଭସନା |
| ମୂର୍ଚ୍ଛା | : | ଚେତା ହଜିଯିବା |

| | | |
|---|---|---|
| ମୁଠା ମୁଠା | : | ମଟେକ୍ ମୁଟେକ୍ |
| ମୁଣ୍ଡ | : | ମୁଣ୍ଡ୍ |
| ମୁନୀବ | : | ସାହୁକାର୍ |
| ମୁଦାଏ | : | ଟପେକ୍ |
| ମୁରଲୀ | : | ବଇଁଶି |
| ମୁଲିଆ | : | ମାମୁଡ଼ି / ଗତି |
| ମୁଷଳ | : | ମୁସୁଲ୍ |
| ମୁହଁ | : | ମୁଁ |
| ମୁତ୍ର | : | ମୁତ୍ |
| ମୁଢ଼ | : | ଭୋକୁଆ |
| ମୁକ | : | କନ୍ଧା କନ୍ଧି |
| ମୁଗ | : | ମୁଁଙ୍ଗ୍ |
| ମେଘ | : | ମେଙ୍ଗ୍ |
| ମାତା | : | ଆୟା |
| ମାଣ | : | ମାନ୍ |

## <u>ଯ</u>

| | | |
|---|---|---|
| ଯାଅ | : | ଯା |
| ଯାଯାବର | : | ମାଙ୍ଗୁଲି |
| ଯାଚିବା | : | ଯାଚାଇବା |
| ଯାଆଁଳା | : | ଜଁଲା |
| ଯୁବକ | : | ଧାଙ୍ଗଡ଼ା |
| ଯୁବତୀ | : | ଧାଙ୍ଗଡ଼ି |
| ଯୁଦ୍ଧ | : | ଧାଙ୍ଗଡ଼ା |
| ଯତ୍ନ | : | ଯତନ୍ |
| ଯଦିଓ | : | ହେଲେମିଶା |
| ଯମପୁର | : | |
| ଯଥେଷ୍ଟ | : | ଭୁତେକ୍ /ଯବର୍ |
| ଯନ୍ତ୍ର | : | ଯନ୍ତର୍ |
| ଯନ୍ତ୍ରଣା | : | ଦୁକା |

| | | |
|---|---|---|
| ଯୋଗ | : | ଭେଟଘାଟ୍ |
| ଯୌବନ | : | ଭେଣ୍ଡିଆ |
| ଯୁଗ | : | ଯୁଗ୍ |
| ଯେତେଟା | : | ଯେତେକ ମିଶା |
| ଯକ | : | ଯକ୍ |
| ଯୋଗାଯୋଗ | : | ମିଶାଭିଡ଼ା |
| ଯୌତୁକ | : | ଜୁତୁକ୍ |

## ର

| | | |
|---|---|---|
| ରୁହ | : | ର, ଥେବ୍ |
| ରବିବାର | : | ରଇବାର୍ |
| ରାଗିବା | : | ରିଷା ହେବା |
| ରସୁଣ | : | ଲସୁନ୍ |
| ରଙ୍କା ପଶିବା | : | ମସକ୍‌ବା |
| ରସିଦ | : | ଚିରକୁଟ |
| ରସ | : | ରସ୍ |
| ରବର | : | ଲାବର୍ |
| ଋଣ | : | ରୁନ, ଉଦାର୍ , ଯୁପ୍ |
| ରୁଆ | : | ରୋପା |
| ରହିତ | : | ରହିତ୍ |
| ରାତ୍ର | : | ରାତି |
| ରାଗିବା | : | ରିସା |
| ରକ୍ତ | : | ବନି |
| ରାନ୍ଧିବା | : | ରାନ୍ଧୁ |
| ରଖିବା | : | ରଖି |
| ରଙ୍ଗ | : | ରଙ୍ଗ୍ |
| ରାକ୍ଷାସ | : | ଅସୁର, ରାଖସ୍ |
| ରଡ଼ି | : | ରାଟୁ / କିର୍ ହେବା |
| ରୁଣ୍ଡ | : | ଜମା ହେବା |
| ରାଜି | : | ମାନିବା , ମାନ୍‌ବାର |

| | | |
|---|---|---|
| ରାୟ | : | ବିଚାର୍‌ନା |
| ରୁଚି | : | ସ୍ୱାଦ |
| ରୁଢ଼ି | : | ବାକନା |
| ରାସ୍ତା | : | ବାଟ୍‌ |

## ଲ , ଳ

| | | |
|---|---|---|
| ଲଙ୍କା | : | ମରିଚ୍‌ |
| ଲାଲ୍‌ | : | ରଙ୍ଗ୍‌ |
| ଲୁଣ / ଲବଣ | : | ନୁନ୍‌ |
| ଲତା | : | ଡିର୍‌ |
| ଲାଭ | : | ଲାବ୍‌ |
| ଲୁଣିଆ | : | ଖାରିଆ |
| ଲୁଗା | : | ଫଟାଇ / ଶାଢ଼ୀ |
| ଲଙ୍ଗଳ | : | ନଙ୍ଗଲ |
| ଲମ୍ବା | : | ଡେଙ୍ଗ |
| ଲୁଚି ପଳାଇବା | : | ଫାଲାରୀ |
| ଲୁହା କଣ୍ଟା | : | ଖୁଟି, ମେଖ |
| ଲାଠି | : | ଠେଙ୍ଗ୍‌ |
| ଲାଞ୍ଜ | : | ଲେଂଜ୍‌ |
| ଲୋକ | : | ଲକ୍‌ |
| ଲଅରପଅର | : | ଲସର୍‌ଫସର୍‌ |
| ଲକ୍ଷ | : | ଲାକ୍‌ |
| ଲକ୍ଷପତି | : | ଲାକ୍‌ପତି |
| ଲଘିଷ୍ଟ | : | ଉଷାସ୍‌ |
| ଲଙ୍କାପାଣ୍ଡୁ | : | ଭାଲିଆ |
| ଲଜ୍ଜା | : | ଲାଜ୍‌ |
| ଲାଙ୍ଗୁଡ଼ | : | ଲେଞ୍ଜ୍‌ |
| ଲଣ୍ଠନ | : | ଲାନ୍ତର୍‌ |
| ଲଡୁ | : | ଲାଡୁ |
| ଲୁହ / ଲୋତକ | : | ଆଁସୁ |

ଲିପିବା : ସାରାଇବା
ଲହରି : ଲହଡ଼ି
ଲହୁଣି : ଖିର୍‌ସା
ଲାଖିଯିବା : ଢ଼ସିବା
ଲୋଭି : ମୁସ୍‌କା
ଲୁଣି : ଖାରିଆ
ଲେନ୍ଥାଏ : ଭାରେକ୍
ଲୋମ : ରୁମ୍
ଲୋକକଥା : କାତାନି
ଲୋମସ୍ : ଭୁର୍ସା
ଲହରା : କାମାର୍
ଲୌହ : ଲୁଆ

## ଶ

ଶସ୍ତା : ଶାସ୍ତା
ଶରୀର : ଗାଗଡ୍
ଶହ : ଶଏ
ଶୌରା : ଶାଁରା
ଶକ୍ତି : ବପୁ
ଶଙ୍କୁଡ଼ି : ସକ୍‌ଡ଼ି
ଶଶୁର : ସାତ୍‌ରା
ଶାଶୁ : ସାତ୍ରି
ଶଳା : ସାଲା
ଶୁକ୍ରବାର : ଶୁକୁର୍ ବାର୍
ଶଗଡ଼ : ଶଗଡ୍
ଶଂକୋଚ : ଦୁଇ ମୁନିଆ
ଶଂଖ : ଶଂଖ୍
ଶଜନା ଶାଗ : ମୁନ୍‌ଗା ଶାଗ୍
ଶୀତ : ଶୀତ
ଶପ : ଟାଟି
ଶର : ଶର୍ / କାଣ୍ଡ୍

| | | |
|---|---|---|
| ଶୀର | : | ମୁଣ୍ଡ୍ |
| ଶରୁଆ | : | ଶପୁର୍ |
| ଶଳୀତା | : | ଶେଲ୍ତା |
| ଶୋଷ | : | ଶଷ୍ |
| ଶାଗ | : | ଶାଗ୍ |
| ଶାଗୁଆ | : | କାଚା ପତ୍ରିଆ |
| ଶାଗୁଣା | : | ଗିଦ୍ |
| ଶାଳ | : | ଶର୍ଗି |
| ଶାଣିତ | : | ଧାରିଆ |
| ଶାଧା | : | ମାମୁଲ୍ |
| ଶ୍ୟାମଳୀ | : | କାଲିଆ |
| ଶିଂଗ | : | ଶିଂଗ୍ |
| ଶିଉଳି | : | ବିଚଲ୍ |
| ଶିକ୍ଷା | : | ପାଟ୍ |
| ଶିଷ୍ୟ | : | ଶିଷ୍ / ଚେଲା |
| ଶିଖିବା | : | ଶିକ୍ବା |
| ଶୀରା | : | ଛିର୍ |
| ଶିଳା | : | ପାକ୍ନା |
| ଶିର୍ପା | : | ମୁକୁଟ୍ |
| ଶୀତଳ | : | କାକର୍ |
| ଶୁଆ | : | ରୁପୁ |
| ଶେଷ ଭାଗ | : | ସରାଶରି |
| ଶ୍ରଧା | : | ଶର୍ଦା |

## କ୍ଷ

| | | |
|---|---|---|
| କ୍ଷଣ | : | କ୍ଷଣ୍ |
| କ୍ଷାଠିଏ | : | କ୍ଷାଟେ |

## ସ

| | | |
|---|---|---|
| ସଅଳ | : | ବେଗିବେଗି |
| ସାଙ୍ଗ | : | ସଙ୍ଗାଡ଼ି |
| ସଙ୍ଗାତ | : | ମୈତର୍ |

| | | |
|---|---|---|
| ସଙ୍ଗୀତ | : | ଗୀତ୍ |
| ସଙ୍ଗୀତଜ୍ଞ | : | ଗୀତ୍‌କାର୍ |
| ସଞ୍ଜ | : | ସଞ୍ଜ୍ |
| ସକାଳ | : | ସାକାଲ୍ |
| ସତ | : | ସତ୍ |
| ସନ୍ତାନ ସନ୍ତିତ | : | ପିଲାଟକି |
| ସନ୍ଧ୍ୟାକାଳିନ | : | ସଞ୍ଜ୍‌ବେଲା |
| ସ୍ୱପ୍ନ | : | ସପନା |
| ସଭିଏଁ | : | ସବ୍‌ଲକ୍ |
| ସମୁଦ୍ର | : | ସମ୍‌ଦୁର୍ |
| ସମୃଦ୍ଧି | : | ସମ୍‌ଦି |
| ସଂର୍ପକୀୟ | : | ଲୋକ୍‌ବାକ୍ |
| ସ୍ୱର୍ଗ | : | ସରଗ୍ |
| ସତର୍କ | : | ହୁସିଆର୍ |
| ସହଧର୍ମିଣୀ | : | ମାଇଜି |
| ସମାନ୍ | : | ଏକାପରା |
| ସାହାସ | : | ସାଆଁସ୍ |
| ସହିଯିବା | : | ସଚିମ୍‌ରା ପଡ଼ିବା |
| ସାହାଯ୍ୟ | : | ସାଇଜ |
| ସାଉଁଟିବା | : | ରୁଣ୍ଡାରୁଣ୍ଡି |
| ସାକ୍ଷାତ | : | ଭେଟ୍ ହେବା |
| ସୁଚାରୁ ରୂପେ | : | ନିଜ କରି |
| ସୁନ୍ଦର | : | ସୁନ୍ଦର୍ |
| ସରୁ | : | ସପୁର୍ |
| ସୁସୁରୀ ମାରିବା | : | ସୁଇଟି ମାରିବା |
| ସଉତୁଣି | : | ସତେନ୍ |

## ହ

| | | |
|---|---|---|
| ହାତ | : | ହାତ୍ |
| ହଂସ | : | ହଁସ୍ |
| ହଜାର | : | ହାଜାର୍ |

| | | |
|---|---|---|
| ହୁଡ଼ା | : ହିଡ଼ି | : ହିଡ଼ି ନିକରେଲେ ଆକା ଧାନ୍ ମିସା ନିକ ଏସି । |
| ହରଡ଼ | : କାନ୍ଦୁଲ | |
| ହଳ | : ହଲ୍ | |
| ହାକୁଡ଼ି | : ହୁଲ୍କି | |
| ହାଟ | : ହାଟ୍ | |
| ହୁଂକା | : ବିନ୍ | |
| ହାଡ | : ହାଡ୍ | |
| ହୁସିଆର | : ଜାଗ୍ରତ | |
| ହାଣ୍ଡିଶାଳ | : ରାନ୍ଧାଘର୍ | |
| ହାତୁଡ଼ି | : ମୁଟ୍ଲା | |
| ହିଞ୍ଜଡ଼ା | : ବେଜୁ | |

## <u>କ୍ଷ</u>

| | | |
|---|---|---|
| କ୍ଷମା | : ଖେମା | : ତାର ବୁଲ୍କେ ଖେମା କରି ଦିଆସ୍ । |

# କୃଷିଯନ୍ତ୍ରପାତି (କୃଷି ଯନ୍ତ୍ରରପାତି)

| | | | | |
|---|---|---|---|---|
| କଳ ଲଙ୍ଗଳ | : | ଟାକ୍ଟର ଲାଙ୍ଗଲ | : | ଟାକ୍ଟର ଲାଙ୍ଗଲ୍ ଆନେ ହଲ୍ କଲେ ଦୁବଝାଡ଼ ମନ୍ ମର୍ସି। |
| ଲଙ୍ଗଳ | : | ଲାଙ୍ଗଲ | : | ଆମର୍ ଲୋକ ମନ୍ ଦାରୁର୍ ଲାଙ୍ଗଲ୍ ସଂଗେ ହଲ୍ କର୍ବାଏ। |
| କୋଦାଳ | : | କଡ଼କି | : | କଡ଼୍କି ଆନେ ମାଟି ଖଡ୍ଲେ ମାଟି ନିମାନ୍ ଖଡ଼ି ହେଇସି। |
| କୁରାଢ଼ି | : | କୁରାଢ଼ି | : | ବଡ଼୍ ବଡ଼୍ ଦାରୁମନ୍କେ ନିମାନ୍ ପଡ଼ା କରି ହେଇସି। |
| ଖୁରୁପୀ | : | ଖୁସ୍ନି | : | ଖୁସୁନି ଆନେ ଗଚ ଗରିବାଟେ ମାଟି ଗୁଡକ୍ଲେ ମାଟି ଉଷାସ୍ ହେଇସି। |
| ଦାଆ | : | ଇଲ | : | ଧାନ୍ କାଟିବାକେ ଇଲା ଲଡ଼ା ହେଇସି। |
| ଫାଳ | : | ଫାଲ | : | ଲାଙ୍ଗଲ୍ ଆନେ ଫାଲ୍ ଲାଗଲେ୍ ନିମାନ୍କରି ହଲ୍ କରି ହେଇସି। |
| ଜୁଆଳି | : | ଜୁବୋଟା | : | ବାଟ୍ମନ୍କେ ହଲ୍ କର୍ବାକେ ହଲଦୁଡ଼୍ବାଟ ଲାଡ଼ା ହୋଇସି। |
| ତେଣ୍ଡା | : | ଚୁଆରନି | : | ପାନି ତେଣ୍ଡାଆନେ ଉଠାଇ ନାଲେ ରକାୟଲେ ପାନି ଗଚ୍ମନ କେ ହାଇସି। |
| ହାତୁଡ଼ି | : | ମୁଟୁଲା | : | ଖୁଟି ମାର୍ବା କାଜେ ମୁଟୁଲା ଲାଡ଼ା ହେଇସି। |
| ନଡ଼ାକଟା ଯନ୍ତ୍ର | : | ପିଅଲ କାଟବା ମିଶିନ୍ | : | ପିଆଲ୍ କାଟ୍ବା ମିଶିନ୍ ଆନେ ପିଆଲ୍ କାଟ୍ଲେ ଛତୁ ଗୈଷ୍ କେ କାମ ଦେଇସି। |
| ଢେଙ୍କି | : | ଡିକି/ଡେକି | : | ଡ଼ିକି ଆନେ ଧାନ୍ କୁଟ୍ବାର୍। |
| ବାହୁଙ୍ଗି | : | କାଉଡ଼ି | : | ମନୁଷ୍ମନ୍ କାଉଡ଼ିକରି ପାନି ବଇବାଏ। |
| ଫାଉଡ଼ା | : | ରାପା | : | ମାଇଜିମନ୍ ରାପାତାନେ ବାଲିରାପି ଟାକଟର୍ଆନେ ପକାଇଲେନି। |
| ମଇ | : | ପଟା ମାରବାଟା | : | ବିଅନ୍ ବୁନଲାର ପଚେ ପାଟାମାର। |
| କରତ | : | କରତ | : | ଶୁକୁଲା ଦାରୁର ଗଣ୍ଡି କେ କାଟବାକେ କରତ ଲାଡ଼ା ହେଇସି। |
| ସଣ୍ଡୁଆସି | : | ଚିମଟା | : | ସୁନା ବନାୟବା ଲୋକ୍ ଲାଗେ ଚିମ୍ଟା ରେଇସି। |

| | | |
|---|---|---|
| କୃଷି | ଚାଷ | ଆମର୍ ଗାଁଏ ଆଗର୍‌ନି ଚାଷ ହେଲାନି । |
| ଅନୁର୍ବର | ଡଙ୍ଗର ବା ପଡ଼ିଆବେଡ଼ା | ପଡ଼ିଆ ଜମିଆନେ ଭାଲିଆ, ମାଣ୍ଡିଆ, ଚାଷ ହେଇସି । |
| ଉର୍ବର | ଖତୁଆ | ଖତୁଆ ବେଡ଼ା ଆନେ ଧାନ ପାଚି ନିମାନ୍ ହୋଇସି । |
| କୃଷକ | ଚାଷି | ରାମର୍ ବୁଆ ଗଟେକ୍ ଚାଷି ଆୟ । |
| ଜମି | ବେଡ଼ା | ଜଗନ୍ନାଥର ବେଡ଼ାକୁଡ଼ା ଜବର୍ ଆଚେ । |
| ଉତ୍ପାଦନ | ଅର୍ଜିବା, ପଚାଇବା | ରାମ ତାର୍ ଖତୁଆ ଜମି ତାନେ ନିକ ଧାନ ପାଚାଇଲାନି । |
| ନଦୀ | ଗାଡ଼ | କଲାବ୍ ଗାଡ଼୍‌କେ ଡେମ୍ ବାନ୍ଧ୍‌ବାକେ ଅମର୍ ଡେମ୍ ହେଲା ଆଚେ । |
| ନାଳ | ନାଲ୍ | ନାଲର୍ ପାନି ଗାଡ଼ ଆନେ ଗାଲାନି । |
| ପୋଖରୀ | ବନ୍ଧ | ବନ୍ଧେ ଜବର୍ ମାଚ୍ ଆଚେ । |
| ଜଳ ସେଚନ | ପାନି ମଡ଼ାଇବା | ଜମି ଆନେ ପାନି ମଡ଼ାଇଲେ । |
| ଋତୁ | ଦିନ୍ | ଆମର୍ ଗାଏଁ ଦିନ୍ ଦେଖି ପରବ୍ ହେଇସି । |
| ବର୍ଷାଋତୁ | ବର୍ଷାଦିନ୍ | ବର୍ଷାଦିନେ ଧାନ୍ ଚାଷ ହେଇସି । |
| ବନ୍ୟା | ପୁର୍ | ପାନି ଜବର୍ ମାର୍‌ଲେ ସରି ଗାଡ଼େ ପୁର୍ ଆଇସି । |
| ଖରା | ଖାରା | ଖାରା ହେଲେ ଗାଡ଼୍‌ବନ୍ଧ୍, ନାଲର୍ ପାନି ଶୁକି ଯାଇସି । |
| ଗରମ୍ | ତପ୍‌ଲା | ତପ୍‌ଲା ଭାତ କାକର୍ ଦିନେ ଖାଇବାଟା ନିମାନ୍ । |
| ଉତ୍ତାପ | ତାତି, ତପଲା | ଖାରା ଦିନେ ବାଟ୍‌ମନ୍ ତପ୍‌ସି । |
| ସୂର୍ଯ୍ୟ କିରଣ | ସୁରଜ ଉଜଲ /ବେଲ୍ ତରାସ୍ | ଜଗତ୍ କେ ସୁରଜ୍, ଉଜଲ୍ ଦେକାଇଶି । |
| ପାଣି | ପାନି | ନଲ୍ ଚୁଆଁର ପାନି ନିମାନ୍ । |
| ପବନ | ପବ୍‌ନ | ତୁଲ୍‌ସି ଗଚର୍ ପବନ୍ ଗାଗଡ଼୍‌କେ ନିମାନ୍ । |
| ଆଲୋକ | ଉଜଲ୍ | ଉଜଲ୍ ନା ରେଲେ ଜିଇ ନାହଏ । |
| ଅଙ୍କୁରୋଦଗମ | ଗାଜା ହେବାର | ଜମି ଆନେ ବିଅନ୍ ପକାଇଲେ ସରିଗାଜା ହେଇସି । |
| ବିହନ | ବିଅନ | ଏସୁ ସବୁଲୋକ୍ ଜନା ବିଅନ୍ ରପ୍‌ଲା ଆଚତ୍ । |
| ଖତ | ଖତ୍ | ଜମି ଆନେ ଖତ୍ ପକାଇଲେ ସରି ପାଚି ନିକ ହେଇସି । |
| ଗୋଚର | ଗଚର | ଗୋଚର ଜମିଆନେ ଗୋରୁ, ଛେଳି ଚର୍‌ବାଏ । |
| ରୁଆ | ରପା | ଧାନ୍ ପାଲାକେ ରପା କଲେ ପାଚି ନିମାନ୍ ହେଇସି । |
| ଖଳା | କଟାର୍ | କଟାର୍ ଥାନେ ଧାନ୍ ମଣ୍ଡାଳି ହେଇସି । |
| ଫସଲ | ଚାଷ, ପାଚୁ | ସମାରୁ ତାର୍ ବେଡ଼ାଏ ଦୁଇପାଚି କର୍‌ସି । |
| ନଡ଼ା | ପିଆଲ୍, ପିରି | ଗାଁ ମନ୍‌କେ ପିଆଲ୍ ଛାଇଲା ଘର୍ ମନ୍ ଜବର୍ ଆଚେ । |
| ଘାସକୁଟା | ଘାସପିରି | ପୋଡ଼୍, ବଏଲ୍, ମନ୍ ଘାସ୍ ପିରି ଖାଇବାଏ । |

| | | |
|---|---|---|
| ବଳଦଗାଡ଼ି | ଶଗଡ଼ | ଶଗଡ଼୍ ଆନେ ବାସ୍ତା ଲାଦିକରି ହାଟେ ନେବାର୍ । |

## ଗଛଲତା (ଗଛ, ଲାଟା, ମାଲ)

| | | |
|---|---|---|
| ଗଛ | ଗଚ | ବାଟ୍ ପାଲିକେ ଗଚ୍‌ମନ୍ ରପ୍‌ଲେ ନିକ ରଇସି । |
| ଲତା | ମାଲ୍ | ସେମି ମାଲ୍ ଆନେ ସେମି ଧର୍‌ସି । |
| ଛୋଟ ଗଛ | ସାନ ଗଚ୍ | ଭାଜି ଶାଗ୍, ତୁଲ୍‌ସି ହେଲାନି ସାନ୍‌ଗଚ୍ । |
| ମୂଳ | ମୂଲ | ଗଚର୍ ମୂଲ ବଇଦକାରି ଓଷ ହେଇସି । |
| କାଣ୍ଡ | ଗଣ୍ଡି | ଗଚର୍ ଗଣ୍ଡି ଆନେ କବାଟ୍, ଦ୍ୱାର୍‌ବନ୍ଦ୍ ହୋଇସି । |
| ଶାଖା / ଡ଼ାଳ | ଖେନ୍ଦା / ପତର ରେବା: ଖେନ୍ଦା + ଡାଲ | ଗଚର୍ ଖେନ୍ଦା କାଟି ଦାରୁ କର୍‌ବାର୍ – ଡାଲ୍ କାଟି ଛାମୁଣ୍ଡିଆ ବନାଇବାର । |
| ପତ୍ର | ପତର | ସର୍‌ଗି ପତର୍ ଚକ୍‌ନି, ଖଲି କରି ବିକ୍‌ବାର । |
| ଫୁଲ | ଫୁଲ୍ | ଫୁଲ ମାଲ୍ କରି ମାପୁରୁ ପୁଜା କର୍‌ବାଏ । |
| କଢ | କଷି | ଗୁଲାବି କଷି ଦେଖବାକେ ବଡ଼ ନିକ ଦିସ୍‌ସି । |
| ଫୁଲ ପାଖୁଡ଼ା | ଗୁଲାବିର ଫୁଟଲା ଫୁଲର ପାଲି ପତର ଆନରୁ ଅତର ହେଇସି । | |
| ଫଳ | ଫଲ୍ | ପାଚ୍‌ଲା ଆମ୍ ଫଲ ଖାଇବାକେ ବଡ଼େ ମଦୁର୍ । |
| ମଂଜି | ମଜି | କାନ୍ଦୁଲର୍ କାଚା ମଜି ରାନ୍ଦି ଖାଇବା କେ ସୁଆଦ୍ । |
| କଣ୍ଟା | କାଟା | ଘର ଘେରି ବେରନେ କେ କାଟା ଗଚେର କାଢିଦେଲେ ନିମାନ ରଇସି । |
| କାଠ | କାଟ, / ଦାରୁ | ଦାରୁ ଘର କରବାକେ ଦାରୁ ଲାଡ଼ା ହେଇସି । |
| ଛାଲି | ଛେଲି | ସରତେ ଗଚର ଛାଲି ଓଷ୍ ହେଇସି । |
| ତନ୍ତୁ | ସୁତା | କଉରୁ ଗଚର୍ ସୁତା ଆନେ ଦାମା, ଜୁଆଳି ଡର, କୁଇସାଲଡ଼ର ହୋଇସି । |
| ଅଙ୍କୁର | ଗାଜା | ମଜିକେ ରପ୍‌ଲେ ସରି ଗାଜା ହେଇସି । |
| ଆମ୍ବ | ଆମ୍ | ପାକ୍‌ଲା ଆମ ଖାଇବାକେ ସର୍‌ଦା ଲାଗ୍‌ସି । |
| ଅଶ୍ୱତଥ ଗଛ | ପିପଲଗଚ | ପିପ୍‌ଲି ଗଚର୍ ଦାରୁକେ ଘରେ ଆନି ଧୂଆ ଦେଲେ ସରି ସାପ୍ ପାଲାଇସି । |
| ଘାସ | ଘାସ୍ | ଗାୟ୍, ଗୋରୁ, ଛେଲି, ମେଣ୍ଢିମନ୍ ଘାସ୍ ଖାଇବାଇ । |
| ଗୁଳ୍ମ / ବୁଦା | ବୁଦା | ବୁଦା ତଲେ ଗଟେକ୍ ଖାଡ଼ା ଶଇରେଲା । |
| ନଡ଼ିଆ ଗଛ | ନାଡ଼ିଆଗଚ୍ | ନାଡ଼ିଆ ଗଚ୍‌ମନ୍ ଲୁନିମାଟି ଆନେ ନିମାନ୍ ବଡ଼୍‌ସି । |
| ଖଜୁରୀଗଛ | ଖଜୁରୀଗଚ୍ | ଖଜୁର କାଲି ଖାଇବାକେ ଗଚେ ଚେଗଲାଇ । |

| | | |
|---|---|---|
| ତାଳଗଛ | : ତାଲଗଚ୍ | : ପାକଲା ତାଲଫଲ ଖାଇଲେ ସରି ବଡ଼େ ମିଟା । |
| ବାଉଁଶ | : ବାଉଶ୍ | : ବାଉଶ ଆନେ ବାଡ଼ି ବୁନବାର, ଠଙ୍ଗଡ଼ା କୁଲା, ଡୁଟି ହେଇସି । |
| ବାଉଁଶ ବଣ | : ବାଉଶ କମନ୍ | : ବାଉଶ କମନ୍ ପର୍ବତେ ଗର୍ ଟାଇବାକେ ଲଡ଼ା ଦେଇସି । |
| ଆଖୁ | : ଦାଣ୍ଡା | : ଦାଣ୍ଡାର ରସ୍ ଆନେ ଗୁଡ଼ ହେଇସି । |
| କଦଳୀ ଗଛ | : କଦଳୀଗଚ | : କଦଲି ଗଚ୍‌ର ଶୁକିଲା ପତର୍ କେ ପଡ଼ାଇ ମୁଣ୍ଡେ ରେତଲେ ଉକୁନି, ଲିକା ମନ୍ ମରବାଏ । |
| ଜାମୁକୋଳି ଗଛ | : ଜାମୁକୋଲି ଗଚ୍ | : ଜାମୁକୋଲି କେ ଖାଇଲେ ସୁଆଦ୍ ଲାଗସି । |
| ନିମ୍ବଗଛ | : ନିମଗଚ୍ | : ନିମ କେ ଶୁକାଇ କରି ଧୂଆଁ ଦେଲେ ମଚିମନ୍ ଘର ଛାଡ଼ି ପାଲାଇବାଏ । |
| ଡାଲିମ୍ବ ଗଛ | : ଡାଲିମ୍ ଗଚ୍ | : ଡାଲିମ୍ ଖାଇବାକେ ମକେ ସରଦା ଲାଗସି । |
| ତୁଳସି | : ତୁଲସି | : ତୁଲସି ପତର୍ ରସ୍ ଜରଆରି କକ୍‌ଲି ଚଡ଼ାଇସି । |
| ପଣସ ଗଛ | : ପନସ୍ ଗଚ୍ | : ପାକଲା ପନସ୍ ଖାଇବାକେ ବାଲୁ ଗଚେ ଟେଗସି । |
| ଶାଳଗଛ | : ସରଗି ଗଚ୍ | : ସରଗି ଗଚର ପତର ର ଚକ୍‌ନି । |
| ଶିମୁଳି ଗଛ | : ସେମଲି ଗଚ୍ | : ସେମଲି ଗଚେ ଫୁଲ୍ ରଂଗ୍‌ରଂଗ ଫୁଲ୍ ଫୁଟିଲାନି । |
| ପାଇନ ଗଛ | : ପାଇନ୍ ଗଚ୍ | : ଆମର ଇସ୍କୁଲଲେ ପାଇନ୍‌ଗଚ୍ ରୋପିଲୁ ଆଚୁ । |
| ଆକାଶିଆ ଗଛ | : ଆକାଶିଆ ଗଚ୍ | : ଆକାଶିଆ ଗଚର ଦାରୁ ଜଇ ଲଗାଇ ରାନ୍ଦବାର । |
| ଗୁଆ ଗଛ | : ଗୁଆ ଗଚ୍ | : ଗୁଆ ଗଚେ ଗୁଆ ଫଲ ଫଲସି । |
| ସଜନା ଗଛ | : ମୁନ୍‌ଗା ଗଚ୍ | : ମୁନଗାଁ ଗଚ୍‌ଆନେ ମୁନଗାପଲିସି । |
| ଅମୃତଭଣ୍ଡା ଗଛ | : ଅମୃତ, ମାଣ୍ଡା ଗଚ | : ପାକ୍‌ଲା ମାଣ୍ଡା ଖାଇଲେ ଗାଗଡ଼ ନିକ ରେଇସି । |
| ଆତ ଗଛ | : ଚିତାଫଲ, ଚିତାପାକ | : ଚିତା ପାକଲେ ବଡ଼ ମଧୁର ଲାଗସି । |
| ବେଲ ଗଛ | : ବେଲଗଚ୍ | : ପାକଲା ବେଲ୍ ଖାଇବାକେ ମଧୁର ଲାଗସି । |
| ବଉଳ ଗଛ | : ବଉଲ ଗଚ୍ | : ଏ ଗଚର ଦାରୁକେ ଦାତୁନ୍ କଲେ ଦାନ୍ତ ଆଟ ରେଇସି । |
| ଦେବଦାରୁ ଗଛ | : ଦେବଦାରୁ ଗଚ୍ | : ଦେବଦାରୁ ବଡ଼େ ଲମ ଗଚ୍ ଆୟ । |
| ଲେମ୍ବୁ ଗଛ | : ଲିମୁ ଗଚ୍ | : ଲିମୁକେ ଆନି ପାନା କରି ଖାଇଲେ ଗାଗଡ଼ ନିମାନ୍ ରଇସି । |
| ବରକୋଳି ଗଛ | : ବୋରି ଗଚ୍ | : ବୋରି ଗଚର୍ ପାକଲା କଲି ଖାଇବାକେ ସରଦା ଲାଗିସି । |
| କଇଥ ଗଛ | : କଇଥ ଗଚ | : ପାଚିଲା କଇଥ ଖାଇଲେ ନିମାନ ଲାଗିସି । |
| ଗୋପାଲ ଗଛ | : ଗୁଲାବି ଗଚ୍ | : ଗୁଲାବି ଗଚେ ଫୁଲ ପୁଟଲେ ସୁନ୍ଦର ଦିସ୍‌ସି । |
| ଗୋଲାପ ଜାମୁଗଛ | : ଗୁଲାବିଜାମୁ | : ଗୁଲାବି ଜାମ୍ ଦବଲା ଡିସସି । |

| | | |
|---|---|---|
| ପିଜୁଳି ଗଛ | : ଜାମଗଚ | : ପାକଲା ଜାମ୍ ଗାଦଲାମନ୍ ଖାଇବାଏ । |
| ଅର୍ଜୁନ ଗଛ | : ପାନି ସାହାଜ | : ପାନି ସାହାଜର ଗଛଲିକେ ଗାୟକ୍ଷୀର ଆନେ ଡୁକଲେ ହାଡ଼ ଆଟୁଆ ହୋଇସି । |
| ନାଗଫେଣି | : ନାଗଫେନି | : ନାଗଫେନି କାଟା ମୁଣ୍ଡା ପାଲିକେ ରପଲେ ଗୋରୁ ନା ପସତ୍ । |
| କାଠଚମ୍ପା ଗଛ | : ଶହେଟଙ୍କିଆ ଗଚ୍ | : ଗଚେ ଶହେ ଟକିଆ ଫୁଲ ଫୁଟଲେ ସୁନ୍ଦର ଦିଶସି । |
| ଶାଗୁଆନ ଗଛ | : ଟେକ୍ ଗଚ୍ | : ଟେକ ଗଚ୍ ଗୋଟେକ ବଡ଼ କାମର ଡାବୁ ଗଚ । |
| ବବୁଲ ଗଛ | : ବବୁଲ ଗଚ୍ | : ବବୁଲଗଚ୍ ଜବର୍ ରେଲେ କଷାକିଡ଼ା ଓଷ କରି ହେଇସି । |
| ତେନ୍ତୁଳି ଗଛ | : ତେତ୍‌ଲି ଗଚ୍ | : ଏସୁ ତେତ୍‌ଲି ଗଚେ ଜବର ତେତ୍‌ଲି ନା ହେଲା । |
| ବରଗଛ | : ବରଗଚ୍ | : ବରଗଚେ ଦେବତା ଡୁମାମନ ରେବାଏ ବୋଲି ଦିଶାରୀ କଇସି । |
| କଦମ୍ବ ଗଛ | : କଦ୍‌ମ ଗଚ୍ | : କଦମ୍ ଫୁଲ ଗୁଣ୍ଡିଚାମାସେ ଫୁଟସି । |
| ପଲାଶ ଗଛ | : ବଦଲି ଗଚ୍ | : ବଦଲି ଗଚ୍‌ର ଫୁଲ ରଙ୍ଗ ଦିସସି । |
| ଶିଶୁଗଛ | : ଶିଶୁଆ ଗଚ୍ | : ଶିଶୁଆ ଗଚ୍ ଗୋଟେକ ଡାବୁ ଗଚ୍ । |
| କଣ୍ଟା ଗଛ | : କାଟା ଗଚ୍ | : ଲିମ୍ବୁ, କରନା ଗୋଟେକ କାଟା ଗଚ୍ । |
| ଲାଜକୁଳି | : ଲାଜକୁଲି | : ଲାଜକୁଲି କେ ଛୁଇଲେ ବୁଜି ହୋଇସି । |
| କପାଗଛ | : କାପା ଗଚ୍ | : କାପାଆନେ ଲୁଗାପାଟା ବିଚନା ହୋଇସି । |
| କାଠ | : ଦାରୁ | : ଆୟାବୁଆ ଦାରୁଆନିବାକେ ଗଲାଏ । |
| କନ୍ଦ | : କାନ୍ଦା | : ଆଗର ଲୋକମନ୍ କାନ୍ଦା ଖାଇ ଜିଇତେ ରେଲାଇ । |
| ଲତା | : ଲାଟାମାଲ | : କାରଲା ଗୋଟେ ଲାଟା ମାଲ । |
| ଗବଗଛ | : ଜଡ଼ାଗଛ | : ଜାଡା ତେଲ ମୁଣ୍ଡେ ରେତ୍‌ଲେ ମୁଣ୍ଡ ଦୁକା କମ୍‌ସି । |
| ଦୁବ | : ଦୁବ ଝାଡ଼ | : ଦୁବ୍‌ଜାଡ୍ ଓଷ କରବାଏ । |
| ନଡ଼ା | : ପିରି, ପିଆଲ | : ଗାଁ ମନ୍‌କେ ପିରି କୁଡ଼ିଆମନ୍ ଜବର ଆଚେ । |
| ଗମ୍ଭୀର ଗଛ | : ଗମାରୀ ଗଚ | : ଗମାରୀ ଫଲ୍ ଆନେ କଫ୍ କାଟବା ଉଷ୍ କରବାଏ । |
| ଚା ଗଛ | : ଚା ଗଛ | : ଚା ଗଚର କଅଲି ପତର୍ ଆନେ ଚା ହୋଇସି । |
| ଛଣ ପଟ | : ଶୁକୁଲି ପିରି | : ଶୁକୁଲି ପିରି ଆନେ ଛାଇଲେ ଜବର୍ ଦିନ ଯାଇସି । |
| ଛତୁ | : ଛାତି | : ଛାତି ଖାଇବାକେ ବଡ଼ ସୁଆଦ୍ ଲାଗସି । |
| ନଳିତା / ଝୋଟ | : କାଉରିଆ | : କାଉରିଆ ଗଚେ ଡୋର୍ ବନାଇକରି ବିକିବାଏ । |

# ଫୁଲ ଫଳ (ଫୁଲ୍, ଫୁଲ୍)

| | | | | |
|---|---|---|---|---|
| ଫୁଲ | : | ଫୁଲ୍ | : | ଫୁଲ୍ ଗୁତ୍‌ଲେ ସେଟା ମାଲା ହେଇସି । |
| କଢ଼ି | : | ଡୁଣ୍ଡି | : | ଏବର ଡୁଣ୍ଡି କାଲିର୍ ଫୁଲ୍ । |
| କେଶର | : | ବଗା | : | ସବୁ ଫୁଲର୍‌ବଗା ଆଚେ । |
| ବୃନ୍ତ | : | ଡେଟି | : | ଫୁଲ୍, ଫଳର ଡେଟି ଆଚେ । |
| ବଉଳ | : | ବଉଳ, ଫୁଲ | : | ଆମ୍ ଗଚେ ବଉଳ ଆଇଲା । |
| ଫୁଲ ପାଖଡ଼ା | : | ଫୁଲ୍‌କେରା | : | ଗଚେ ଫୁଲ କେରା କେରା ହେଇ ଝଡ଼ିଗଲାନି । |
| ଫୁଲମାଳ | : | ଫୁଲମାଲ | : | ଫୁଲ୍‌ମାଲ୍ ମୁର୍‌ତି ମନ୍‌କେ ଓଲାଇବାର । |
| ସୁବାସ | : | ବାସନା | : | ମଲ୍ଲିଫୁଲ୍ ବଡ଼୍ ବାସ୍‌ନା । |
| ବାସିଫୁଲ | : | କାଲିର ଫୁଲ | : | ବାସିଫୁଲ୍ ମାପୁରୁର୍ ପୁଜାଆନେ କାମ୍ ନା ଆସେ । |
| ଫୁଲକୁଣ୍ଡ | : | ପୁଲକୁଣ୍ଡ | : | ପୁଲ୍‌କୁଣ୍ଡେ ଗୁଲାବି ପୁଲଗଚ୍ ରୋପ୍‌ଲୁ । |
| ଅପରାଜିତା | : | ପାରିଜାତ | : | ପାରିଜାତ ଫୁଲ୍ ପୁଜାଆନେ ଲାଗ୍‌ସି । |
| କଇଁ | : | କଇଁ | : | ଆମର୍ ଗାଁ ବନ୍ଧେ ଜବର୍ କଇଁଫୁଲ ଫୁଟ୍‌ଲା ଆଚେ । |
| କରବିର | : | କରିବାର | : | କରିବାର୍ ଫୁଲ୍ ଦେଖବାକେ ଡଉଲ୍‌ଦିସ୍‌ସି । |
| କାମିନୀ | : | କାମିନୀ | : | କାମିନୀ ଫୁଲ୍ ବଡ଼େ ବାସ୍‌ନା । |
| କୁନ୍ଦ | : | କୁନ୍ଦ | : | କମ୍‌ନେ ଜବର୍ କୁନ୍ଦ୍ ଫୁଲ୍ ଫୁଟ୍‌ଲା ଆଚେ । |
| କୃଷ୍ଣଚୂଡ଼ା | : | କୃସନ୍‌ଚୁଡ଼ା | : | କୁସନଚୁଡ଼ା ଗଚେ ରଙ୍ଗ୍ ରଙ୍ଗ୍ ଫୁଲ୍ ଫୁଟ୍‌ଲା ଆଚେ । |
| କେତକି | : | କେତକୀ | : | କେତ୍‌କୀ ଫୁଲ ମାଘମାସେ ଫୁଟ୍‌ସି । |
| ଗେଣ୍ଡା | : | ମାଣ୍ଡାଫୁଲ | : | ମାଣ୍ଡାଫୁଲ୍‌କେ ମାଲା କଲେ ସରି ଡଉଲ୍ ଡିସସି । |
| ଚମ୍ପା | : | ଚପାଫୁଲ | : | ଶିବମାପୁରୁର୍ ଫୁଲ୍ ଆଚେ । |
| ଜାଈ | : | ଜାଈ | : | ଜାଈଫୁଲ ର୍ ବାସ୍‌ନା ନିକ ଲାଗ୍‌ସି । |
| ଟଗର | : | କେରାଟ୍ | : | କେରାଟ୍ ଫୁଲ୍ ଧବ୍‌ଲା ଦିସ୍‌ସି । |
| ଦୁଦୁରା | : | ଦୁଦୁରା | : | ଦୁଦୁରାଗଚ୍ ବଇଦ ଆନେ ଲାଗ୍‌ସି । |
| ପଦ୍ମ | : | ପଦୁଅ | : | ବନ୍ଧେ ପଦୁଅ ଫୁଲ୍ ଫୁଟ୍‌ଲା ଆଚେ । |
| ମନ୍ଦାର | : | ମନ୍ଦାର ଫୁଲ୍ | : | ଠାକୁରାଣି ପୁଜା ଆନେ ଲାଗି୍‌ସି । |
| ମଲ୍ଲି | : | ମଲିଫୁଲ୍ | : | ମଲିଫୁଲ୍ ବାସ୍‌ନା ମକେ ନିକ ଲାଗ୍‌ସି । |
| ମାଳତୀ | : | ମାଲତୀ ଫୁଲ | : | ବିଅନ ବୁନ୍‌ବା ଆଗେ ଶୁଖିଲା ମାଲ୍‌ତି ଫୁଲ କେ ଆନି ପୁଜା କର୍‌ବାଏ । |

| | | |
|---|---|---|
| ଯୁଇଁ | ଜୁଇଫୁଲ | ଜୁଇଫୁଲର୍ ବାସ୍‌ନା ଘର୍ ବେର୍‌ନେ ଚହଟି ଯାଇସି । |
| ଶେଫାଳି | ଖରସାଲି | ଖର୍‌ସାଲି ପତର୍ ମାର୍‌ଲିଆ ଜର୍ କେ ବଇଦ ହେଇସି । |
| ସୂର୍ଯ୍ୟମୁଖୀ | ସୁରଜ ମୁଖୀ | ସୁରଜ୍ ମୁଖୀ ଫୁଲନୁ ତେଲ୍ କାଡ଼୍‌ବାଏ । |
| ବଗିଚା | ବାଡ଼ | ଆମର୍ ଇସକୁଲେ ଆକା, ଭାଲିଆବାଡ଼ ଆଚେ । |
| ଡାଲିଆ | ଢାଲିଆ | ସବୁ ବରନର୍ ଢାଲିଆ ଫୁଲ୍‌ଗଚ୍ ଆଚେ । |

## ଫଳ (ଫଲ୍)

| | | |
|---|---|---|
| ଫଳ | ଫଲ | ସବୁଦିନ୍ ଫଲ୍ ଖାଇଲେ ଗାଗଡ଼୍ ନିକ ରଇସି । |
| କଞ୍ଚାଫଳ | କାଚାଫଳ | କାଚା ଆମକେ ଚଟ୍‌ନି କର୍‌ବାଏ । |
| ତଟକା ଫଳ | ସଜ ତଲ୍‌ବା ଫଲ୍ | ସଜ ତଲବା ଫଲ୍ ଏବେ ଆନ୍‌ଲି ଆଚି । |
| ପାଚିଲା ଫଳ | ପାକଲା ଫଳ | ପାକ୍‌ଲା ଫଲ୍ ରାମ ଖାଇଲାନି । |
| ଫଳରସ | ଫଲରସ | କମ୍‌ଲା ଫଲ୍ ରସ୍ ଖାଇବାକେ ସର୍‌ଦା ଲାଗ୍‌ସି । |
| ଟାକୁଆ | ଟାକୁ | ଟାକୁ ଭିତରର୍ କଇଲିକେ ପିଟାକରି ଖାଇଲୁନି । |
| ଗୋଛା | ଝୁପା | ଆମ୍ ଝୁପା ଫଲ୍‌ଲା ଆଚେ । |
| ଆମ୍ବ | ଆମ୍ | ଆମ ଝୁପାଝୁପା କରି ଫଲଲା ଆଚେ । |
| ସେଓ | ଏପୁଲ | ଏପୁଲ ଖାଇବାକେ ବଡ଼ ସର୍‌ଦା ହେଇସି । |
| କଦଳୀ | କଦଲୀ | କାଚା କଦ୍‌ଲି ଶାଗ୍ କରି ଖାଇବା କାତା । |
| ପାଚିଲା କଦଳୀ | ପାକଲା କଦଲୀ | ପାକ୍‌ଲା କଦ୍‌ଲି ସାପୁରୁ କରବାକେ ହେଇସି । |
| କିସ୍‌ମିସ୍ | କିସ୍‌ମିସ୍ | କିସ୍‌ମିସ୍ ଖାଇବାକେ କଣ୍ଡେକ୍ ଆସଲି ଲାଗ୍‌ସି । |
| କୋଳି | କୋଲି | ସବୁ ରକମର୍ କୋଲି ଆଚେ । |
| ଗୁଆ | ଗୁଆ | ଗୁଆ ଗଚେ ଗୁଆ ଫଲ୍‌ସି । |
| ଡିମିରି | ଡୁମୁରୀ | ଡୁମ୍‌ରୀ ଫଲ୍ ଗାଦ୍‌ଲାମନ୍ ଖାଇବାକେ ଆସ୍‌ବାଇ । |
| ତରଭୁଜ | କର୍‌ଭୁଜା | କାରାମାସେ କର୍‌ଭୁଜା ଖାଇବାକେ ମନ୍ ଲାଗ୍‌ସି । |
| ତେନ୍ତୁଳି | ତେତ୍‌ଲି | ତେତ୍‌ଲି ପକାଇ ଆମଟ୍ କରୁ । |
| ପିଜୁଳି | ଜାମ୍ | ଜାମ୍ ତଲ୍‌ବାକେ ଆଯ୍ୟା ଗାଲାନି । |
| ବାଦାମ | ଚେର୍‌ଚନା | ଚେର୍‌ଚନା ଭୁଁଏ ହେଇସି । |
| ଲିଚୁ | ଲିଚୁ | ପିଲାମନ୍ ଲିଚୁ ତଲିକରି ଖାଇଲେନି । |
| କାଜୁବାଦାମ୍ | ଭାଲିଆ | ଲକମନ ଭାଲିଆ ପାଲା ଡ଼ଙ୍ଗ୍‌ରେ ରୋପିଲାଇ । |
| କନ୍ଦମୂଳ | ମିଟାକାନ୍ଦା | ଏସୁ ଆମର୍‌ବାଡ଼େ ଜବର୍ ମିଟାକାନ୍ଦା ହେଲାଆଚେ । |

# ସର୍ବନାମ

| | | | | |
|---|---|---|---|---|
| ମୁଁ | : | ମୁଇଁ | : | ମୁଇଁ ପେଜ୍ ନା ଖାଇଲାଇ । |
| ଆମେ | : | ଆମେ | : | ଆମେ ସବୁ ମିଶି ଗୁପତସର ଗଲୁନି । |
| ଆମ୍ଭେମାନେ | : | ଆମେମନ୍ | : | ଆମେମନ୍ ନାଟ ଦେକିବାକେ ଯାଇରେଲୁ । |
| ତୁ | : | ତୁଇ | : | ତୁଇ କାଇଟା କଲୁସ୍‌ନି ? |
| ତୁମ୍ଭେମାନେ | : | ତମେମନ୍ | : | ତମେମନ୍ ଇଟାନେ ବସା । |
| ସେ | : | ସେ | : | ସେ କାଇଲା ପଡ଼୍‌ଲା ଆଚେ । |
| ସେମାନେ | : | ସେମନ୍ | : | ସେମନ୍ ଗାଉଁ ଗଲାଇନି । |
| ଏ, ଏହି, ଏହା | : | ଏ, ଏଟା | : | ଏଟା କାଇକାତା ? |
| ଏହିମାନେ,ଏଗୁଡ଼ିକ | : | ଏମନ୍, ଏଟାମନ୍ | : | ଏଟାମନ୍ କାଇ ଜିନିସ୍ ଆଯ୍‌ସୀ ? |
| ସେହି, ତାହା | : | ସେ, ସେଟା | : | ତୁଇ ସେଟା କାଇଟା କଲୁସ୍‌ନି ? |
| ସେହିମାନେ | : | ସେମନ୍ | : | ସେମନ୍‌ର ନାଆଁ ପଚାରା ? |
| ସେଗୁଡ଼ିକ | : | ସେଟାମନ୍ | : | ସେଟାମନ୍ କନ୍ତି ଘେନିଲିସ୍ ? |
| କିଏ | : | କନ୍ | : | ତକେ କନ୍ ଡ଼ାକଲାନି ? |
| କେଉଁମାନେ | : | କନ୍‌ମନ୍ | : | କନ୍‌ମନ୍ ହାଟେ ଗଲାଇନି ? |
| ଯେ, ଯିଏ | : | ଯନ୍ | : | ଯନ୍‌ଲକ୍ କାମ୍ କର୍‌ସି, ତାକେ ଡ଼ାବୁ ଦେବାଏ । |
| ଯନମନ୍ | : | ଯନ୍‌ମନ୍ | : | ନା ଖାଇଲାର ତାକେ ଖାଇବାକେ ଦିଆ । |
| ଏହାଙ୍କର | : | ଆରଟା, ଏମନର | : | ଏମନ୍‌ର କାଇଟା ଆଚେ । |
| ଏହାକୁ | : | ଆକେ | : | ଆକେ କୁନ୍ଦୁରା ଡାକିନିଆ । |
| ଏଗୁଡ଼ିକ | : | ଏଟାମନ୍ | : | ଇଟାମନ୍ ମୁଇଁ ଜୟ୍‌ପୁର୍ ତାନଲେ ଘେନି ଆନିଲିସ୍ । |
| ସେମାନଙ୍କୁ | : | ସେମନ୍‌କେ | : | ସେମନ୍‌କେ ଚଇତ୍ ପରବ୍ ଦିନ୍ ଡାକିଆନା । |
| ତାକୁ | : | ତାକେ | : | ତାକେ ଗଟେ ବହି ଦିଆ । |
| ତାଙ୍କୁ | : | ତାକେମନ୍‌କେ | : | ତାକେମନ୍‌କେ କାଇଟା ମିଶା ନାକୁହା । |
| ତୁମକୁ | : | ତମ୍‌କେ | : | ତମ୍‌କେମୁଇ ଡାକିରେଲି । |
| ତୋତେ | : | ତକେ | : | ତକେ ଆଜି ନନ୍ଦପୁର ଯିବାକେ ପଡ଼୍‌ସି । |
| ଆମକୁ | : | ଆମ୍‌କେ | : | ଆମ୍‌କେ କାଏକାଜେ ଖଜ୍‌ତେ ରେଲାସ୍ । |
| ଆମ୍ଭମାନଙ୍କୁ | : | ଆମମନ୍‌କେ | : | ନାୟକ ଆମମନ୍‌କେ ଡାବୁ ଦେଲା । |
| ମୋତେ | : | ମୋକେ | : | ମୋକେ ବଡ଼ ଭୁକ୍‌ଲାଗ୍‌ଲାନି । |
| କେତେକ | : | କେତେକ୍ | : | ତକେ କେତେକ୍ କଇବାର ? |
| କେହି | : | କେ, କେମ୍‌ନ୍ | : | ଗାଏଁ କେ ଆସ୍‌ଲାଆଚେ । |
| ଏମାନଙ୍କର | : | ଏମନ୍‌ର | : | ଏମନ୍‌ର ପାଇଁ ପେଜ୍ ରାନ୍ଧୁ । |
| ତା'ର | : | ତା'ର୍ | : | ତାର୍ କାତା ନା ଶୁନା । |

| | | |
|---|---|---|
| ତାଙ୍କର | ତାକର | ଏଗର୍ ତାକର୍ଟା । |
| ସେମାନଙ୍କର | ସେମନ୍ର | ସେମନ୍ର ଜବର୍ ବେଡ଼ାକୁଡ଼ା ଆଚେ । |
| ମୋର | ମର୍ଟା | ଏ ପେନ୍ ମରଟା । |
| ଆମ୍ଭର | ଆମର୍ | ଆମର୍ ଗାଏଁ ନାଟ୍ ହେଲାନି । |
| ତୁମ୍ଭର | ତମର | ତମର୍ ଗାଏଁ ଇସୁକୁଲ୍ ଆଚେ । |
| ଯାହାର | ଯାର | ଯାର ଖାତା ତାକେ ଦିଆ । |
| ଯେଉଁମାନଙ୍କର | ଯନ୍ମନ୍ର | ଯନ୍ମନ୍ର ପେନ୍ସିଲ୍ ନାଇ, ତାକେ ଦିଆ । |
| ତା'ର / ତାହାର | ଏ ସାଇକଲ୍ ତାରଟା | ଏ ସାଇକଲ୍ ତାର୍ଟା । |
| କେଉଁମାନଙ୍କର | କନମନ୍ର | କନ୍ମନର୍ ବେଡ଼ା ନିଆୟ । |
| ମୋ ପାଇଁ | ମୋରକାଜେ | ମୋର୍ କାଜେ ବାବା କାମିଜ ଘେନିଆନ୍ଲା । |
| ଆମ୍ଭମାନଙ୍କ ପାଇଁ | ଆମର୍କାଜେ | ଆମରକାଜେ ସେ ଜାଗିରେଲା । |
| ତୋପାଇଁ | ତରକାଜେ | ତର୍କାଜେ ମୁଇଁ ଲଡୁ ଆନିରେଲି । |
| ତୁମପାଇଁ | ତମରକାଜେ | ତମର୍କାଜେ ମୁଇ ଫନ୍ଦି ଅଇଲି । |
| ତାଙ୍କପାଇଁ | ତାକର କାଜେ | ତାକର୍କାଜେ ରାନ୍ଧା ହେଲାନି । |
| ସେମାନଙ୍କ ପାଇଁ | ସେମନ୍ର କାଜେ | ସେମନ୍ର କାଜେ ଗାଏଁ କଲିକନ୍ଧା । |
| ନିଜପାଇଁ | ନିଜରକାଜେ | ପଦଲାମ ନିଜର୍ କାଜେ କାଇଟା ମିଶା କରିନା ପାର୍ଲା । |

## (ବିଶେଷଣ)

| | | |
|---|---|---|
| ସାବଧାନ | ଜାଗରତ୍ | ସେ ବଡ଼େ ଜାଗରତ୍ ହୋଇ କରି କାମ୍ କଲାନି । |
| ସନ୍ଧ୍ୟା | ସଞ୍ଜ | ସଂଜ୍ ଅଇଲେ ଗରୁମନ୍ ଗରେ ଖେଟିବାୟ୍ । |
| ବିଷାକ୍ତ | ବିଷ୍ଅଇବା | ବେଡ଼ାନେ ଉଷ୍ମାର୍ବା ପଚେ ବିଷ୍ ଅଇବାକାଜେ ମାଚ୍ମନ ମରିଗାଲେନି । |
| ଜ୍ଞାନୀ | ଜାନିବାଲକ୍ | ଆମର୍ ଗାଉଁର ନାଟ୍ଗୁରୁ ବଡ଼େ ଜାନ୍ବାଲକ୍ । |
| ସାର୍ବଜନୀନ | ସବୁଲକ୍ର | ସେ ସବୁଲକର୍ କାଜେ କାମ୍ କର୍ସି । |
| କଳହ | ଗୋଲ୍ଦନ୍ଦ୍ | ତୁଇ ଇସ୍କୁଲେ ଗୋଲ୍ଦନ୍ଦ ନା କରା । |
| କ୍ଷତି | ନସ୍ଟ | ତାର ନସ୍ଟ ଅଇଲେ ତୋକେ କାଇଲାବ୍ ? |
| ହତ୍ୟାକାରୀ | ନରମାରୁ | ନର୍ମାରୁକେ ଜମାନ୍ ବାନ୍ଧି ନେଲାନି । |
| ମନ | ମନ୍ | ତୁଇ ମନେ କାଇକାତା ବାବ୍ଲୁସ୍ । |
| କାମଚଳା | କାମ୍ ଚଲେଇବାଟା | ଏବର୍ପାଇଁ କାମ୍ ଚଲେଇରା । |
| ଉଦ୍ୟମ | ଚେର୍ଷ୍ଟାକରୁ | ସେ କାମକେ ଚେର୍ଷ୍ଟା କରୁ । |

| | | |
|---|---|---|
| ଦେବୀ | : ଦେବୀ | : ଦେବୀଦେବ୍‌ତାକେ ଜୁଆର୍ କରୁ ଆରିଗୀତ୍ ଗାଉ । |
| ଦୟାଳୁ | : ସେ ବଡ଼େ ଦୟାକରୁ | : ସେ ବଡ଼େ ଦୟାକରୁ । |
| ସଂସାର | : ସଂସାର | : ସଂସାରର୍ କାତା ତୁଇ ଆରି ନା କଅ । |
| କୁଳ | : କୁଲ୍ | : କୁଲର୍ ନୀତିନିୟମ ମାନିକରି ଚଲିଲେନି । |
| ଜିଜ୍ଞାସୁ | : ଜାନିବାକେ ମନକରୁ | : ଜାନିବାକେ ମନ୍‌କରୁ ସବୁକାତା ଜାନିପାରେ । |
| ପ୍ରସିଦ୍ଧ | : ଡାକ୍‌ଫୁଟା | : ଗାନ୍ଧୀମାପ୍ରୁ ନାଉ ଡାକ୍‌ଫୁଟା । |
| ପ୍ରସନ୍ନ | : ସାରଦା | : ତର୍‌କାତା ଶୁନିକରି ମୁଇ ବଡ଼େ ସାର୍‌ଦା ହେଲିନି । |
| ବୁଦ୍ଧିମାନ | : ଚତୁର | : ଆମରଗାଏଁ ଗଟେକ୍ ଚତୁର୍‌ଲକ୍ ଆଚେ । |
| ଗାୟକ | : ଗୀତ୍‌କୁଡ଼ିଆ | : ବଗଡ଼୍‌ମାଝୀ ଗୀତ୍‌କୁଡ଼ିଆ ଚଇତ୍‌ପରବ୍‌ଗୀତ ବଡ଼େ ନିମାନ୍ ଗାଇସି । |
| ଲୁଣିଆ | : ଖରିଆ | : କଣ୍ଡେକ୍ ଲୁନ୍ ଆଦିକ୍ ହେଲେ ସରିଶାଗ୍ ଖରିଆ ଏଇଯାଇସି । |
| ଇଚ୍ଛା | : ମନକର୍‌ବା | : ବଜାରଯାଇକରି ମନ୍‌କର୍‌ବା ଜିନିଷମନ୍ ଘେନୁ । |
| ସୁନ୍ଦର | : ଡଉଲ, ନିକ | : ସେବଡ଼େ ଡ଼ଉଲ୍ ପିଲା । |
| ଲୋଭୀ | : ଲୁବ୍‌ରା | : କଲିଆ ଲୁବ୍‌ରା ହେଲାରୁ ମର୍‌ତେ ମାର୍‌ଲାଏ । |
| ଦୁର୍ବଳ | : କାଇଲା | : ଆମର ବଡୁ କାଇଲାଗିନେ ଚ୍‌ଲିନପାରେ । |
| ପତଳା | : ସୁକ୍‌ଟା, ପାତାଲା | : ନିମାନ୍ କରି ନା ଖାଇଲେ ସୁକ୍‌ଟା ହେବୁସ୍ । |
| ଅନ୍ଧ | : କାନା | : କାନାଲକ୍‌କେ ବାଟ୍ ଦେକାଇ ଦିଅ । |
| କାଲ | : ଭଇରା | : ସେ ଭଇରାଟା, ତାକେ କଇବା କାତାମନ୍ ନାଶୁନା ଯାଇସି । |
| ଛୋଟା | : ଚଟା | : ଚଟାଲକ୍‌କେ ଟାପ୍‌ରା ନା କରା । |
| ମୂକ | : କନ୍ଦା | : ଆମର୍ ଗାଏଁ ଗଟେ କନ୍ଦା ପିଲାଆଚେ । |
| ବଣୁଆ | : ବନୁଆ | : ତୁଇ ବନୁଆ ଜନ୍ତୁକେ ନମାର୍ । |
| ମୋଟା | : ମଟା | : ତାର୍‌ଗାଗଡ଼୍ ମଟା । |
| ସାଧୁ | : ସାଦୁ | : ସେ ସାଦୁଟା କାଇଟାମିଶା ନାକଏ । |
| ଥଣ୍ଡା | : କାକର | : ଶୀତ୍ ଦିନେ ଜବର୍ କାକର୍ ଲାଗ୍‌ସି । |
| ଗରମ | : ତପ୍‌ଲା | : ତପ୍‌ଲା ପାନିକେ କାକର୍ କରି ଡୁକ୍ । |
| ବଡ଼ | : ବଡ଼୍‌ଟା | : ବଡ଼୍‌ଟା ଲକ୍‌କେ ଜାଗିକରି କାତା ହେବାର୍ । |
| ଛୋଟ | : ସାନ୍, ଚୋଟ୍ | : ସାନ୍‌ପିଲାମନ୍‌କେ ଗଟେକ୍ ଗଟେକ୍ ମିଟାଇ ଦେଲେନି । |

| | | | | |
|---|---|---|---|---|
| ଉଜ୍ଜଳ | : | ଉଜଲ୍ | : | ଫରିବାଟେ ଉଜଲ୍ ଦିଶିଲାନି । |
| ମଇଳା | : | କଚ୍ରା | : | ଇତିସିତି କାଚ୍ରା ପକେଇଲେ ସରିମଚି ହେବାଇ |

## ଅବ୍ୟୟ

| | | | | |
|---|---|---|---|---|
| ଏଠାରେ | : | ଇତି | : | ଇତି ତୁଇ କାଇଗିନେ ଆଇଲୁସ୍ ? |
| ସେଠାରେ | : | ସିତି, ସିଟାନେ | : | ସିତି ମୁଇଁ ଯିବାକେ ପଡ଼୍ସି । |
| ନିକଟରେ | : | ଲଗେ | : | ତା'ର ଗର୍ ଲଗେ ଆଚେ । |
| ଦୂରରେ | : | ଦୂର୍କେ | : | କମନ୍ ଦୂର୍କେ ଆଚେ । |
| ଆଗରେ | : | ଆଗେ/ଚେମ | : | ତୁଇ ଆଗେ ହିଣ୍ଡ । |
| ପଛରେ | : | ପଚେ, ପିଟିବାଟେ | : | ତାର୍ ପଚେ ମୁଇ ଆଇବି । |
| ପାର୍ଶ୍ୱ | : | ପାଲି | : | ଆମର୍ ଘର୍ ପାଲିକେ ଇସ୍କୁଲ୍ ଆଚେ । |
| ବର୍ତ୍ତମାନ | : | ଏବେ | : | ଏବେ ତୁଇ କନ୍ତି ଯିବୁସ୍ । |
| କଣ | : | କିସ୍, କାଇଟା | : | ତୁଇମକେ କାଇଟା ମିଶା ନା କଇଲୁସ୍ । |
| ସହିତ | : | ସଙ୍ଗେ | : | ତାର୍ ସଙ୍ଗେ ମୁଇ ଯାଇରେଲି । |
| କେବଳ | : | ଆବ୍କା | : | ତୁଇ ଆବ୍କା ଆଇଲୁସ୍ । |
| ପର୍ଯ୍ୟନ୍ତ | : | ଯାକେ | : | ତାକେ ମଶାନ୍ ଯାକେ ଚାଡ଼ିକରି ଆସା । |
| ନୁହେଁ | : | ନା, ନାଇ | : | ନିଜ୍ ଇ କାତା ତୁଇ ନା କୁଲା ସେ ନିଡଲାନି । |
| କିନ୍ତୁ | : | ମାତର୍, ମିଶା | : | ତୁଇ ଯିବୁସ୍ ମାତର୍ ସେ ନା ଆସେ । |
| ପାଇଁ | : | ଲାଗି, ପାଇଁ | : | ତାର୍ ଲାଗି ମୁଇଁ ଗଟେକ୍ କାମିଜ୍ ଘେନିଆନିରେଲି । |
| ଅଳ୍ପ | : | ଉନା, କଣ୍ଡେକ୍, ଗୁଡ଼ିକ୍ | : | ପାଞ୍ଚ ଉନା ଶଏଲକ୍ ରୁଣ୍ଡଲେଇ ତୁଇ ଗୁଡ଼ିକ୍ ଖାଇକରି ଆସା । |
| ସେହିପରି,ସେହିଭଳି | : | ସେନ୍ତାର, ସେପାରା | : | ତୁଇ ସେନ୍ତାର୍ (ସେପାରା) କଇଲେ ନାହୁଏ । |

## କ୍ରିୟା

| | | | | |
|---|---|---|---|---|
| ଯିବା | : | ଜୁ | : | ବେଲ୍ ଏଲାନି ଇସ୍କୁଲେ ଜୁ । |
| ଆସିବା | : | ଆସୁ | : | ଆମେ ବେଏରନ୍ତାନେ ଯାଇଆସୁ । |
| ବସିବା | : | ବସୁ | : | ଇତିବସ୍ବାକେଟାନ୍ନାଇ । |
| ଖାଇବା | : | ଖାଉ | : | ଗଡ଼୍ଭାତ ପୁନିଦଇକରି ଖାଇବା କାତା । |
| ପିଇବା | : | ଉୁକୁ | : | ପାନି ଉୁକିକରି ମୁଇ ହିଣ୍ଡବି । |

| | | |
|---|---|---|
| ଦେଖିବା | : ଦେକୁ | : ତଲ୍‌କେ ଦେକିକରି ହିଣ୍ଡ । |
| ଶୁଣିବା | : ଶୁନୁ | : ତୁଇ କାଇ କାତା ଶୁନିଲିସ୍ । |
| ଚାଲିବା | : ହିଣ୍ଡୁ | : ବସଟାନୁ ଉତ୍‌ରି କଣ୍ଡକେ ହିଣ୍ଡବାକେ ପଡ଼୍‌ସି । |
| ରାନ୍ଧିବା | : ରାନ୍ଧୁ | : ଆୟାପେଜ୍ ରାନ୍ଧ୍‌ଲାନି । |
| ଶିଖିବା | : ଶିକୁ | : ତୁଇ ନିମାନକରି ଲେକାପଢ଼ା ଶିକ୍‌ବାର ଆଚେ । |
| ଗାଇବା | : ଗାଉ | : ଗୀତ୍ କୁଡ଼ିଆ ଚଇତ୍ ପରବ୍‌ଗୀତ୍ ଗାଇଲାନି । |
| ନୃତ୍ୟ କରିବା | : ନାଟକରୁ | : ଆସା, ଚେର୍‌ଚେରା ନାଟକରୁ । |
| ଗାଧୋଇବା | : ଗାଦାଉ, ପାନିଦଉ | : ନିମାନ୍‌କରି ଗାଦେଲେ ଗାଗଡ଼େ କୁଣ୍ଡିଆନି ନାହଏ । |
| ଖେଳିବା | : ଖେଲୁ | : ଗାଉଁର ଧାଙ୍ଗଡୀମନ୍ ସାଇଲଡ଼ି ଖେଲ୍‌ଲେନି । |
| ଡ଼େଇବା | : ଡ଼ଗାଉ | : ଗଚେ ମାକଡ଼୍‌ମନ୍ ଡ଼ଗେଇଲେନି । |
| ଦାନ୍ତ ଘଷିବା | : ଦାନ୍ତନ୍‌କରୁ | : ସାକାଲସାକାଲ୍ ଦାନ୍ତନ୍ କର୍‌ବା ପଚେ ପେଜ ତୁକୁ । |
| ଦୌଡିବା | : ପାଲାଉ | : ବାଲୁଦେକି କରି ସେ ଦାଇଁ ପାଲାଇରେଲା । |
| ପାଣି ମଡ଼ାଇବା | : ପାନି ଚପାଉ | : ପାନି ନା ଚପାଲେ ଦାନ୍‌ବୁନ୍ଦମନ୍ ସୁକିଯାଇସି । |
| ପାଇବା | : ମିଲାଉ | : ମୁଇଁ ବାଟେ ଗଟେକ୍ ପେନ୍ ମିଲାଇଲି । |
| ପାଛୁଡ଼ିବା | : ପୁନୁ | : ଆୟା ଚଉଲ୍ ପୁନିଲାନି । |
| ହସିବା | : ହସୁ | : ତୁଇ କାଇପାଇ ହସିରେଲୁ । |
| କାନ୍ଦିବା | : କାନ୍ଦୁ | : ତୁଇ ନା କାନ୍ଦା । |
| କହିବା | : କଉ | : କାତାନିଗଟେ କଉ । |
| ଲେଖିବା | : ଲେକୁ | : ଲେକାପଢ଼ା ଜାନି ରେଲେ କେମିଶା ଠକିନାପାରେ । |
| ଚାଷ କରିବା | : ହଲ୍‌କରୁ | : ପାନି ମାର୍‌ଲେ ହଲ୍ କର୍ ବାକେ ପଡ଼୍‌ସି । |
| ଶୋଇବା | : ଶେଉ | : ତୁଇ କାଇଗିନେ ଶୋଇରେଲୁନି । |
| ବିଶ୍ରାମ କରିବା | : ତାକି କରିବସୁ | : ସେମନ୍ କାମ୍‌କରି ତାକିକରି ବସିଲାଏ । |
| କିଣିବା | : ଘେନୁ | : ତାର କାଜେ ଗଟେକ୍ କାମିଜ ଘେନ୍‌ଲା । |
| ଉତ୍ତର ଦେବା | : ଉତିରକଉ | : ତୁଇ ଗଟେମିଶା ଉତରନା କଇଲୁନି । |
| ଆକ୍ରମଣ କରିବା | : ମାରବାଡା | : ଖାଙ୍ଗାରମନ୍ ତାକେ ମାର୍‌ବା ସାଙ୍ଗେ ଡାବୁକାସୁ ନେଇରେଲେ । |
| ଆଣିବା | : ଆନୁ | : ମୁଇ ହାଟେ ଯାଇକରି ତୁନ୍‌ସାଗ୍ ଘେନି ଆନ୍‌ବିସ୍ |
| ଚଢ଼ିବା | : ଚେଗୁ | : ଗଚେ ଚେଗି ଆମ୍ ତଲୁ । |
| କାଟିବା | : କାଟୁ | : ଲଟାବୁଟା କାଝଲେ ସରି ଗୁଣ୍ଡି ନରଅତ୍ । |
| ଲଢେଇ କରିବା | : ଲାଗ୍‌ବା | : ସାଇଲକ୍ ସାଙ୍ଗେ ଲାଗବାଟା ଭଲ ନାଇଁ । |
| ଝୁଲାଇବା | : ଆଲାଉ | : ବାବା ଛାତାକେ ଖୁଟିନେ ଅଲାଇଲା । |

| | | | | |
|---|---|---|---|---|
| ସାହାଯ୍ୟ କରିବା | : | ଆସାଦ୍‌କରୁ | : | ନତିବା ଲକ୍‌କେ ସାଆଦ୍ କର୍‌ବା ଦରମ୍ । |
| ଜାଣିବା | : | ଜାନୁ | : | ପାଟ୍ ପଢ଼ଲେ ସବୁକାତା ଜାନିଏଇସି । |
| ଦେଖିବା | : | ଦେକ୍‌ବାଟା | : | ତୁଇ ଇତି କାଇଟା ଦେକ୍‌ଲୁସ୍ ? |
| ବ୍ୟବହାର କରିବା | : | ବାଇବାଟା | : | ତୁଇ ମର ଲୁଗାକେ କାଇଗିନେ ବାରଲୁନି । |
| ମାନିବା | : | ମାନ୍‌ବାଟା | : | ଆମର ଗାଏଁ ନା ସବୁଲକ୍ ମାନିକରି ଆଚତ୍ । |
| ପଢିବା | : | ପଢୁ | : | ପାଟପଢ଼ଲେ ଜାନିବାର ଏଇସି । |
| ଖୋଜିବା | : | ଖଜୁ | : | ଶୁକୁରା ଡାବୁ ଅଦରେଇ କରି ଖଜ୍‌ଲାନି । |
| ବିକ୍ରି କରିବା | : | ବିକୁ | : | ଆଯ୍ଯା ବାଙ୍ଗା ବିକ୍ ବାକେ ହାଟେ ଗଲାନି । |
| ଝାଡୁ କରିବା | : | ବାଡାନୁ | : | ଗର୍ ଚ୍‌ଚରିପାଲି ବାଡ଼ାନୁ । |
| ଆରମ୍ଭ କରିବା | : | ଆରମ୍‌କରୁ | : | ଆଜିକାମ୍ ଆରମ୍ କର୍‌ବାକେ ଜୁ । |
| ପଠାଇବା | : | ପାଟାଉ | : | ପିଲାଟକିମନ୍‌କେ ଇସ୍କୁଲ୍‌କେ ପଟାଉ । |
| ନେବା | : | ନେଉ | : | ତୁଇ ନେଇରେବା ଡାବୁ ଦେଇଦିଆ । |
| ଇଚ୍ଛା କରିବା | : | ମନ୍ କର୍‌ବା | : | ଯାତରା ତାନେ ମନ୍ କର୍‌ବା ଜିନିଷମନ୍ ମିଲ୍‌ସି । |
| ପିନ୍ଧିବା | : | ଓଡ଼୍‌ବା | : | ତୁଇ ନିମାନ୍ କରି କାମିଜ୍ ଓଡ଼୍ । |
| ଜିତିବା | : | ଜିତିବାଟା | : | ସେମନ୍ ଖେଲ୍ ଜିତିକରି ଗଲେନି । |
| କାମ କରିବା | : | ପାଇଟିକରୁ | : | ମୋକେ ଜବର୍ ପାଇଟିକାଦାଡ଼୍ ଆଚେ । |
| କରିବା | : | କରୁ | : | ତୁଇ କାଇଟା କଲୁସ୍‌ନି ? |
| ପଡ଼ିଯିବା | : | ଅଦର୍‌ବାଟା | : | ପଦଲାମ୍ ସାଇକେଲ ତାନୁ ଅଦରିଗାଲା । |
| ବନ୍ଦକରିବା | : | ତେବ୍‌ବା | : | ତୁଇ ଗାଡ଼ିକ ଚନ୍‌କେ ଥେବ୍ । |
| ବୁଣିବା | : | ବୁନ୍‌ବାଟା | : | ବେଡ଼ାନେ ଦାନ୍ ବୁନିବାକେ ବାବା ଯାଇରେଲା । |
| ଖର୍ଚ୍ଚ କରିବା | : | ଖରଚ୍‌କରୁ | : | ତୁଇ ଦେକ୍‌କରି ଖରଚ୍ କର୍‌ବାକେ ପଡ଼୍‌ସି । |

## ଅସ୍ତ୍ରଶସ୍ତ୍ର

| | | | | |
|---|---|---|---|---|
| ଖଣ୍ଡା | : | ଖାଣ୍ଡା | : | ଖାଣ୍ଡା ବଡ଼େ ଧାର୍ ରେଇସି । |
| କଟୁରୀ / ଛୁରୀ | : | କାଟ୍ରା | : | କାଟ୍ରା ସଙ୍ଗେ ସାଗ୍ ଡାଲ୍ କାଟବାଯେ । |
| କାତି | : | କାତି | : | କାତି ଗଜିଆ ରେୟସି । |
| ତୀର | : | କାଣ୍ଡ, ଶର | : | ଶବର ମନ୍ ଧନୁ କାଣ୍ଡ ଧେରି କରି ବୁଲ୍‌ତେରେବାୟେ । |
| ଠେଙ୍ଗା | : | ଠେଙ୍ଗ୍ | : | ଠେଙ୍ଗ୍ ସଙ୍ଗେ କୁକୁରକେ ମାର୍‌ବାୟେ ଆଚତ୍ । |

| | | |
|---|---|---|
| ବନ୍ଧୁକ | : ନଲୀ | : ପୋଲିସ୍ ମନ୍ ନଲି ଧେରି କରି ବୁଲ୍‌ବାୟେ । |
| ଧନୁ | : ଧନୁ | : ଧନୁ ବାଙ୍ଗଟା ରେୟସି । |
| ଟାଙ୍ଗିଆ | : ଟେଙ୍ଗିଆ | : ଟାଙ୍ଗିଆ ସଙ୍ଗେ ଦାରୁ ଫୁଟାୟବାୟେ । |
| ଚ୍ଚବୁକ୍ | : କର୍‌ଡ଼ା | : କରଡ଼ା ସଙ୍ଗେ ମାର୍‌ଲେ ବଲ୍ ଦୁକସି । |
| ଦାଆ | : ଇଲା | : ଇଲା ବାଙ୍ଗଟି ରେୟସି । |
| ବାଡ଼ି | : ଡାଙ୍ଗ | : ଆମର ଘରେ ଡାଙ୍ଗ୍ ଗଟେକ୍ ଆଚେ । |
| ଲମ୍ବାବାଉଁଶ | : ଲାଟି | : ଲାଟି ସଙ୍ଗେ ଆମ୍ ତଲ୍‌ବାୟେ । |
| ପନିକି | : ପନ୍‌କି | : ମୁଇ ପନିକ ସାଙ୍ଗେ ଆମ୍ କାଟ୍‌ତେ ନା ପାରି । |
| ପରଶୁ | : ପର୍‌ଶୁଟାଙ୍ଗି | : ଆମର୍‌ଗରେ ବଡ଼୍‌ଟା ପରଶୁ ଟାଙ୍ଗିଆ ଆଚେ । |

## ପଶୁପକ୍ଷୀ

| | | |
|---|---|---|
| ଜନ୍ତୁ | : ଜନ୍ତୁ, ପଶୁ / ଜିଆଦ୍ | : ବନେ ଜିଥାଦ୍ ମନ୍ ରେବାୟେ । |
| ପଶୁ | : କୁକୁର | : କୁକୁର ଗୋଟେକ୍ ପଶୁ । |
| ବଣୁଆପଶୁ | : ବନପଶୁ | : ବାଘ୍ ଗୋଟେକ୍ ବନ୍‌ପଶୁ । |
| ଗୃହପାଳିତ ପଶୁ | : ଘରେ ପଶବା ପଶୁ | : ଗାୟକେ ଘରେ ପଶ୍‌ବାୟେ । |
| ଚତୁଷ୍ପଦ | : ଚାରଟା ଗୋଡ଼ ରେବାଟା | : ଗାୟକେ ଚ୍ଚରଟା ଗୋଡ଼ ଆଚେ । |
| ଦ୍ୱିପଦ ପ୍ରାଣୀ | : ଦୁଇଟା ଗୋଡ଼ ରେବାଟା | : ନର୍ ଲୋକକେ ଦୁଇଟା ଲାକା ଗୋଡ଼ ଆଚେ । |
| ତୃଣଭୋଜୀ | : ଘାସଖାଉ | : ଗାୟ ଘାସ୍ ଖାଇସି । |
| ମାଂସାଶୀ | : ମାଉସ୍‌ଖାଉ | : ବାଘ୍ ମାଉସ୍ ଖାଉ । |
| ଜଳଚର | : ପାନି ଭିତରେ ରେବାଟା | : ମାଛ ମନ୍ ପାନି ଲଗେ ରେବାୟେ । |
| ସ୍ଥଳଚର | : ମାଟି ଉପରେ ରେବାଟା | : ମାଟି ଉପରେ ଘର ବାନ୍ଧିକରି ରେବାୟେ । |
| ଆଖି | : ଆଖି | : ଆଖି ଥାନୁ ଦେଖ୍‌ବାର ହେଇସି । |
| କାନ | : କାନ | : କାନେ ଶୁନ୍‌ବାୟେ ଆଚତ୍ । |
| ଶିଙ୍ଗ | : ଶିଙ୍ଗ୍ | : ବଡ଼େ ବଡ଼େ ଶିଙ୍ଗ୍ ଆଚେ । |
| ଲାଞ୍ଜ | : ଲେଞ୍ଜ | : ମାଙ୍କଡିକେ ଲେଞ୍ଜ୍ ଭାର୍‌ଲା ଆଚେ । |
| ଗୋଡ଼ | : ଗୋଡ଼ | : ଗୋଡ଼ ଥାନୁ ହିଣ୍ଡବାୟେ । |
| ଖୁରା | : ଖୁରା | : ଘଡ଼ାର ଖୁରା ଆଚେ । |
| ପହ୍ମା | : ଦୁଦ୍ | : ଗାୟ୍‌କେ ଦୁଦ୍ ଆଚେ । |
| ଚମଡ଼ା | : ଚ୍ଚମ୍ | : ପଡ଼ ଚ୍ଚମ୍ ବଡ଼େ ଆଣ୍ଡୁଆ ରେୟସି । |

| | | | | |
|---|---|---|---|---|
| ଥୋମଣି | : | ଥମନା | : | ଭାଲୁ ଥମ୍‌ନା ଗଜିଆ ରେୟସି । |
| ଗୁହାଳ | : | ଗରୁଶାଲ୍ | : | ଆମର୍ ଗରୁଶାଲେ ଗାୟ୍ ଗରୁ ମନ୍ ଆଚତ । |
| ଘୋଡ଼ାଶାଳ | : | ଘୋଡ଼ା ଶାଲ୍ | : | ଘୋଡ଼ା ଶାଲେ ଘୋଡ଼ା ମନ୍ ଆଚତ୍ । |
| ଲୋମ | : | ରୁମ୍ | : | ମେଣ୍ଢା ମନ୍‌କେ ଜବର୍ ରୁମ୍ ଆଚେ । |
| ପଘା | : | ଡର୍ | : | ଗାୟ ଡର୍ ଛିଡ଼ାୟ ହେଲା । |
| କୁଣ୍ଡା | : | କଣ୍ଡା | : | ଗାୟମନ୍ କଣ୍ଡା ଖାଇଲାୟେନି । |
| ଘାସ | : | ଘାସ୍ | : | ଗାୟ୍ ଗୋରୁ ମନ୍ ଘାସ ଖାଇଲାୟେନି । |
| ହାତୀଦାନ୍ତ | : | ହାତୀଦାତ୍ | : | ହାତୀଦାତ୍ ଧବ୍‌ଲା ରେୟସି । |
| କୁକୁର ଛୁଆ | : | କୁକୁର ପିଲା | : | ଆମ୍‌ର ଘରେ କୁକୁର୍ ପିଲା ଗୋଟେକ ଆଚେ । |
| ଘୋଡ଼ାଛୁଆ | : | ଘୋଡ଼ାପିଲା | : | ତାଙ୍କରତି ଘୋଡ଼ା ପିଲା ଗୋଟେକ୍ ଆଚେ । |
| ଛେଳିଛୁଆ | : | ଛେଲିପିଲା | : | ଛେଲି ପିଲା ମନ୍ ମେ ମେ କରି କାନ୍ଦି ବୁଲ୍‌ଲାୟେନି । |
| ଠେକୁଆଛୁଆ | : | ଖାଡ଼ା ପିଲା | : | ଖାଡ଼ା ପିଲା ଗୋଟେକ୍ ବନେ ଡଗ୍‌ୟ ବୁଲାନି । |
| ବିରାଡ଼ିଛୁଆ | : | ବିଲେଇପିଲା | : | ଆମର୍ ବିଲାୟ, ପିଲା ଗୋଟେକ୍ ପକାୟଲା । |
| ହରିଣ ଛୁଆ | : | ସମର ପିଲା | : | ସମର୍ ପିଲା ବଡ଼େ ସୁନ୍ଦର ଆଚେ । |
| ବାଛୁରୀ | : | ବାଚୀ | : | ବାଚୀ ପିଲା ଗୋଟେକ୍ ଘାଁସ୍ ଖାୟଲାନି । |
| ଓଟ | : | ଉଟ୍ | : | ଉଟ୍ ଟଟ୍ରା ବଡ଼େ ଲମ୍ ଆଚେ । |
| ମୃଗ | : | ସମର୍ | : | ସମର୍ ମନ୍ ବନେ ରେବାୟେ । |
| କଲରା ପତ୍ରିଆ | : | କାର୍‌ଲା ପତ୍ରିଆ | : | ବାଘ୍‌ର ପିଟି ଲଗେ କାରଲା ପତ୍‌ର ପାରା ଚିନ୍ ରେସି । |
| କୋକିଶିଆଳ | : | କଲିଆ | : | କଲିଆ କୁକ୍‌ଡ଼ା ଧେରି ଖାୟସି । |
| ଗଧ | : | ଗଦ | : | ବେଶି ଓଜନ ବୟସି । |
| ଗୟଳ | : | ଗଇଲ୍ | : | ମୁଇଁ ଗୋଟେକ୍ ଗଇଲ୍ ଦେଖଲି । |
| ଗାଈ | : | ଗାୟ | : | ଆମର୍ ଘରେ ଗାୟ ଗୋଟେକ୍ ଆଚେ । |
| ଗଧିଆ | : | ଗଦ୍ ଡୁରକା | : | ହାୟ୍ ବାଟେ ଗଦ ଡୁରକା ଗୋଟେକ୍ ଗାଲାଦି । |
| ଘୁଷୁରୀ | : | ଘୁଷରୀ | : | ବାରିୟା ଗୁକେ ଖାୟସି । |
| ଘୋଡ଼ା | : | ଘୋଡ଼ା | : | ଘୋଡ଼ା ବେଶି ପାଲାୟସି । |
| ଚିତାବାଘ | : | ଚିତାବାଘ୍ | : | ଚିତା ବାଘ୍‌ର ଗାଗଡ଼ ଭର୍ତ୍ତି ଟୁପି ଟୁପି ବାନା ରେୟସି । |
| ଚୁଚୁନ୍ଦ୍ରା | : | ଚୁଚୁନ୍ଦ୍ରା | : | ଚୁଚୁନ୍ଦ୍ରା ମନ୍ ପେଣ୍ଟ୍ କାମିଜ୍ କେ କଟ୍‌ର୍ ବାୟେ । |
| ଚୁଟିଆମୂଷା | : | ଚୁଟିଆ ମୂଷା | : | ଚୁଟିଆ ମୂଷା ଧାନ ଖାୟସି ଆଚେ । |

| | | | | |
|---|---|---|---|---|
| ଛଡ଼ା | : | ବାଛି | : | ଆମର ଗଟେ କାଲିୟା ବାଛି ଆଚେ । |
| ଝିଙ୍କ | : | ସାଇ | : | ସାଇର୍ ପିଟି ଉପରେ କାଟା ରେୟସି । |
| ଠେକୁଆ | : | ଖାଡ଼ା | : | ଖାଡ଼ା ଘାଁସ୍ ଖାୟସି । |
| ନେଉଳ | : | ଟିଲୁମୂଷା | : | ଟିଲୁ ମୂଷା ଗଚେ ରେୟସି । |
| ବଳଦ | : | ଦଲଦ | : | ଆମର୍ ଘରେ ବଲଦ୍ ମନ୍ ଆଚତ୍ । |
| ବଡ଼ମୂଷା | : | ବଡ଼ମୂଷା | : | ତାଙ୍କରତି ଘର୍ ଭର୍ତ୍ତି ବଡ଼ ବଡ଼ ମୂଷା ମନ୍ ଆଚତ୍ । |
| ବାନର | : | ହନୁ | : | ହନୁ ମନ୍ ବନେ ରେବାୟେ । |
| ବଣ ମଣିଷ | : | ବନ୍ ନର | : | ପୂର୍ବେ ବନ୍ ନର୍ ମନ୍ ରେଲାୟ । |
| ବାଘ | : | ବାଘ୍ | : | ବାଘ୍‌କେ ଦେଖଲେ ଡର୍ ଲାଗସି । |
| ବାଘୁଣି | : | ବାଘନି | : | ବାଘ୍‌ନି ବାଘ୍ ପିଲା ମନ୍‌କେ କ୍ଷୀର ଖୁଆୟଲାନି । |
| ଭାଲୁ | : | ବାଲୁ | : | ବାଲୁ କାଲିଆ ରେୟସି । |
| ମେଣ୍ଢା | : | ମେଣ୍ଡା | : | ମେଣ୍ଡାର୍ ବାଲ୍ (ରୁମ୍) ବେଶି ମୋଟା ଆଚେ । |
| ମେଣ୍ଢୀ | : | ମେଣ୍ଡୀ | : | ମେଣ୍ଡୀ ଗୋଟେକ୍ ଘାଁସ୍ ଖାୟଲାନି । |
| ମଇଁଷି | : | ମଇଁଷି | : | ମଇଁଷି ଚାମ୍ ବେଶୀ ଆଢୁଆ ରେୟସି । |
| ସମ୍ବର | : | ସମର୍ | : | ସମର୍ ମନ୍ ବନେ ରେବାୟେ । |
| ଷଣ୍ଢ | : | ଷଣ୍ଢ | : | ଆମର୍ ଗାୟେଁ ଗୋଟେକ ଷଣ୍ଡ ଆଚେ । |

## ପକ୍ଷୀ

| | | | | |
|---|---|---|---|---|
| ଓଟପକ୍ଷୀ | : | ଉଟଚେଡ଼େ | : | ଉଟ୍ ଚେଡ଼େ ବଡେଟା ରେୟସି । |
| କପୋତ | : | ପାଣ୍ଡକା | : | ପାଣ୍ଡ୍‌କା ଗୋଟେକ୍ ଗଚେ ବସ୍‌ଲା । |
| କାଉ | : | କାଉ | : | କାଉ କାଲିଆ ଆଚେ । |
| କାଠହଣା | : | ଗଛ କାଟୁ | : | ଗଛ୍ କାଟୁ ଚେଡେ ଗଛ୍ ପଲକା ଲଗେ ରେୟସି । |
| କୁକୁଡ଼ା | : | କୁକୁଡ଼ା | : | କୁକଡ଼ା ମାଉସ୍ ବଡ଼େ ସୁଆଦ୍ ଲାଗସି । |
| ମାଈ କୁକୁଡ଼ା | : | ପେଟି | : | ପେଟି ଗାର୍ ଦେୟସି । |
| କୋଇଲି | : | କୁମାଟି | : | କୁମାଟି ବଡ଼େ ସୁନ୍ଦର୍ ଗୀତ ଗାୟସି ଆଚେ । |
| ଗୁଣ୍ଡୁଚୀ | : | ଗୁଣ୍ଡଚୀ | : | ଗୁଣ୍ଡରୀ ମାଉସ୍ ବଡ଼େ ସୁଆଦ୍ ଲାଗସି । |
| ଘର ଚଟିଆ | : | ଘର ଚେଡେ | : | ଘର୍ ଚେଡେ ଘରେ ରେବାୟେ । |
| ଚିଲ | : | ଗୀଦ୍ | : | ଗୀଦ୍ ଚେଡେ କୁକଡ଼ା ପିଲା ମନ୍‌କେ ଖାୟସି । |
| ଛଞ୍ଚାଣ | : | ଛାଞ୍ଚାଣ | : | ଛାଞ୍ଚାଣ ମାନ୍ଦା ମାନ୍ଦା ଉଡି ବୁଲ୍‌ଲାୟେନି । |
| ହରଡଚଡେଇ | : | ଅରଡଚଡେଇ | : | ଏବେ ଆରି ଅରଡ୍ ଚଡେଇ ନା ଦିଶେତ୍ । |
| ହଂସ | : | ହସ୍ | : | ହଁସ୍ ମନ୍ କାଦ ଆରି ମଇଲା ପାଦି ଖାଇବାୟେ । |

| | | |
|---|---|---|
| ପେଚା | କୁମ୍ମା | କୁମ୍ମା ଚେଡେ ଆଖି ମନ୍ ଗୁଲଟୁ ଗୁଲ୍‌ଟୁ ଆଚେ । |
| ବଗ | କକେଡ଼ା | କକେଡାର୍ ଗୋଡ଼ ମନ୍ ଡେଙ୍ଗ୍ ଡେଙ୍ଗ୍ ଆଚେ । |
| ବଣି | ରାମ | ରାମି ବନେ ରେୟସି । |
| ବାଦୁଡ଼ି | ଗାଦ୍‌ଲା | ଗାଦ୍‌ଲା ମାଉସ୍ ଖାଇବାର୍ ହେୟସି । |
| ମୟୂର | ମଜୁର୍ | ମଜୁର ବଡ଼େ ସୁନ୍ଦର୍ ନାଚ୍‌ସି ଆଚେ । |
| ମାଛରଂକା | ପାନିହସ୍ | ପାନି ହସ୍ ପାନି ଲଗେ ରେୟସି । |
| ରାଜହଂସ | ରାଜ୍‌ହସ୍ | ରାଜହସ୍ ଘରେ ରେଲେ ଘରେ ସାପ୍ ନାଆସତ୍ । |
| ଶୁଆ | ଶୁଆ | ଶୁଆ ଗୋଟେକ୍ ଆମର୍ ଘରେ ଆଚେ । |
| ହଳଦୀ ବସନ୍ତ | ହଲଦି ବସନ୍ତ | ହଲଦି ବସନ୍ତ ହଲଦି ପାରା ରେୟସି । |
| ଅଣ୍ଡା | ଗାର | କୁକଡ଼ା ଗାର୍ ଧବ୍‌ଲା ଆଚେ । |
| ଥଣ୍ଟ | ଚଣ୍ଡି | କକେଡ଼ାର୍ ଚଣ୍ଡି ଗଜିଆ ରେୟସି । |
| ପର | ପକ୍ଷୀ | କୁକଡ଼ା ପକ୍ଷୀ ବଡ଼େ ଆଣ୍ଟୁଆ । |
| ବସା | ବସା | ଚେଡ଼େ କାୟ ସୁନ୍ଦର୍ ବସା ବାନ୍ଦଲା ଆଚତ୍ । |
| ମୟୂର | ମଜୁର | ମଜୁର ଗୋଟେକ୍ ଗଚେ ଚେଗ୍‌ଲା ଆଚେ । |

## ଅଂଗପ୍ରତ୍ୟଙ୍ଗ

| | | |
|---|---|---|
| ମୁଣ୍ଡଗଣ୍ଠି | ମୁଣ୍ଡଗଣ୍ଠି | ତାର୍ ମୁଣ୍ଡ ଗଣ୍ଠି ଠିକ୍ ନାଇଁ । |
| ମୁହଁ | ମୁଁ | ତାର୍ ମୁଁ ବଡ଼େ ସୁନ୍ଦର ଆଚେ । |
| ପାଟି | ଟଣ୍ଡ | ତାର୍ ଟଣ୍ଡ ବେଶି ବାସନା କଲାନି । |
| ଆଖି | ଆକି | ଆକି ଥାନୁ ଦେଖିବାର୍ ହେୟସି । |
| ଆଖିପତା | ଆକିପତା | ଆକିପତା ଆକିକେ ଜାଗର୍‌ତ କର୍‌ସି । |
| ଦାନ୍ତ | ଦାତ୍ | ସବୁଦିନେ ସାକାଲ୍ ବେଲା ଦାତ୍ ଘଷ୍‌ବାର ଆଚେ । |
| ଜିଭ | ଜିବ୍ | ଜିବ୍ ଥାନୁ ଚାକ୍‌ବାୟେ । |
| କପାଳ | କପାଲ୍ | କପାଲ୍‌କେ କାମ୍ କର୍‌ବାର । |
| ଖପୁରୀ | କିପ୍‌ରୀ | ସେ ଆଦ୍‌ରି କରି କିପରୀତାନେ ମାଡ଼ ପାଇଲା । |
| ମସ୍ତିଷ୍କ | ମତିସ୍ | ମତିସ୍ ଟିକ୍ କରି ପାଟ୍ ପଡ଼ଲେ ସର୍‌ତେ ମନେରେସି । |
| ଗାଲ | ଗାଲ୍ | ତାର୍ ଗାଲ୍ ବଡ଼େ ବଡ଼େ ଆଚେ । |
| ବାଳ | ବାଲ୍ | ତର୍ ବାଲ୍ ପାଚଲା ଆଚେ । |
| ଗଳା | ଗାଲା | ମୋକେ ଗାଲ୍ ବେଶି ଦୁକଲାନି । |

| | | | | |
|---|---|---|---|---|
| ବେକ | : | ଟଟ୍ରା | : | ତାର୍ ଟଟ୍ରା ବେଶି ଲମ୍ ଆଚେ । |
| ଛାତି | : | ଛାତି | : | ତାର୍ ଛାତି କେଡ଼େକ୍ ଓସାର ଆଚେ । |
| ଫୁସ୍‌ଫୁସ୍ | : | କଲିଜା | : | ନର୍ ଲୋକକେ କଲଜା ଆଚେ । |
| ପ୍ଲିହା | : | ଗୁଣ୍ଡିଆ | : | ବାଟେ ବାଘ୍ ଦେକିକରି ଲଖନ୍‌ର ଗୁଣ୍ଡିଆ ପାନି ଏଇଗାଲା । |
| ପେଟ | : | ପେଟ୍ | : | ତକେ ଯେତକି ଭାତ୍ ଖାୟଲେ ମିଶାପେଟ ପୁରେ ନାଇଁ । |
| କାନ୍ଧ | : | କାନ୍ଦ୍ | : | ମୁଇଁ ତାର୍ କାନ୍ଦ୍ ସମାନ୍ ନାହେଇ । |
| ବାହୁ | : | ଡ଼େନା | : | ତାର୍ ଡ଼େନା ବଡ଼େ ବଡ଼େ ଆଚେ । |
| କହୁଣୀ | : | କଇନି | : | ତାର୍ କଇନି ଲଗେ ଗଟେ କସୁ ଏଲାଆଚେ । |
| ହାତ | : | ଆତ୍ | : | ମୋର୍ ଆତ୍ ଭାଙ୍ଗଲା ଆଚେ । |
| ଆଙ୍ଗୁଠି | : | ଆଙ୍ଗ୍‌ଟି | : | ସବୁକେ ପାଞ୍ଚଟା ଲାକା ଆଙ୍ଗଟି ଆଚେ । |
| ବାମହାତ | : | ଡେବ୍ରିଆତ୍ | : | ଡେବ୍ରିହାତେ ଭାତ୍ ନା ଖାଇବାର । |
| ଡାହାଣ ହାତ | : | ବୁଜ୍‌ନିଆତ୍ | : | ବୁଜନି ହାତେ ଭାତ୍ ଖାଇବାର । |
| ନାକ | : | ନାକ୍ | : | ତାର୍ ନାକ୍ ଗଜିଆ ଆଚେ । |
| ଓଠ | : | ଅଁଟି | : | ତାର୍ ଅଁଟି ବଡ଼େ ସୁନ୍ଦର ଆଚେ । |
| ଥୋଡ଼ି | : | ଝଡ଼ି | : | ତାକେ ଝଡ଼ି ଲଗେ ଘା ହେଲା ଆଚେ । |
| ଘଣ୍ଟିକା | : | ଶଙ୍କନାଲା | : | ସେ ଶଙ୍କନାଲା ଫାଟତେ କାନ୍ଦଲା । |
| ନଖ | : | ନକ୍ | : | ନକେ ମଇଁଲା ନକର୍ ବାର୍ । |
| ବୁଢ଼ାଙ୍ଗୁଳି | : | ମାଇଆଙ୍ଗୁଟି | : | ସବୁ ଆଙ୍ଗଟି ଥାନୁ ମାଇଁ ଆଙ୍ଗୁଟି ବଡ଼ ରେୟସି । |
| ତର୍ଜନୀ | : | ବିଶ୍‌ଆଙ୍ଗ୍‌ଟି | : | ତା'ର ବିଶ୍ ଆଙ୍ଗ୍‌ଟିତାନେ ଦୁକା ଏଇସି । |
| ମଧମା | : | ମଜିଆଙ୍ଗ୍‌ଟି | : | ମୋର ମଜି ଆଙ୍ଗଟି ଲଗେ ଗାଜି ହେଲା ଆଚେ । |
| ଅନାମିକା | : | ମୁଦିପିନ୍ଦା ଆଙ୍ଗ୍‌ଟି | : | ଆପା ମୁଦିପିନ୍ଦା ଆଙ୍ଗ୍‌ଟିତାନେ ଗଟେ ମୁଦି ପିନ୍ଦଲାଆଚେ । |
| କନିଷ୍ଠା | : | ଚିଲିଆଙ୍ଗ୍‌ଟି | : | ଚିନି ଆଙ୍ଗ୍‌ଟି ସବୁ ଆଙ୍ଗ୍‌ଟି ଥାନୁ ସାନ୍ ରେୟସି । |
| ନାଭି | : | ବମରି | : | ପେଟ ତଲେ ବମ୍‌ରି ଆଚେ । |
| ପିଠି | : | ପିଟି | : | ତାକେ ବଟି ଉପରେ ଘାଅ ହେଲା ଆଚେ । |
| ମେରୁଦଣ୍ଡ | : | ପିଟିଆଡ଼ | : | ସବୁ ବେଲେ ପିଟି ହାଡ଼ ସିଧା କରି ରକବାର । |
| ଅଣ୍ଟା | : | ଆଣ୍ଟା | : | ମୋକେ ବେଶି ଆଣ୍ଟା ଦୁକଲାନି । |
| କାଖ | : | କାକ୍ | : | ମାଇଁଜି ପୋଟେକ୍ କାକେ ପାନି ହାଣ୍ଡି ବଇଁ କରି ଆନ୍‌ଲାନି। |
| ଜଙ୍ଘ | : | ଜାଙ୍ଗ୍ | : | ତାର୍ ଜାଙ୍ଗ୍ ମନ୍ ବଡ଼େ ବଡ଼େ ଆଚେ । |
| ଚମଡ଼ା | : | ଗମ୍ | : | ନର୍ ଗମ୍ ବେଶି ପତଲା ଆଚେ । |

| | | | | |
|---|---|---|---|---|
| ଆଣ୍ଠୁ | : | ମାଣ୍ଡି | : | ଓକରା ଓକରି ମନ୍‌କେ ମନ୍‌କେ ମାଣ୍ଡି ବେଶି ଦୂକାୟସି । |
| ପାଦ | : | ପାଦ୍ | : | ପାଦେ ହିଣ୍ଡି ଜିବାର୍ ହେଇସି । |
| ଗୋଇଠି | : | ଲେଡ଼ି | : | ମୋକେ ଖାରା ଦିନେ ଲେଡ଼ି ଫାଟସି ଆଚେ । |
| ଶରୀର | : | ଗାଗଡ଼ା | : | ଗାଗ୍‌ଡ଼କେ ସବୁବେଲେ ସଫା ରଖବାର । |
| ନାଡ଼ି | : | ନାଡ଼ି | : | ଆମର୍ ହାତେ ନାଡ଼ି ଆଗେ । |

## ବେଶଭୂଷା ଓ ଅଲଙ୍କାର

| | | | | |
|---|---|---|---|---|
| ପୋଷାକ | : | ଡେରେସ୍ | : | ଲାଜର୍ କାଜେ ଆମେ ସବୁ ଡେରେସ୍ ପିନ୍ଧବାର କାତା । |
| କାମିଜ୍ | : | କାମିଜ୍ | : | ମୋକେ ରଙ୍ଗ୍ କାମିଜ୍ ଗୋଟେକ୍ ଆଚେ । |
| କଠଉ | : | କଟଉ | : | ମାପ୍ରୁ ମନ୍ କଟଉ ପିନ୍ଧ ବାୟେ । |
| କମ୍ବଳ | : | ସାଲ | : | ଆମର୍ ଘରେ କାଲିଆ ସାଲ୍ ଗୋଟେକ୍ ଆଚେ । |
| କୌପିନି | : | ଲେଙ୍ଗ୍‌ଟି | : | ପୁର୍‌ବେ ଲକମନ୍ ଲେଙ୍ଗ୍‌ଟି ମାର୍ ରେଲାଇ । |
| କୋଟ | : | କୋଟ | : | ଅକିଲ୍ ମନ୍ କୋଟ୍ ପିନ୍ଧ୍‌ବାୟେ । |
| ଗାମୁଛା | : | ଛିଡ଼ା | : | ଛିଡ଼ାକେ ପାନି ଲଗେ ଭିଜାୟ କରି ଘର୍ ପୁଚ୍‌ବାର୍ । |
| ଘଣ୍ଟା | : | ଘଡ଼ି, ଘଣ୍ଟା | : | ଆମର୍ ଘରେ ବଡ଼େଟା ଘଣ୍ଟା ଗୋଟେକ୍ ଆଚେ । |
| ଚଦର | : | ଚାଦର୍ | : | ସୀତ୍ ଲାଗଲେ ଚାଦର୍ ଅଡ଼ି କରି ଶୟବାର । |
| ଛତା | : | ଛାତା | : | ଆମରତି କାଲିଆ ଛାତା ଗୋଟେକ୍ ଆଚେ । |
| ଯୋତା | : | ପାଣ୍ଡାୟ | : | ପାଣ୍ଡାୟ ନ ପିନ୍ଧ୍‌ଲେ ଗୋଡ଼େ ଧୂଳି ବାଲି ଲାଗ୍‌ସି । |
| ଜାକେଟ | : | ଜାକେଟ୍ | : | ମାଇଁଜି ଟକି ମନ୍ ଜାକେଟ୍ ପିନ୍ଧ୍‌ବାୟେ । |
| ଟୋପି | : | ଟୋପରି | : | ଖାରା ବେଲେ ମୁଣ୍ଡେ ଟପ୍‌ରି ପିନ୍ଧିକରି ଯିବାର । |
| ତଉଲିଆ | : | ତବଲା | : | ତବ୍‌ଲା ଲଗେ ରୁଟି ବନାୟ ବାର ହେଇସି । |
| ତକିଆ | : | ମୁଣ୍ଡଉଷା | : | ଶୟଲା ବେଳେ ମୁଣ୍ଡେ ମୁଣ୍ଡଉଷା ଦେଇକରି ଶୟବାର । |
| ଧୋତି | : | ଧୋତି | : | ଓକରା ଲୋକ ମନ୍ ଧୋତି ପିନ୍ଧବାୟେ । |
| ପଗଡ଼ି | : | ପଗ୍‌ଡ଼ି | : | ପଞ୍ଜାବି ବାଲା ମନ୍ ପଗ୍‌ଡ଼ି ପିନ୍ଧବାୟେ । |
| ପ୍ୟାଣ୍ଟ | : | ଚେଡ଼ି | : | ମୋକେ ପୁରା ଚେଡ଼ି ଗୋଟେକ୍ ଆଚେ । |
| ପାନିଆ | : | ପାନିଆ | : | ପାନିଆ ସଙ୍ଗେ ମୁଣ୍ଡ୍ ଅଲି ହେଜାୟେ । |
| ଫ୍ରକ | : | ଗାଉନ୍ | : | ଟକି ମନ୍ ଗାଉନ୍ ପିନ୍ଧଲେ ସୁନ୍ଦର ଦିଶ୍‌ବାୟେ । |
| ବର୍ଷାତି | : | ତାର୍‌ଲା | : | ତାର୍‌ଲା ଗୋଟେକ୍ ପିନ୍ଧଲା ଆଚେ । |
| ମୋଜା | : | ମଉଜା | : | ସେ ମଉଜା ଆରି ବୁଟ୍ ପିନ୍ଧଲା ଆଚେ । |

| | | | | |
|---|---|---|---|---|
| ବୁଟ୍ | : | ବୁଟ୍ | : | ପିଲାଟକି ମନ ବୁଟ ପିନ୍ଦି କରି ଇସ୍କୁଲେ ଯିବାୟେ । |
| ମଶାରି | : | ମଶାରି | : | ମଶାରି ଟାଙ୍ଗି ଶୟଲେ ମ୍ୟାଲେରିଆ ଜର୍ ନାହେ । |
| ରୁମାଲ | : | ରୁମାଲ | : | ଖାଇସାରି କରି ରୁମାଲ ସଙ୍ଗେ ହାତ୍ ପୁଚିହେବାର । |
| ଲୁଙ୍ଗି | : | ଲୁଙ୍ଗି | : | ଆମର୍ ବାବା ଲୁଙ୍ଗି ପିନ୍ଦ୍ସି ଆଚେ । |
| ଶାଲ | : | ଶାଲ | : | ଆମର୍ ଘରେ ଧବ୍ଲା ସାଲ୍ ଗୋଟେକ୍ ଆଚେ । |
| ସେମିଜ୍ | : | ସେମିଜ୍ | : | ମାଇଜି ଟକି ମନ୍ ସେମିଜ ପିନ୍ଦବାୟେ । |
| ସାୟା | : | ଲାଙ୍ଗା | : | ମାଇଁଜି ଟକି ମନ୍ ଲାଙ୍ଗା ପିନ୍ଦ୍ ବାୟେ ଆଚତ୍ । |
| ଶାଢୀ | : | ଫାଟାୟ | : | ମୋର ମାଁକେ ରଙ୍ଗ ଫାଟାୟ ଗୋଟେକ୍ ଆଚେ । |
| ସ୍ୱେଟର | : | ସୁଟେର୍ | : | ଲୋକ୍ ଗୋଟେକ୍ ସୁଟେର ପିନ୍ଦଲା ଆଚେ । |
| ପଇତା | : | ପଇତା | : | ବାମନ୍ ଲୋକ ପଇତା ପିନ୍ଦବାୟେ । |
| ମୁକୁଟ | : | ମୁକୁଟ୍ | : | ରାଜା ମୁକୁଟ ପିନ୍ଦଲା ଆଚେ । |
| କନ୍ଥା | : | କନ୍ତା | : | ଆୟା କନ୍ତା ସିଲେଇ କଲାନି । |

## ଅଳଙ୍କାର

| | | | | |
|---|---|---|---|---|
| ଅଳଙ୍କାର | : | ସୁନାବାନା | : | ମଦନାଗରେ ଜବର୍ ସୁନାବାନା ରେସି । |
| ଅତର | : | ଅତର୍ | : | କିଆଫୁଲ ତାନୁ ଅତର୍ ବାର୍‌କର୍‌ବାୟା । |
| ଅଳତା | : | ଅଲତା | : | ଅଲତା ରଙ୍ଗ୍ ରେୟସି । |
| କାନଫୁଲ | : | କାନର ଫୁଲ / ପାତି | : | ଆୟ ପାତି ପିନ୍ଦଲେ ସୁନ୍ଦର୍ ଦିଶ୍‌ସି । |
| କବଚ | : | କାନର କବଚ | : | ଫୁଲ୍ ପିନ୍ଦଲା ଆଚେ । |
| କୁଣ୍ଡଳ | : | କୁଣ୍ଡଲ୍ | : | ରାବନ୍‌ରଜା କୁଣ୍ଡଲ୍ ପିନ୍ଦିକରି ବାର୍‌ବାଏ । |
| ଚୂଡ଼ି | : | ଗାଜୁଲ | : | ଆୟ ରଙ୍ଗ୍ ଗାତୁଲ୍ ପିନ୍ଦଲା । |
| ଖଡୁ | : | ଖଡୁ | : | ଖଡୁକେ ହାତେ ପିନ୍ଦବାୟେ । |
| ହାର | : | ହାର | : | ଆୟ ଗଲାୟେ ସୁନାର ହାର୍ ପିନ୍ଦଲା ଆଚେ । |
| ମୁଦି | : | ମୁଦି | : | ମୋକେ ସୁନାର ମୁଦି ଗୋଟେକ୍ ଆଚେ । |
| ବଳା | : | ଗାଗଲା | : | ବଣ୍ଡାମାଇଜିମନ୍ ବେକେ ଗାଗ୍‌ଲା ମନ୍ ପିନ୍ଦବାର । |
| ଟିକିଲି | : | ଟିକଲି | : | ହାୟେ ଟକି ସୁନ୍ଦର ଟିକିଲି ପିନ୍ଦଲା ଆଚେ । |
| ନାକଫୁଲ | : | ନାକରଟା | : | ମାଇଁଜି ଟକିମନ୍ ନାକରଟା ପିନ୍ଦ୍‌ବାୟ । |

| | | |
|---|---|---|
| ଚିପୁଣି | ଚିପ୍ନା | ଚମ୍ପା ମୁଣ୍ଡେ ରଂଗ ଚିପ୍ନା ପିନ୍ଧଲା ଆଚେ । |
| ନୋଥ | ନେତ୍ | ପୂରବେ ମାଇଜିମନ୍ ନାକେ ଜେତ୍ ପିନ୍ଧରେଲେ । |
| ଘୁଙ୍ଗୁର | ଗାଗୁଡ଼ି | ନାଟେ ଗାଗୁଡ଼ି ପିନ୍ଧ୍କରି ନାଚ୍ବାୟ । |
| ବାଜୁ | ବାଉଁଟା | ଆମର୍ ଦାଦିଡକରୀ ବାଉଁଟା ପିନ୍ଧ୍ଲାଆଚେ । |
| ଲକେଟ | ଲକେଟ୍ | ମୁଇଁ ହାଟେ ଲକେଟ ଘେନିଲି । |
| ପାଉଁଜି | ଫାଜୁଲ୍ | ଫାଜୁଲକେ ଗୋଡ଼େ ପିନ୍ଧବାୟେ ବଲି ଆନଲି ଆଚି । |
| ପଦକ | ମିନା | ଆୟାର୍ ମାଲି ଆରିମିନା ବଡ଼େ ଡଉଲ୍ । |
| ସୁର୍ମା | ଆକିକାଜୁଲ୍ | ଆକି କାଜୁଲ ମଣ୍ଡଇଲେ ଆକି ନିମାନ୍ ରେସି । |
| ସାବୁନ | ସାବୁ | ସବୁ ଦିନେ ଗାଦାୟଲା ବେଲା ସାବୁନାଲାଗୟ ବାର୍ । |
| ପାନିଆ | ପନିଆଁ | ମୋକେ କେଡ଼େ ସୁନ୍ଦର୍ ପନିଆ ଗୋଟେକ୍ ଆଚେ । |
| ଦର୍ପଣ | ଦରପନ୍ | ଦରପନ ଲଗେ ମୁଁ ଦେଖ୍ବାୟେ । |
| ମୁଣ୍ଡଫିତା | ମୁଣ୍ଡଫିତା | ଟକିମନ୍ ମୁଣ୍ଡେ ମୁଣ୍ଡ ଫିତା ପିନ୍ଧଲା ଆଚତ୍ । |

## ସଂଖ୍ୟା ଗଣନା

| | |
|---|---|
| ଏକ୍ / ଲାବ୍ | ଏକ କାଇଟା ମିଶା ଗନିବା ଆଗତୁ ଏକ / ଲାବ୍ କରବାଏ । |
| ଦୁଇ | ଇବାଟେ ଦୁଇଲକ୍ ଗାଲାଏ । |
| ତିନ୍ | ଚ୍ଚରତାନୁ ଏକ୍ କାଟ୍ଲେ ସରି ତିନ୍ ହେଇସି । |
| ଚ୍ଚର୍ | ଦୁଇଦୁଇଟା ଆମ୍ ମିଲାଇଲେ ଚ୍ଚରଟାଆମ୍ ହେଇସି । |
| ପାଞ୍ଚ | ଆମର୍ ଗୋଟେକ୍ ଆତେ ଆରିଗଡ଼େ ପାଞ୍ଚପାଞ୍ଚଟା ଆଙ୍ଗ୍ଟି ଆଚୋ |
| ଛଅ | ତିନଟା ଦୁଇ ମିଶ୍ଲେ ଛଅ । |
| ସାତ୍ | ସାତ୍ ଦିନ ମିଶା ହପ୍ତା । |
| ଆଟ୍ | ଚ୍ଚର୍ ଦୁନେ ଆଟ୍ । |
| ନଅ | ନଅଟା ବେଲେ ଇସ୍କୁଲେ ଯିବାକେ ପଡ଼ସି । |
| ଦଶ | ରାବନ୍ର ଦଶମୁଣ୍ଡ ଆମେ ନାଟେ ଦେକିରେଲୁ । |
| ଏଗାର | ଦଶ୍ତାନେ ଏକ୍ ମିଶଇଲେ ଏଗାର୍ । |
| ବାର୍ | ତିନ୍ଟା ଚ୍ଚର ମିଶାଇଲେ ବାର୍ ହେଇସି । |
| ତେର୍ | ମଦନକେ ତେର୍ ବରସ୍ ଚ୍ଚଲ୍ଲାନି । |
| ଚଉଦ | ବାର୍ ଆରି ଦୁଇ ମିଶାଇଲେ ଚଉଦ । |
| ପନ୍ଦର | ତିନ୍ଟା ପାଞ୍ଚ୍ ମିଶାଇଲେ ପନ୍ଦର । |

| | | |
|---|---|---|
| ସଲ୍ | : | ତରଦଶ୍‌ଟା  କୋଲି ଆରିମର୍ ଛଅଟା କଲି ମିଶିକରି ସଲ୍‌ଟା କଲି । |
| ସତର୍ | : | ମୁଇ ସତରଟାକା ଦେଇକରି ଗଟେ ଖାତା ଘେନ୍‌ଲି। |
| ଅଟର୍ | : | ନଅଟା ନଅଟା ମିଶ୍‌ଲେ ଅଟର୍‌ଟା ଏଇସି । |
| ଅନିସ୍ | : | ସେବ୍‌ତୀର ବଡ଼େ ଦାଦାକେ ଅନିସ୍ ବରସ୍ ହେଲା ଆଚେ । |
| କୋଡ଼ି | : | ଆୟା ଦି କୋଡ଼ି ଡାବୁ ଦେଇ କରି ଫାଟାଇ ଗଟେ ଘେନ୍‌ଲା । |

# ଜ୍ଞାତି କୁଟୁମ୍ବ

| | | | | |
|---|---|---|---|---|
| ପରିବାର | : | କୁଟୁମ୍ | : | ଆମରି ବଡେଟା କୁଟୁମ୍ ଆଚେ । |
| ବଂଶ | : | ବଇଁଶ | : | ଆମର୍ ନାଗ୍ ବଁସ୍ ଆୟ । |
| ବନ୍ଧୁ | : | ଗତ / ବନ୍ଧୁ | : | ଆମରତି ବନ୍ଧୁ ମନ୍ ଆୟବାୟେ । |
| ଅଜା /ପଣ ଗୋସେଇଁ ବାପା | : | ଆନିଦାଦି | : | ମୋକେ ଆନି ଦଦା ଆଚେ । |
| ଆଇ / ପଣ ଗୋସେଇଁ ମା | : | ଆନିବାର | : | ତାର୍ ଗଟେକ୍ ଆଇ । |
| ଜେଜେମା / ଆଇ | : | ବାଇ | : | ଆଇ ମୋକେ କାତାନୀ କଇ ଦେଇସି । |
| ବାପା | : | ବୁଆ / ବାବା / ବା | : | ବାବା ମୋକେ ବେଶି ଲାଡ୍ କରସି । |
| ମା | : | ଆୟା / ମା | : | ମାଁ ମିଶା ମୋକେ ଦେଶି ଲାଡ଼୍ କର୍‌ସି । |
| ପୁଅ | : | ବେଟା | : | ତାଙ୍କରତି ଦୁଇଟା ବେଟା ଆଚତ୍ । |
| ଝିଅ | : | ବେଟି | : | ଆମର ଘରେ ଗୋଟେକ୍ ବେଟି ଆଚେ । |
| ଭାଇ | : | ଭାଇ | : | ମୋକେ ଗୋଟେକ୍ ଭାଇ ଆଚେ । |
| ଭଉଣୀ | : | ବଉନି | : | ସୀତା ଆରି ଗୀତା ଦୁଇ ଭଉନୀ । |
| ବଡ଼ ଭଉଣୀ | : | ବାଇ / ଆପା | : | ମୋର୍ ବଡ଼ ବାଇ ବିବା ହେଲାବେ । |
| ସାନ ଭଉଣୀ | : | ନନି | : | ସାନ୍ ନନି ପାଠ୍ ପଡ଼୍‌ଲାନି । |
| ସ୍ୱାମୀ | : | ମନୁଷ୍ | : | ତାକେ ଗୋଟେକ୍ ମୁନୁଷ ଆଚେ । |
| ସ୍ତ୍ରୀ | : | ମାଇଜି | : | ମାଇଜି ଟକି ମନ୍ ଘରେ ରେବାୟେ । |
| ବଡବାପା | : | ବଡୁ / ବଡବାବା | : | ମୋକେ ଗୋଟେକ୍ ବଡ଼ ବାବା ଆଚେ । |
| କକା / ଦାଦା | : | ସାନ୍‌ଟାବା | : | ତାକେ ସାନ୍‌ଟା ବାବା ଆଚେ । |
| ବଡ଼ମା | : | ବଡ଼ାଇ / ବଡ଼ଟା ଆୟା | : | ବଡ଼ାୟମାଁ ଆମର୍ ଘରେ ଆସିରେଲା । |
| ଖୁଡି / ମାଉସୀ | : | ନିନିମା | : | ମୁଇଁ ମାଉଁସୀ ସଙ୍ଗେ ହାଟେ ଜାଇରେଲି । |
| ପିଉସା / ମାମୁଁ / ଶ୍ୱଶୁର | : | ମାମୁଁ | | |

| | | | | |
|---|---|---|---|---|
| ପିଉସୀ / ମାଇଁ / ଶାଶୁ | : | ମାଇଁ | : | ମୁଇଁ ମାଇଁ ଘରେ ବାଇରଲି । |
| ଭାଉଜ | : | ବଡ଼ ବଉ | : | ବଡ଼ ବାଇର୍ ମାଇଁ ଜିକେ ବଉ ବଲ୍‌ବୁ । |
| ଭିଣୋଇ | : | ଭାଟ୍ | : | ତାକେ ଗୋଟେକ୍ ଭାଟ ଆଚେ । |
| ଭଣଜା | : | ବାନ୍‌ଜୀ | : | ଆୟ୍ନ ମୋର ବନଜୀ ହେୟ୍ନସି । |
| ଦିଅର | : | ଦେଉର୍ | : | ତାକେ ଗୋଟେକ ଦେଉର୍ ଆଚେ । |
| ନଣନ୍ଦ | : | ନନି / ନନଦ୍ | : | ତାକେ ଦୁଇଟା ନନଦ୍ ଆଚେ । |
| ମାମୁଁ ପୁଅ ଭାଇ | : | ମେଏନା ଭାଇ | : | ମୋକେ ଗୋଟେକ୍ ମେଏନା ଭାଇ ଗୋଟେକ୍ ଆଚେ । |
| ମାମୁଁଝିଅ ଭଉଣୀ | : | ମେଏନା ବଉନୀ | : | ମାମୁଁର ଟକି ମେଏନା ଭଇନୀ ହେୟ୍ନସି । |
| ସମୁଦି | : | ସମ୍‌ଦି | : | ଆମେ ତାଙ୍କରତି ସମ୍‌ଦି ଜଡ଼ଲୁ ଆଚୁ । |
| ସାଙ୍ଗ / ସାଥୀ / ମିତ୍ | : | ମଇତର/ମିତ୍ /ସଙ୍ଗାତ୍ | : | ଭଲ୍ ସଙ୍ଗାତ୍ ଗୋଟେକ୍ ଆଚେ । |

# ରଙ୍ଗ (ବେରନ୍)

| | | |
|---|---|---|
| ରଙ୍ଗ | ବରନ | ସେମଲି ଫୁଲ ଜବର୍ ରଙ୍ଗ୍ ଆଚେ । |
| ଚିତ୍ର / ଛବି | ଚିତର / ବାନା | ପିଲାମନ୍ ଇସ୍କୁଲେ ବାନା ଲେଖ୍ଲାଏନି । |
| ରଙ୍ଗଦେବା | ବାନା ଦେବା | ଆମର୍ ଘରେ ଶୁଆ କଲର୍ ବାନା ଦେଲୁଆଚୁ । |
| ଧଳା | ଧବ୍ | କୁକଡ଼ା ଅଣ୍ଡା ଧବ୍ ଆଚେ । |
| ଲାଲ୍ | ରଙ୍ଗ୍ | ମନ୍ଦାର ଫୁଲ୍ ରଙ୍ଗ୍ ରେଏସି । |
| ନୀଳ | ନୀଲିଆ | ବାଦ୍ଲ ନିଲିଆ ଆଚେ । |
| କଳା | କାଲିଆ | କାଉ କାଲିଆ ଆଚେ । |
| ଗାଢ଼କଳା | ବିଙ୍ଗ୍ କାଲିଆ | ମଇଁଷି ଗୋଟେକ୍ ବିଙ୍ଗ୍ କାଲିଆ ଆଚେ । |
| ସବୁଜ | କଗପତ୍ରିଆ | ଆମ୍ ଗଛର ପତର୍ କାବାପତ୍ରିଆ ଆଚେ । |
| ହଳଦିଆ | ହଲ୍ଦି | ମେଘା ଫୁଲ୍ ହଲ୍ଦି ରେଏସି । |
| ଧୂସର | ମୁରକ | ଧବ୍ଲା କାମିଜ୍ ଲଗେ ଅଲପ୍କେ ମୁରକି ହେଏସି । |
| ମାଟିଆ | ମାଟିଆ | ମୋକେ ମାଟିଆ ରଙ୍ଗ୍ ବାଡ଼ି ଗୋଟେକ୍ ଆଚେ । |
| ଧଳା ଓ ମାଟିଆ ମିଶା | ମାଟୁଆ ଧବ୍ | ହାଏ ଗାଏ୍ ଗୋଟେକ୍ ମାଟୁଆ ଧବ୍ ଆଗେ । |
| ରଙ୍ଗ ବେରଙ୍ଗ | ଚିତ୍ର ବିଚିତ୍ର | (ଚିତ୍ରାକାବରା) ଆମର ଘରେ ଚିତ୍ରାକାବରା କୁକୁଡ଼ା ଗୋଟେକ୍ ଆଗେ । |
| କଳା ଓ ଧଳା ମିଶା | କାଲିଆ ଚିତର୍ ଧବ୍ | ହାଏ ସାପ୍ ଗୋଟେକ୍ କାଲିଆ ଚିତର୍ ଧବ୍ ଆଚେ । |
| କଲରା ପତ୍ରିଆ ରଂଗ | ବିଜୁ ଫୁଲିଆ | ବନ୍ଦେ ବିଜା ଫୁଲିଆ ବାଘ୍ ରେବାଏ । |
| ମେଘୁଆ ନୀଳ | ବାଦ୍ଲିଆ | ହାଏ ବନ୍ଦର୍ ପାନି ବାଦ୍ଲିଆ ରଙ୍ଗ୍ ଆଚେ । |
| ବାଇଗଣି ରଙ୍ଗ | ବାଙ୍ଗା ରଙ୍ଗ୍ | ମୋର ମାଁ କେ ବାଙ୍ଗାରଙ୍ଗ୍ ଫାଟାଏ ଗୋଟେକ୍ ଆଚେ । |
| ଧଳା ଓ ଲାଲ ମିଶା | ସାକ୍ନି | ମୋକେ ସାକ୍ନି ରଙ୍ଗର୍ ଚେଡ଼ି ଗୋଟେକ୍ ଆଚେ । |
| ଫିକା | ପତଲା ରଙ୍ଗ୍ | ପଦ୍ମା ପତଲା ରଙ୍ଗର୍ ଲୁଗା ଗୋଟେକ୍ ପିନ୍ଦ୍ଲା ଆଚେ । |
| ସୁନେଲି | ସୁନା ବରନ୍ | ମୋକେ ସୁନା ବରନ୍ ବଡ଼େ ସରଦା ଲାଗସି । |
| ଉଜ୍ଜଳ | ଉଜଲ | ପୁନି ରାତିକେ ବଡ଼େ ଉଜଲ୍ ଦିଶସି । |
| ଜାମୁକୋଳିଆ | ଜାମ୍କଲି | ଗୋଟେକ୍ ଜାମ୍କଲି ରଙ୍ଗର୍ କାମିଜ୍ । |
| ଗୋରା | ପାଣ୍ଡରା | ରାମ ବେଶି ପାଣ୍ଡରା ଆଚେ । |
| ବାଦାମୀ | ଚିନାବାଦାମ୍ | ରାଏ ଚିନାବଦାମ୍ର ଗାଡ଼ି ଲଗେ ଚେଗି ଗାଲାନି । |

# ସମୟ (ବେଲ୍)

| | | |
|---|---|---|
| ସମୟ | ବେଲା | ମୁଇଁ ଚଟା ବେଲାୟେ ଇସ୍କୁଲେ ଯିବିଆଚି । |
| ସକାଳ | ସାକାଲ୍ | ମୁଇଁ ସାକାଲ୍ ବେଲା ଉଠ୍‌ବି । |
| ପ୍ରଭାତ | ମୁଁଚିନାଚିନାବେଲା | ମୋର୍ ବାବା ମୁଁଚିନାଚିନା ବେଲା ଘରେ ଖେଚ୍‌ଲା । |
| ବଡ଼ିଭୋର | ବଡ଼େ ସାକାଲେ | ମୁଇଁ ଇସ୍କୁଲେ ଯିବା ପାଇଁ ବଡ଼େ ସାକାଲେ ଉଟ୍‌ବି । |
| ପ୍ରତ୍ୟୁଷ | କୁକୁଡ଼ା ଡାକେ | ମୁଇଁ ଆଜି କୁକୁଡ଼ା ଡାକେ ଉଟ୍‌ଲି ଆଚି । |
| ମଧ୍ୟାହ୍ନ | ମଇଁ ଦାନ୍ | ମଇଁଦାନେ ସୁରଜ୍ ଉଦ୍‌ଶି ଆଚେ । |
| ଦିନ ଘ ୧୦ଟାରୁ | ଟା ପେଜ୍‌ଦେଲା | ମୁଇଁ ପେଜ୍ ବେଲାୟେ ଇସ୍କୁଲେ ଥାନୁ ଘରେ ଗଲି । |
| ପୂର୍ବରୁ | ସାକାଲ ବେଲା | ମୁଇଁ ସାକାଲବେଲା ସବୁଦିନେ ପାଠ୍ ପଡ଼ବି । |
| ଅପରାହ୍ନ | ଆଡ଼ବେଲା | ଆଡ଼୍‌ବେଲା ମୁଇଁ ଖେଲାବାକେ ଯିବି । |
| ସଂଧ୍ୟା | ସଂଜ | ମୁଇଁ ସଂଜ୍ ବେଲା କନ୍ତି ନାଜାଇ । |
| ସୂର୍ଯ୍ୟୋଦୟ | ଉଦିଆ | ପୁରବ୍ ଦିଗେ ବେଲ୍ ଉଦଶି ଆଚେ । |
| ସୂର୍ଯ୍ୟାସ୍ତ | ବେଲ୍ ବସ୍‌ଲାନି | ପଶ୍ଚିମ୍ ଦିଗେ ବେଲ୍ ବସ୍‌ଲାନି । |
| ପହରେ | ପଚେ | ଭାତ୍ ଖିଆ ସରବା ପଚେ ପାନି ଖାଇବାର୍ । |
| ଦିନ | ଦିନ୍ | ମୁଇଁ ସବୁଦିନେ ଇସ୍କୁଲେ ଗଲିନି । |
| ରାତି | ରାତି | ରାତି ହେଲେ ଜନ୍ ଉଦ୍‌ସି । |
| ସପ୍ତାହ | ଆଟପାଲି | ମୁଇଁ ଆଟ୍‌ପାଲି ହେଲା ଇସ୍କୁଲେ ନାଜାଇ। |
| ପକ୍ଷ | ପାକ୍ | ଆମର୍ ଘର୍ ପାଖେ ମୋର୍ ସାଙ୍ଗର୍ ଘର୍ ଆଚେ । |
| ମାସ | ମାସ୍ | ମାସ୍‌କେ ତିରିଶ ଦିନ୍ ହେୟସି ଆଚେ । |
| ଘଣ୍ଟା | ଗଣ୍ଟେ, ଗଡ଼ି | ଆମର୍ ଘରେ ନୂଆ ଘଣ୍ଟା ଗୋଟେକ୍ ଆଚେ । |
| ମିନିଟ୍ | ମିନିଟ୍ | ଗୋଟେକ୍ ମିନିଟ୍‌କେ ୬୦ ସେକେଣ୍ଡ । |

# ଋତୁ

| | | |
|---|---|---|
| ଗ୍ରୀଷ୍ମଋତୁ | କାରାଦିନ୍ | କରାଦିନେ ବେଶି କରା ହେୟସି । |
| ବର୍ଷାଋତୁ | ବର୍ଷାଦିନ୍ | ବର୍ଷା ଦିନେ ବେଶି ବର୍ଷା ହେୟସି । |
| ଶରତ | କାକରଦିନ୍ | କାକ୍‌ର ଦିନେ ମନ୍ ଜୟ ଲାଗାୟ କରି ଛେକବାୟେ । |
| ଶୀତଋତୁ | ଶୀତଦିନ୍ | ଶିତ୍‌ଦିନେ ମିଶା ବେଶି ଶୀତ୍ ଲାଗ୍‌ସି । |

## (ବାର୍‌ମାସ୍)

| | | |
|---|---|---|
| ବୈଶାଖ | : ବିସାକ୍ | : ବିସାକ୍ ମାସେ ପାଚଲା ଆମ୍ ବେଶି ମିଲ୍‌ଶି । |
| ଜ୍ୟେଷ୍ଠ | : ଲାଣ୍ଡି | : ଲାଣ୍ଡି ମାସେ ନି ପାନି ମାର୍‌ବାଟା ଆରାମ୍ ହେୟସି । |
| ଆଷାଢ଼ | : ଆସାଡ୍ | : ଆଷାଡ ମାସେ ବେଶି ପାନି ମାର୍‌ସି । |
| ଶ୍ରାବଣ | : ବାନ୍ଦାପନ୍ | : ବାନ୍ଦାପନ୍ ମାସେ ଉଁଆସ୍ ପରବ୍ ହେୟସି । |
| ଭାଦ୍ରବ | : ଅସା | : ଅସା ମାସେ ଅସା ପରବ୍ ହେୟସି । |
| ଆଶ୍ୱିନ୍ | : ଦଶରା | : ଦଶରା ମାସେ ଦିଆଲି ପରବ୍ ହେୟସି । |
| କାର୍ତ୍ତିକ | : ଦିଆଲି | : ଦିଆଲି ମାସେ ଦିଆଲି ପରବ୍ ହେୟସି । |
| ମାର୍ଗଶୀର | : ପଣ୍ଡ | : ପଣ୍ଡ୍ ମାସେ ବେଶି ଶୀତ୍ ହେୟସି । |
| ପୌଷ | : ପୁଷ | : ପୁଷ୍‌ମାସେ ପୁସ୍ ପରବ୍ ହେୟସି । |
| ମାଘ | : ମାଗ୍ | : ମାଗ୍‌ମାସେ ମାଗ୍ ଯାତ୍ରା ହେୟସି । |
| ଫାଲ୍‌ଗୁନ | : ଫଗୁନ୍ | : ଫଗୁନ୍ ମାସେ ଅଲ୍‌ପଡ଼ା ଯାତ୍ରା ହେୟସି । |
| ଚୈତ୍ର | : ଚଇତ୍ | : ଚଇତ୍ ମାସେ ଆମେ ଚଇତ୍ ପରବ୍ ମାନବୁ । |

## (ସାତ୍ ଦିନର ନାଉଁ)

| | | |
|---|---|---|
| ରବିବାର | : ରୟବାର୍ | : ରୟବାର୍ ଦିନେ ସବୁ ଇସ୍କୁଲ ଛୁଟି ରେହସି ଆଚେ । |
| ସୋମବାର | : ସମର୍ | : ସମାର୍ ଦିନ୍ ଥାନୁ ଶନିବାର ଯାକ ଇସ୍କୁଲ୍ ରେୟସି । |
| ମଙ୍ଗଳ ବାର | : ମଙ୍ଗଲ୍‌ବାର୍ | : ମଙ୍ଗଲ୍ ବାରେ ମୁଇଁ ଇସ୍କୁଲେ ନାଜାଇ । |
| ବୁଧବାର | : ବୁଧ୍‌ବାର୍ | : ବୁଧ୍‌ବାର ଦିନେ ଆମର୍ ଗାୟେ ହାଟ୍ ବସ୍‌ସି ଆଚେ । |
| ଗୁରୁବାର | : ଗୁର୍‌ବାର | : ଗୁର୍‌ବାର୍ ଦିନକେ ଲକ୍ଷ୍ମୀବାର, ବୋଲି କୟ୍‌ବାୟେ । |
| ଶୁକ୍ରବାର | : ଶୁକୁରବାର | : ଶୁକୁରବାରେ ମୁଇଁ ଗାଁକେ ଯିବିବେ । |
| ଶନିବାର | : ଶନିବାର | : ଶନିବାର୍ ଦିନ୍‌କେ ସାକାଲିଆ ଇସ୍କୁଲ ହେୟସି ଆଚେ । |
| ବାର୍ଷିକ | : ବରଷକେ | : ବରଷ୍‌କେ ବାର୍ ମାସ୍ ହେୟସି ଆଚେ । |
| ସାପ୍ତାହିକ | : ସାତଦିନକେ | : ସାତ୍ ଦିନ୍‌କେ ଗୋଟେକ୍ ଦିନ୍ ଇସ୍କୁଲ୍ ଛୁଟି ରେୟସି । |
| ଆସନ୍ତା ବର୍ଷ | : ଆୟବା ବରଷ୍ | : ଆୟବା ବରଷ୍‌କେ ମୁଇଁ ତିନ୍ କିଲାସ୍ ପଡ଼ବି । |
| ଗତବର୍ଷ | : ଗାଲାବରଷ୍ | : ଗାଲା ବରଷ୍ ମୁଇଁ ଚାର୍ କିଲାସ ପଡ଼ତେ ରେଲି । |

# ଦୂରତା (ଧୂର୍)

| | | |
|---|---|---|
| ଦୂର | ଦୁର | ଆମର୍ ଇସ୍କୁଲ୍ ବେଶି ଦୁର ଆଚେ । |
| ନିକଟ | ପାଖେ | ଆମର ଘର୍ ଲଗେ ଡାକ୍ତର୍ ଘର୍ ଗୋଟେକ୍ ଆଚେ । |
| ବହୁଦୂର | ବଡ଼େ ଦୂର୍ | ମୁଇଁ ବଡ଼େ ଦୁର୍ ଗାଁ ଗୋଟେକ୍ ଜାଇରେଲି । |
| ଅଳ୍ପ ଦୂର | ଖଣ୍ଡେକ୍ ଦୂର | କୁଲା ଆରି ସାଗରଗୁଡ଼ା ଖଣ୍ଡେକ୍ ଦୂର୍ ହେୟସି । |
| ପାଦେ | ଗୋଟେକ୍ ପାଦ୍ | ଗୋଟେକ୍ ପାଦ୍ ଲାଙ୍ଗଲେ ଆମର୍ ଘର୍ ଖେଟସି । |
| ସେ ପାଖ | ଥେନେ | ଥେନେ ଆମର୍ ଇସ୍କୁଲ୍ ଆଚେ । |
| ଏ ପାଖ | ଏନେ | ଏନେ ଲୋକ୍ ମନ୍ ସଡ଼କ୍ ବାଟେ ହିଣ୍ଡିପାଲାୟେନି । |
| ଏଠାରେ | ଇତି | ଇତି ମୋକେ କାୟେପାଇଁ ତୁଇ ଡାକଲୁସ୍ । |
| ସେଠାରେ | ସିତି | ହାୟେ ସିତି ପିଲାମନ୍ ଖେଲ୍‌ଲାୟେନି । |
| କେଉଁଠାରେ | କନତି | ତମେ କନ୍‌ତି ଯିବାସ୍ । |
| କେବେ | କେବେ | ତୁଇ ଆରି କେବେ ଆୟବୁସ୍ । |
| କେତେବେଳେ | କେଡ଼େବେଲା | ତୁଇ କେଡ଼େ ବେଲା ଆୟବୁସ୍ । |
| ସେ ସମୟରେ | ସେଡ଼କିବେଲା | ତୁଇ ଶଇରେଲୁସ୍ ସେଡ଼କି ବେଲା ତମର୍ ଘରେ ଆୟଲି । |
| ଡାହାଣ | ବୁଜ୍‌ନି | ହିଣ୍ଡଲା ବେଲେ ସଡ଼କର୍ ବୁଜନି ବାଟେ ହିଣ୍ଡବାର । |
| ବାମ | ଡେବ୍‌ରି | ଡେବରି ହାତ୍ ଲଗେ ଭାତ୍ ନାଖାୟବାର । |
| ପଛ | ପଛେ | ମୋର ପଛେ ପଛେ ଡକ୍‌ରା ଗୋଟେକ୍ ଆୟଲାନି । |
| ସମ୍ମୁଖ | ମୁଏଁ ଆଗେ | ମୋର୍ ଆଗେ ଗାଡ଼ି ମଟର୍ ଆୟଲାନି । |
| ଉପର | ଉଦକ୍ / ଉପର୍ | ସେ ଗଚ୍ ଉପରେ ଚେଗଲା ଆଚେ । |
| ତଳ | ତଲ୍ | ଗଚ ତଲେ ମୁଇଁ ଠିଆ ହେଲି ଆଚି । |
| ଯେଉଁଠାରେ | ଜେନେ | ତୁଇ ଜେବେ ଯିବୁସ୍ ମୁଇଁ ସେନେ ଆୟବି । |
| କେଉଁଠାରେ | କେବେ | ତମେ କାଲିକେ କେବେ ଯିବାସ୍ । |
| ସମାନ | ସମାନ୍ | ଆଜି କାଲି ମାଇଁଜି ଟକି ଆରି ମୁନୁଷ୍ ପିଲା ସମାନ୍ । |
| ସ୍ଥାନ | ଜାଗା | ଭଲ୍ ଯାଗା ଲଗେ ଘର୍ ବାନ୍ଧବାର୍ । |

## ଦିଗ

| | | |
|---|---|---|
| ଦିଗ | ବାଟ | ହିଣ୍ଡବା ବାଟ୍‌କେ ଦେଖି କରି ହିଣ୍ଡିବାର୍ । |
| ପୂର୍ବ ଦିଗ | ଉଦିଆନି ବାଟ୍ | ପୁର୍‌ବ ଦିଗେ ବେଲ୍ ଉଦ୍‌ଷି ଆଚେ । |
| ପଶ୍ଚିମ | ବେଲ୍‌ବୁଡ଼ାବାଟ ଦିଗ | ପଶ୍ଚିମ୍ ଦିଗେ ବେଲ୍ ବେଲ୍ ବୁଡ଼ସି ଆଚେ । |

| | | |
|---|---|---|
| ଉତ୍ତର | : ଉତ୍ତରବାଟ | : ଉତ୍ତରାନି ବାଟେ ମୁଣ୍ଡ କରି ଶଇବାର ନାଇଁ । |
| ଦକ୍ଷିଣ | : ଦକ୍ଷିଣ | : ଗାଁର ଦକ୍ଷିଣ ଦିଗେ ମନ୍ଦିର ଗୋଟେକ୍ ଆଚେ । |

## ପୃଥିବୀ, ଆକାଶ ଓ ପାହାଡ଼ (ପୁରତିବୀ, ବାଦଲ୍ ଆରି ପର୍ବତ୍)

| | | |
|---|---|---|
| ପୃଥିବୀ | : ପୁରତିବୀ | : ପୁରତିବୀ ଲଗେ କେତେକ୍ ଜାତିର ଲୋକ୍ ଆଚତ୍ । |
| ଭୂମି | : ଭୂଇଁ | : ଖାରା ଦିନେ ଭୂଇଁ ଟାଙ୍ଗରା ଦିଶ୍‌ସି । |
| ଜଗତ | : ଜଗତ୍ | : ନର୍ ଲୋକ୍ ଏ ଜଗତେ ସବୁଥାନୁ ଚତୁର୍ ଆଚତ୍ । |
| ଚାଷଜମି | : ବେଡ଼ା | : ବେଡ଼ା ଆନେ ଧାନ୍ ଚାଷ୍ ମନ୍ କରବାୟେ । |
| ପଦର | : ଡଙ୍ଗର୍ | : ଡଙ୍ଗର୍ ଆନେ କାନ୍ଦୁଲ୍ ମାଣ୍ଡି, ବିରି, ଚୁନ୍‌ଲା ଆଚତ୍ । |
| ପାହାଡ଼ଜମି | : ମାଲାଡଙ୍ଗର | : ପର୍ବତ୍ ଆନେ ମାଲା ଡଙ୍ଗଲ୍ ମନ୍ ରେୟସି । |
| ଝରଣା | : ଝଲା | : ଝଲାର୍ ପାନି ବଡ଼େ ମଦୁର ଆଚେ । |
| ପାହାଡ଼ିଆ | : ମାଲଭୂମି | : ଝଲାବେଡ଼ା / ଜାଡ଼ବେଡ଼ା ବେଡ଼ାୟେ ସବୁବେଲେ ପାନି ରେୟସି । |
| ଉପତ୍ୟକା | : ଝଲା ଭୂଇଁ | : ଝଲା ଭୁଇଁ ବେଶି ଲଦି ରେୟ୍‌ସି । |
| ପର୍ବତର ସମତଳ ଭୂମି | : ଟିକରା ମାଲା ଡଙ୍ଗର୍ | : ଲୋକମନ୍ ବନ୍ କାଟି କରି ମାଲା ଡଙ୍ଗର୍ ବନାୟ ବାୟେ । |
| ପର୍ବତ | : ପର୍ବତ୍ | : ପର୍ବତ୍ ଆନେ ଗଛ୍ ପତର୍ ମନ୍ ଜବର୍ ରେୟସି । |
| ଛୋଟ ପର୍ବତ | : କୁପଲି | : କୁପଲି ଆନେ ସାନ୍ ସାନ୍ ଗଛ୍ ମନ୍ ଆଚେ । |
| ବଡ଼ ପର୍ବତ | : ବଡ଼ ପର୍ବତ୍ | : ପର୍ବତ୍ ଆନେ ବାଘ୍ ଭାଲୁମନ୍ ରେଦାୟ । |
| ଗୁମ୍ଫା | : ପାର୍ | : ପାର୍ ଭିତରେ ବାଘ୍ ଭାଲୁ ମନ୍ ରେବାୟେ । |
| ପବନ | : ପବନ୍ | : ଜବର୍ ପବନ୍ ହେଲେ ଜବର୍ ଧୁରଲି ଉଠସି । |
| ଧୂଳି | : ଧୂଳି | : ଗାଡ଼େ ଧୂଳି ରେୟସି । |
| କାଦୁଅ | : କାଦ୍ | : ବର୍ଷା ମାସେ ଡାଣ୍ଡ ଜୁଆର୍ ମନ୍ କାଦ୍ ହେୟସି । |
| ପଥର | : ପାକ୍‌ନା | : ପାକ୍‌ନା ବଡ଼େ ଆଣ୍ଟୁଆ ରେୟସି । |
| ଗଛ | : ଗଛ | : ବାଉଁଶ ଗଛ୍ ଜବର୍ ଡ଼େଙ୍ଗ ଆଚେ । |
| ନଦୀ | : ଗାଡ଼ / ନଦୀ | : ଗାଡ଼ ଆନେ ବଡ଼୍ ବଡ଼୍ ମାଛ୍ ରେବାୟେ । |
| ସମୁଦ୍ର | : ସମଦୂର | : ସମଦୂର୍ ଆନେ ମଗର୍ ମନ୍ ଆଚତ୍ । |

## କଥୋପକଥନ

(ମଇନା ଓ ଫୁଲ ଦୁଇଜଣ ଅନ୍ତେବାସୀ ଛାତ୍ରୀ, ସେମାନେ ବିଦ୍ୟାଳୟରେ ଛାତ୍ରୀନିବାସରେ ରହନ୍ତି । ବିଦ୍ୟାଳୟରେ ଯୋଗଦାନ କଲାପରେ ପ୍ରଥମ ଚିହ୍ନା ଚିହ୍ନିରେ ସେମାନଙ୍କ ମଧ୍ୟରେ ହୋଇଥିବା କଥାବାର୍ତ୍ତା ।

ମଇନା : ଏଇ ଏଇ ତୋର୍ ନାଉ କାୟ ନାଉ ?
ଫୁଲ : ମୋର୍ ନାଉ ଫୁଲ ଜାନୀ ।
ଫୁଲ : ତୋର୍ ନାଉଁ କାୟ ନାଉ ?
ମଇନା : ମୋର୍ ନାଉଁ ମଇନା ।
ଫୁଲ : ତମର୍ ଗାଉଁର ନାଉଁ କାୟ ନାଉ ?
ମଇନା : ଆମର୍ ଗାଉଁର ନାଉଁ ଉପରକାଣ୍ଡି ।
ମଇନା : ତମର୍ ଗାଉଁର ନାଉ କାୟଟା ? ଆମର୍ ଗାଉଁର ନାଉଁ ଲଚିମ୍‌ପୁର ।
ଫୁଲ : ତମର୍ ଘରେ କେତେକ୍ ଲୋକ୍ ଆଚତ ?
ମଇନା : ଆମର୍ ଘରେ ଆଠ୍ ଲୋକ୍ ଆଚୁ ।
ଫୁଲ : କନ୍ କନ୍ ଆଚତ୍ ।
ମଇନା : ଆମର୍ ଘରେ ମାଁ ବାବା ବାଇ ବଇନି, ଅଜା ଆଇ ଆଚୁ ।
ମଇନା : ତମର୍ ଘରେ କେ କେ ଆଚତ ?
ଫୁଲ : ଆମର ତି ମିଶା ମାଁ, ବାବା, ବାଇ ଉଇନି, ଆଜା, ଆଇ ଆଚୁ ।
ମଇନା : ତମର ଘରେ କେତେକ୍ ଲୋକ୍ ଆଚତ ?
ଫୁଲ : ଆମରତି ସାତ୍ ଲୋକ୍ ଆଚୁ ।
ମଇନା : ତମର୍ ବାବାର ନାଉଁ କାୟ ନାଉଁ ?
ଫୁଲ : ଆମର ବାବାର୍ ନାଉ କୈଲାସ ଜାନୀ ।
ଫୁଲ : ତମର ବାବାର ନାଉଁ କାୟ ନାଉଁ ?
ମଇନା : ଆମର୍ ବାବାର ନାଉଁ ଶିବ ଜାନୀ
ମଇନା : ତମର୍ ଭାଇ କେତଟା ଆଚତ୍ ?
ଫୁଲ : ମୋର ତିନ୍‌ଟା ଭାଇ ଆଚତ୍ ।
ମଇନା : ତମର୍ ଭାଇ ମନ୍ କାଇ କାଇ କାମ୍ କର୍‌ଲାୟେନୀ ।
ଫୁଲ : ଆମର ଭାଇ ସାତ୍ କିଲାସ ପଢ଼ିକରି ନାଗାଲା ଆରି ଏବେ ଘରେ କାମ୍ କରସି ଆଚେ ।
ମଇନା : ତମର୍ ଘରେ କେତଟା ଉଇନି ଆଚତ ?
ଫୁଲ : ଆମର ଘରେ ତିନଟା ଉଇନୀ ଆଚତ୍ ।
ମଇନା : ସେମନ୍ କାୟଟା କରଲାୟେନି ?
ଫୁଲ : ତିନ୍ ଲୋକ୍ ଭିତରେ ଗୋଟେକ୍ ଭଇନି ବିବା ହେଲାବେ, ଆମେ ଦୁଇ ଭଇନୀ ପାଠ ପଢ଼ଲୁନି ।
ମଇନା : ତମର୍ ମାଁ ବାବା କାୟେ କାୟେ କାମ୍ କଲାୟେନି ?
ଫୁଲ : ଆମର୍ ମାଁ ଆରି : ବାବା ଚାଷ୍ କାମ୍ କଲାୟେନି ।

ଫୁଲ : ତେବେ ତମର୍ ମାଁ ବାବାର ନାଉଁ କାୟେ ନାଉଁ ?
ମଇନା : ମୋର ମାର ନାଉଁ ଫୁଲ୍‌ମତି ଆରି ବାବାର ନାଉଁ କୈଳାଶ ।
ଫୁଲ : ଭାଇ କେତୋଟା ଆଚତ୍ ?
ମଇନା : ଗୋଟେକ୍ ଭାଇ ଆଚେ ।
ଫୁଲ : ତମର୍ ଭାଇ କାୟେଟା କଲାନି ।
ମଇନା : ମୋର ଭାଇ ପାଠ୍ ପଢ଼ିଲାନି ।
ଫୁଲ : ତମର୍ ଘରେ ଭଇନୀ କେତ୍‌ଟା ଆଚତ୍ ?
ମଇନା : ଆମର ଘରେ ତିନଟା ଭଇନୀ ଆଚତ୍ ।
ଫୁଲ : ତମର୍ ଭଇନୀ ମନ୍ କାର୍ କାମ୍ କରଲାୟେନି ?
ମଇନା : ଆମେ କାମ୍ କରୁ ନଇଁ ଇସ୍କୁଲେ ପାଠ୍ ପଢ଼ଲୁନି ।
ଫୁଲ : ତମର ମାଁ ବା କାଇ କାମ୍ କର ଲାଇନି ।
ମଇନା : ଆମର୍ ବାବା ମାଁ ମିଶି ତମର୍ ବାବା ମାଁ ପାରା ଚାଷ କାମ୍ କର୍ ଲାଇନି ।
ମଇନା : ତୁଇ ଏ ଇସ୍କୁଲକେ କେନ୍ତାର ଜାନ୍‌ଲିସ ?
ଫୁଲ : ଆମର୍ ବାବାକେ ଦନାଇର ବାବା କାଇଲା ଆଚତ୍, ଗିନେ ଆମର ବାବା ଇସ୍କୁଲ ଥାନେ ଆୟଲା ।
ମଇନା : ତକେ ଏ ଇସ୍କୁଲେ ନୂଆଁ ନୂଆଁ କେନ୍ତା ଲାଗ୍‌ତେରେଲା ?
ଫୁଲ : ଭଲ୍ ନା ଲାଗତେ ରେଲା ।
ମଇନା : କାଇଯେ ? କାଏ କଜେ ।
ଫୁଲ : ମୋକେ ନୂଆଁ ନୂଆଁ ସାଙ୍ଗ୍ ମିଶାନ୍ ହୋଇତେରେଲା ।
ମଇନା : ସେଟା ପାଇଁ ତକେ ଭଲ୍ ନା ଲାଗତେ ରେଲା କି ?
ଫୁଲ : ହଇ ସେଟା ପାଇଁ ଆକା ।
ମଇନା : ତକେ ପୁରନା ହେଲାକେ କେନ୍ତା ଲାଗଲା ?
ଫୁଲ : ଟିକି ମନ୍ ମୋର ସଙ୍ଗେ ମିଶଲା କାଜେ ଭଲ୍ ଲାଗଲା ।
ମଇନା : ତୁଇ ଆଗେ କନ୍ ଇସ୍କୁଲେ ପଢ଼ତେରେଲୁସ ?
ଫୁଲ : ମୁଁ ଆଗେ ସିପାଇପୁଟ ଇସ୍କୁଲେ ପଢ଼ତେରେଲି ।
ମଇନା : ଆୟ ଇସ୍କୁଲେ କେନ୍ତା ଲାଗତେ ରେଲା ?
ଫୁଲ : ଆୟ ଇସ୍କୁଲେ ମିଶା ଭଲ୍ ଲାଗ୍‌ତେ ରେଲା ।
ଫୁଲ : ତୁଇ କେନ୍ତାର ଏ ଇସ୍କୁଲକେ ଜାନ୍‌ଲିସ୍ ?
ମଇନା : ନାଇଁ ମୋର ବଡ଼ ଭାଇ ଏ ଇସ୍କୁଲେ ପାଢ଼୍‌ତେରେଲା, ଆୟ କୟଲା ଯେ ଆୟ ଇସ୍କୁଲେ ଯା ବୋଲି କୟ୍‌ଲା ଗିନେ ମୁଇଁ ଜାନ୍‌ଲି ।

ଫୁଲ : ଏ ଇସ୍କୁଲେ ନୂଆଁ ନୂଆଁ କେନ୍ତାର୍ ଲାଗ୍‌ତେରେଲା ?
ମଇନା : ଭଲ୍ ଲାଗ୍‌ତେ ରେଲା ।
ଫୁଲ : କାଇଁ କଜେ ?
ମଇନା : ଏତି ଆମର୍ ଗାଉଁ ଟୋକିମନ୍ ରେଲାୟେ ସେ ମନ୍ ମୋର୍ ସଙ୍ଗେ ମିଶି ରେଲାୟେ ।
ଫୁଲ : ସେଟା ପାଇଁ ତକେ ଭଲ୍ ଲାଗ୍‌ତେ ରେଲା କି ?
ମଇନା : ସେଟା ପାଇଁ ସେ ।
ଫୁଲ : ତକେ ପୁର୍‌ନା ହେଲା କେନ୍ତା ଲାଗ୍‌ନାଲି ?
ମଇଁନା : ମୋକେ ଭଲ୍ ଲାଗ୍‌ଲାନି ।
ଫୁଲ : ତୁଇ ଆଗେ କନ୍ ଇସ୍କୁଲେ ପଡ଼୍‌ତେ ରେଲୁସ୍ ?
ମଇନା : ମୁଁ ଆମର୍ ଗାଉଁର ଇସ୍କୁଲ୍ ଥାନେ ପଡ଼ିତେ ରେଲି ।
ଫୁଲ : ସେତି କେନ୍ତା ଲାଗ୍‌ତେ ରେଲା ?
ମଇନା : ସେତି ଭଲ ଲାଗ୍‌ତେ ରେଲାଯେ ସେତି ଭଲ୍ ନ ପଡ଼ାଇତେ ରେଲାୟ୍ ।
ଫୁଲ : ଓହୋ ତେବେ ତୁଇ ଇତି ଆୟ୍ ଲୁସ୍ କି ?
ମଇନା : ତେବେ ତ ଇତି ଆଇଲି ।
ଫୁଲ : ନିକ ହେଲା ଆ ମିଲିମିଶି କରି ପାଠ୍‌ପଡୁ ।
ଫୁଲ : ଧାନ୍‌କଟା ଛୁଟିକେ ତମର୍ ଗାଉଁ କାଇ କାଇ କାମ୍ କଲୁସ୍ ?
ମଇନା : କାଇ କାମ୍ ଆରି କରବି ଯେ ଧାନ୍ କାଟଲୁଆରି ମଣ୍ଡାଇଲୁ ଆରି ଘରେ ଆନ୍‌ଲୁ ।
ଫୁଲ : ତମର୍‌ତି କାଲି ଧାନ୍ ବୁନି ରେଲାସ୍ କି ?
ମଇନା : ନାଇଁ ମନ୍ କର୍‌ବାଯଶ ସେ ଲାଗାୟେ ଲୁଆଚୁ ।
ଫୁଲ : ଆଲେ କାଇ କାଇଟା ଲାଗାୟ୍‌ଲାଆଚସ୍ ?
ମଇନା : ଇଟା ମନ୍ ମିଶା ଜାନୁଶ୍ ନାଇଁ କି ?
ଫୁଲ : ହଇ କଅ କା ଆଲପ୍ ଜାନ୍‌ଲେ କାଇହେଲା ।
ମଇନା : ଆଲେ କଇଲିନି ସୁନ୍ ତେବେ ଆମର୍ ଡଙ୍ଗର୍ ଲଗେ ନାଇଁକି ମାଣ୍ଡିଆ ବିରି, କୋଳଥ, ଗୋଉଁ, ଡଙ୍ଗରରାଣୀ, ଶୁଆଁ, ଗୁରଜି, ଖେଡ଼ଜନା, ଦାଣ୍ଡୀଆଲ୍‌ସୀ ମନ୍ ଲାଗାୟଲୁ ଆଚୁ ଆରି ଖଣ୍ଡେକ୍ ତି ମାଟିକାନ୍ଦା ମିଶା କରଲୁ ଆଚୁ ଆଦା ଆରି ହଲଦି ମିଶା ଲଗାଇଲୁ ଆଚୁ ।
ଫୁଲ : ହେଁ... ତମର୍ ଡଙ୍ଗରେ ଜବର୍ ଆକା କରଲାସ୍‌ବୋହଲେ ତମର୍ ବାଡ଼ ଆଟ କି ନାଇଁ ?
ମଇନା : ବାଡ଼ମିଶା ଆଚେ ।
ଫୁଲ : ବାଡ଼େ କାଇ କାଇଟା କରଲାସ୍ ଆଚାସ୍ ?
ମଇନା : ଆମର୍ ବାଡ଼େ ଆଲୁ, ବାଇଗନ୍, ଫୁଲ୍‌କୋବି, ପତର୍‌ଗୋବି ଲାଉ, କୁମୁଡ଼ା ଲାଗାୟ୍‌ଲୁ ଆଚୁ ।

ଫୁଲ : ତମର୍ ବାଡ଼୍ ବଡେଟା ଆଚେକି ।
ମଇନା : ହୟ୍ ବଡେଟା ସେ ଆଚେ ।
ଫୁଲ : ହେଲେ ଟଟାବାଡ଼ି ଆଚେ କି ବାଇଁ ?
ମଇଁନା : ଝଟାବାଡ଼ି, ନକର୍‌ଲାଉ ସିନା କେତ୍‌ଟା ଆମ୍, ଫନସ୍, ଜାମ୍, ମୁନ୍‌ଗା ଲେମ୍ବୁ ଟଭା, କମ୍‌ଲା, ତେତ୍‌ଲି ଆମୃର ମାଣ୍ଡା ଗଛ ପାରାଗ ମନ୍ ଲାଗାୟ୍‌ଲୁ ଆଚୁ ।
ଫୁଲ : ଏତେକ୍ ସବୁ ଚାଷ୍‌ବାସ୍ ଚାଷବାସ୍ କର୍ ଲାସ୍‌ନି ତମର୍‌ତି ଫୁଲ ବାଡ଼୍ ମିଶା ଆଚେ ତ ?
ମଇନା : ହର୍ ଦୁଆର୍ ବାଟେ ସାନ୍‌ଟା ଗୋଟେକ ଫୁଲ୍ ବାଡ଼୍ କରି ହାୟ୍‌ତି ଗୋଲାପ୍, ସେବ୍‌ତି, ମଲ୍ଲୀ, ଜିନିଆ ବାଟି, ଢାଲିଆ, ଡଗର୍, ମନ୍ଦାର୍, ରାନି ଫୁଲ୍, ମେଣ୍ଡାଫୁଲ୍ ଲଗାୟ୍‌ଲୁ ଆଚୁ ।
ମଇନା : ତୁଇ ମକେ କା ପଚାରି ଲାଗିରେଲୁସ୍ କି କେନ୍ତା ତୁଇ ଆଲେ ଛୁଟିକେ କାଇଟା କର୍‌ଲୁସ୍‌ନି ?
ଫୁଲ : ମୁଇଁ ମିଶା ଛୁଟି କେ ଯାଇ ଧାୟ୍‌ବୁଆ ସାଗେ ବେଡ଼ାବାଟେ ଗଲି, କଡ଼୍‌ପ୍ ଜାଗଲି, ମାଣ୍ଡିଆ, କାଟ୍‌ଲି ଆରି କାୟ୍‌ଟା ତା ।
ମଇନା : ଏତ୍‌କି ଆନେ ତୋର ଛୁଟି ସାର୍‌ଲାକି ମା ଜାଟି ଝକଲୁସ୍‌ବି ତୁଇ ।
ଫୁଲ : ତୁଇ ରିସା ନା ହେ କାଇ କାଇଲିନି ଧାନ୍‌କାଟାଲା ଉପ୍‌ରେ କଲଜା ବେଟାକେ ଗଲି ବେଡ଼ା ଭିତ୍‌ରେ ରେବା କୁଣ୍ଡ ମନ୍‌କର ମାଚ୍ ଧାରଲୁ ଦାରୁ ମିଶା ଆନ୍‌ବାକେ ଆୟୋଜୁଆ ସଙ୍ଗେ ଖମ୍‌ନେ ଗାଲି ।
ମଇନା : ଏଦେ ଏଦେ ଇସ୍କୁଲ ବେଲାହେବେ ଜୁ ପାରତ୍‌ନା କରୁ ।

## ଶ୍ରେୀଣୀରେ ପାଠପଢା ସଂପର୍କରେ ଦୁଇ ସାଙ୍ଗଙ୍କ ମଧରେ କଥାବାର୍ତ୍ତା

ରାମ : ଏଶାମ ତମର ଇସ୍କୁଲେ କେତେଟା ଦିଦି ଆରି ସାର୍ ଅଚତ୍ ?
ଶାମ : ଆମର୍ ଇସ୍କୁଲେ ଦୁଇଟା ସାର୍ ଆରି ତିନଟା ଦିଦି ଆଚତ୍ ।
ରାମ : ତମର୍ ଗଣିତ ମଜା କେ କେ ପଢାଇଲାୟ୍‌ନି ?
ଶାମ : ଆମର୍ ଉଷାଦିଦି ପଡ଼ାଇ ଲାଇନି ।
ରାମ : ଗଣିତ ପଡ଼ାଇଲା ବେଲେ ଆମର୍ ଇସ୍କୁଲେ ନିମାନ୍ କରି ବୁଜି ନାହେ ।
ଶାମ : ଆମର୍ ଇସ୍‌କୁଲେ ବଡ଼େ ନିମାନ୍ ବୁଜାଇ ଦେବାୟ୍ ।
ରାମ : ଆମର୍ ସାର୍ ନାଇକି କାଲାପଟା ଧାନେ ଗଣିତ୍ ମନ୍‌କେ କରି କରି ଶିକାଇ ଦେବାୟ୍ ମାତର୍ ହାଇଟା କେମିତା ହେଲା ବୁଜି ନାହେ ଆରି ମନେମନେ କରବି ପିଲେ ଭୁଲ ହୋଇଯାଇସି / ତୁଇ ତମର୍ ଇସ୍କୁଲେ ନିମାନ୍ କରି ଦିଦି ବୁଜାୟ୍‌ବାୟ୍ ବଲ୍‌ଲୁସ୍‌ନି ଆଲେ କେନ୍‌ତା କରି ବୁଜାଏବାୟ୍ ଛନେକ୍ କରି ଦେକାନି ?
ଶାମ : ଆମର୍ ଦିଦି ନାଇଁ କି ନା ଗଣିତ ବତାଇଲା ବେଲେ ଖେଲାଏସି ।

ରାମ : ହେଁ ପାଟ ପଡ଼ାଇଲା ବେଲେ କେନ୍‌ତା ଖେଲ ଆରି ତମେମନ୍ ଖେଲି ଲାସ୍‌ନି କଇ ଦେଖି କାୟ ?

ଶାମ : ଗଟ ଗଟ ହାର ଆମର କିଲାସର୍ ଦୁଇ ଲୋକକେ ଦୁଇବାଟେ ଠିଆ କର୍‌ସି ଆରି କନ୍ ଥାନ୍‌ର ଚୁଡ଼ି କମ୍ ଥାନର୍ ଫୁଲ, କନ୍‌ଥାନର ଗୋଡ଼ି, କାଟି ବାଟି, ତେତ୍‌ଲି ମଂଜି ମନ୍‌କେ ଆନାୟ୍ ଦେୟ୍‌ଶି, ପଚେ ପଚେ ଆରି ଗଟେକ୍ ପିଲାକେ ଡାକି କରି ଆରହାତର ଟା କେତ୍‌ଟା ଆଚେ ଆରି ତାର ହାତର୍ ଟା କେତ୍‌ଟା ଆଚେ ବୋଲି ପଚ୍ଚର୍‌ସି କଇଦେଲା ଉରାରେ ଆରି ଗଟେକ୍ ପିଲାକେ ଡାକିକରି ହାଇଟାକେ ଅଲ୍‌ଗା ଅଲ୍‌ଗା କରା ଆରି ପାଟାଡି ଲେକା ବଲ୍‌ସି, ଆରି ସରାସରି ବେଲେ ଆରି ଗଟେକ୍ ପିଲାକେ ଡାକିକରି ଦୁଇଟା ଯାକ କେ ମିଶାଇ କରି ଗନା ବଲସି ସନତି କରି ମିଶାଇସି ଆରି ଶିକାୟ୍‌ସି, ହେନ୍‌ତି ତମର କିଲାସେ ପିଲା କେତ୍‌ଟା ଆରି ଟୋକି କେତ୍‌ଟା ଆଚତ୍ ବଲ୍‌ସି ସର ଟୋକି ଆରି ପିଲା ମନକେ ଗନିକରି କଇଲା ଉପରେ ପିଲାଟକିକେ ମିଶିକରି ଆଚସ୍ ବଲ୍‌ସି । ଏନ୍‌ତି କରି ଆରି କେତେ ପର୍‌କାର କଇକରି ଶିକାୟ୍ ବାୟ୍ ।

ରାମ : ତୋର କାତା ସୁନି କରି ମକେ ତମର୍ ଇସ୍‌କୁଲେ ପଡ୍ ପଡ୍ ପାରା ଲାଗ୍‌ଲାନି । ଆଲେ ତେବେ ଫେଡ଼ାନ୍ ଥାନେ କାଇ କାଇ କର୍‌ବାସ୍ କଅ କାୟ୍ ।

ଶାମ : ଫେଡାନ୍ ବଲେ ଆରି କାୟଟାତା ହେନତି ଆକା କେଡ଼େ କେଡ଼େ ଦାଏ ଆମ୍‌କେ ଆମ ପତର୍, ଆରି ଜାମ୍ ପତର୍ ତଲି ତଲି ଆନା ବଲ୍‌ବାୟେ । ତୋଳର ଆନ୍‌ଲା ଉତ୍ତାରେ ଅଲ୍‌ଗା ଅଲ୍‌ଗା କରି ବାନା ବଲ୍‌ବାୟେ ଆରି ତାର୍ ଉତ୍ତାରେ ଗୋଟେକ୍ ଆମ୍‌ପତ୍‌ର ଆରି ଗୋଟେକ୍ ଜାମ୍ ପତର୍‌କେ ମିଶାଇ କରି ଯୋଡ଼ା ଯୋଡ଼ା କରି ସଙ୍ଗା ବଲ୍‌ବାୟେ । ଆମେ କଇଦେଲା ଉତ୍ତାରେ ପତର୍ କେତେକ୍ ଅଗ୍‌ଲା ବୋଲି ପଗର୍‌ବାୟେ । ତାକେ କାଲାପଟାଡି ଉପରେ ଲେକୁ କାଇ କାଜେକି ହାଇଟା ବୁଢେକ୍ ରେଲା ଜନ୍‌ଟା ବୁଟେକ୍ ରେଇସି ହାଇଟା ବଡ଼ । ଜନ୍‌ଟା ଆଲପ୍ ରେୟ୍‌ସି ତାକେ ତଲେ ଲେଖୁ କାଇ ଯେ କି ହାଇଟା ସାନ୍‌ଟା । ଏବର ଆସା ବଡ଼ଟା ଥାନୁ ସାନ୍‌ଟାକି ସାନଟାକେ ଫେଡୁ ତାର ଉତ୍ତାରୁ ଆବେ ମିଶି ଫେଡ଼୍‌ବୁ। ଉତ୍ତର୍ ଆଇସି ତାର୍ ଉତ୍ତାରୁ ଆମର ଦିଦି ପଚ୍ଚରବାୟେ ହାଇ ଅଗଲି ରେଲା ପତର ଆରି ଫେଡାଣ ସମାନ ଆଚେ କି ନାଇଁ ପିଲାମନ। ଯଦି ସମାନ ଆଚେ ବୋଲେ ତାଲି ମାରା ବଲଲେ ପ୍ରରି ଆମେ ସବୁ ଲୋକ ତାଲି ମାର୍‌ବୁ ।

ରାମ : ନାଉଁ ବାବୁ ତାର୍ କାତା ସୁନ୍‌ଲା ବେଲ୍‌କୁ ମୋକେ ତମର୍ ଇସ୍‌କୁଲ ଥାନେ ଯିବାକେ ମୁଇଁ ବୁଆ କେ କଇବି ଆରି ଇସ୍‌କୁଲେ ଆସ୍‌ବି।

# ଦୁଇଜଣ ସାଙ୍ଗ ଅଲଗା ଅଲଗା ସ୍କୁଲରେ ଅଛନ୍ତି ଏ ଦୁଇ ଜଣଙ୍କ କଥାବାର୍ତ୍ତା

ଗୋରୀ : ତମର୍ ଇସ୍କୁଲେ ତକେ କେନ୍ତା ଲାଗ୍‌ସି ସୁନ୍ଦ୍‌ରୀ ।

ସୁନ୍ଦରୀ : ମୋକେ ବଡ଼େ ନିମାନ୍ ଲାଗ୍‌ସି ।

ଗୋରୀ : କେନ୍ତାର୍ କାଜେ ଏତେ ନିମାନ୍ ଲାଗ୍‌ସି ସୁନ୍ଦ୍‌ରୀ ସତେ ତମର୍ ଇସ୍କୁଲ ନିମାନ୍ ଆଚେକି ଆଲେ କାଇ କାଯେ ଏତେ ନିମାନ୍ ଲାଗ୍‌ଲାନି ?

ସୁନ୍ଦରୀ : ଆମର୍ ଇସ୍କୁଲେ ଆମେ ପିଲାଟୋକି ମିଶି କରି ଗଟେକ୍ ଅରେ ରେଲା ପାରା ରେଲୁନି । ଆମର୍ ଇସ୍କୁଲେ ବଗିଚା ବଡ଼େ ସୁନ୍ଦର୍ । ଆମର୍ ସାର୍ ଦିଦି ମନ୍ ପାଠ୍ ପଡାଇବା ସଙ୍ଗେ ସଙ୍ଗେ ଖେଲ୍ ନାଚ୍ ଗୀତ ସିକାଏ ବାୟ୍ ଆରି ଲାଡ୍ କର୍‌ବାଇ । ଆମର୍ ଇସ୍କୁଲେ ସିଫାସୁତର ରକ୍‌ବୁ ଆରି ଆନନ୍ଦ୍ ମନରେ ପଢା ପଢି କରବୁ ତେବେ ସେ ନିମାନ୍ ଲାଗ୍‌ସି । ଆମର ଇସ୍କୁଲେ ବଡ଼େ ନିମାନ ଆମକେ ଘରେ ଦବାକେ ନା ଲାଗେମନ୍ ।

ଗୋରୀ : ତମର୍ ଇସ୍‌କୁଲେ କେତ୍‌ଟା ପାଠ୍ ପଡବା ଘର, ଆଚେ ?

ସୁନ୍ଦରୀ : ଆମର୍ ଇସ୍କୁଲେ ଆଟେ ପଢ଼ବା ଘର୍ ଆଚେ ।

ଗୋରୀ : ତମର୍ ଇସ୍କୁଲେ କେତ୍‌ଟା ବିନ୍ ଦିଦି ଆରି କେତୋଟା ସାର୍ ଆଚତ୍ ?

ସୁନ୍ଦରୀ : ଆମର୍ ଇସ୍କୁଲେ ଦୁଇ ଦିଦି ଆରି ତିନ୍‌ଟା ସାରଆଚତ୍ ।

ଗୋରୀ : ତମ୍‌କେ ତମର୍ ସାର୍ ମନ୍ ଆରି ଦିଦି ମନ୍ ଲାଡ଼୍ କରବାୟେ କି ନାଇଁ ?

ସୁନ୍ଦରୀ : ଇୟା... ଆମର୍ ସାର୍ ଦିଦି ମନ୍ ତ ଆମର୍ ମାଁ ବାବା ଲାଡ଼୍‌କରବାୟେ ସେନ୍ତିଆକା କର୍‌ବାୟେ ।

ଗୋରୀ : ତମର୍ ଇସ୍କୁଲେ ଗୋଟେକ୍ ଲୋକ୍‌କେ ଲାଡ଼୍ କର୍‌ବାୟେକି ସବୁ ଲୋକକେ ?

ସୁନ୍ଦରୀ : ନାଇଁ ସବୁକେ ଲାଡ଼୍ କର୍ ବାୟେ ।

ଗୋରୀ : ତେବେ ତମର୍ ଇସ୍କୁଲେ କାଇ କାଇଟା କର୍‌ଲା ଆଚସ୍ ?

ସୁନ୍ଦରୀ : ଆମର୍ ଇସ୍କୁଲେ ମୀନା ମଞ୍ଚ, ମନ୍ତ୍ରୀମଣ୍ଡଲ୍ ବାଲ୍‌ଅଦାଲତ୍ କରଲୁନି ।

ଗୋରୀ : ଆରି କାଇଟା କର୍ ଲାସ୍‌ନି ?

ସୁନ୍ଦରୀ : ନାଇଁ ଆରି କେତେକ୍ କରଲୁ ଆଚୁ ।

ଗୋରୀ : କାଇ କାଇଟା ଆରି କଲା ଆଗସ୍ ତେବେ କଇଦେ ଅଲପ୍ ?

ସୁନ୍ଦରୀ : ଆଲେ ସୁନ ତେବେ । ଆମେ ନାଇଁକି ଗୀତ୍ ଲେଖିବୁ ଅନୁଭୂତି ଲେଖିବୁ, କୁଇଜ୍ କମ୍ପିଟିସନ୍ କରବୁ, ଗୀତ୍ ଗାୟବୁ, ତାରମା କରବୁ ଆରି ନାଚ୍ କରବୁ । ଯେତକି ଲେଖିରେବୁ ସେଟାକେ ଆନ୍ୱେଷଣରେ କର୍‌ବୁ ।

ଗୋରୀ : ଅନ୍ୱେଷଣ ବଇଲେ କାଇଟା ଯେ ?

ସୁନ୍ଦରୀ : ଆମର୍ ମନ୍‌କେ ଜୁଟା ଆଇଲା, ଗୀତ୍ ହଉ କି ଗପ୍ ହେଉ କି ଆଉ କେନ୍ତାଟା ହଉ ସବୁଲେଖିକରି ଗୋଟେକ୍‌ଆନେ ଲଗାଇବାର୍ ।

ଗୋରୀ : ତେବେ ତମର୍ ଇସ୍କୁଲେ କେତୋଟା ଆପା ଆର୍ କେତୋଟା ନନା ଅଚତ ?

ସୁନ୍ଦରୀ : ଆମର୍ ଇସ୍କୁଲେ ଗର୍ଟା ଆପା ଆରି ଦୁଇଟା ନାନା ଆଚତ୍ ।

ଗୋରୀ : ତମର୍ ଆପା ନାନା ମନ୍ ଭଲ୍ କରି ରାନ୍ଦବାୟେକି ନାଇଁ ?

ସୁନ୍ଦରୀ : ହାଁ ଭଲ୍ କରି ସେ ରାନ୍ଦବାୟେ ।

ଗୋରୀ : ତମର୍ ଆପା ମନ୍ ତମର୍ ଯତନ୍ ନେବାୟେ କି ନାଇଁ ?

ସୁନ୍ଦରୀ : ସବୁ ଆପା ବାବା ମନ୍ ସବୁକେ ଯତନ୍ କର୍ବାୟେ ।

ଗୋରୀ : ତେବେ ତମେ ଗୀତ୍ ଗାଇ ବାସ୍, ନାଚ୍ କରବାସ୍ ଯେ କନ୍ତି ନାଚ୍ କରବାକେ ଗାଲା ଆଚାସ୍‌କି ?

ସୁନ୍ଦରୀ : ହାଁ ଆମେ ନାଇଁକି ଭୁବନେଶ୍ୱର, ସୁନାବେଡ଼ା, କୁନ୍ତରଖାଲ୍ ଆମ୍ବାଗୁଡ଼ା, କୋରାପୁଟ୍, ନାଚ୍‌ବାକେ ଗାଲୁ ଆଚୁ ।

ଗୋରୀ : ତମେ ସାକାଲେ କେତଟା ବେଲେ ଉଠ୍‌ବାସ୍ ?

ସୁନ୍ଦରୀ : ଆମେ ସାକାଲେ ୫ଟା ବେଲେ ଉଠବୁ ।

ଗୋରୀ : ଉଠିକରି କାଇ କାମ୍ କର୍ବାସ୍ ।

ସୁନ୍ଦରୀ : ଉଠିକରି ପ୍ରାର୍ଥନା କର୍ବୁ ଆରି ଦାତୁନ କର୍ବୁ ଜାଡ଼ା ଯିବୁ ଆରି ଡାଣ୍ଡ ବାଡାନ୍‌ବୁ ।

ଗୋରୀ : ସାକାଲ୍ ଉଠି କେଡ଼େବଲା ପଡ଼୍‌ଲାସ୍‌ନି ?

ସୁନ୍ଦରୀ : ସାକାଲ ଅଲି ଆମେ ସାତ୍‌ଟା ବେଲା ପଡ଼୍‌ଲୁନି ।

ଗୋରୀ : ଆରି କେତେଟା ବେଲେ କାଇ କାମ୍ କରଲାସ୍‌ନି ?

ସୁନ୍ଦରୀ : ନଅଁଟା ବେଲେ ଭାତ୍ ଖାଇବୁ ଆରି ଇସ୍କୁଲ ଯିବୁ ।

ଗୋରୀ : ଇସ୍କୁଲ କେତ୍‌ଟା ବେଲେ ଛାଡ଼୍‌ବାୟେ ।

ସୁନ୍ଦରୀ : ଘଣ୍ଟେ ବେଲେ ଗୋଟେକ୍ ଥର ଛାଡ଼୍‌ବାୟେ ଆରି ସମାନ ଚର୍‌ଟା ହେଲେ ଘରେ ଛାଡ଼୍‌ବାୟେ ।

ଗୋରୀ : ତାର୍ ପଛେ କାଇଟା କର୍ବାସ୍ ?

ସୁନ୍ଦରୀ : ପିଲାଟିକି ମନ୍‌କେ ଗନ୍‌ବୁ, ଟିଫିନ୍ ଖାଇବୁ ଆରି ଖେଲବୁ ଛନେକ୍ । ଆରି ସଞ୍ଜବେଳେ ଆମର୍ ବଖରା ଆରି ଦାଣ୍ଡ ଝାଡ଼ୁ କରବୁ । ଛଅଟା ହେଲେ ଘଣ୍ଟା ବାଜ୍‌ଲେ ହାତ୍ ଗୋଡ଼୍ ଧଇ କରି ପଡ଼୍‌ବୁ ।

ଗୋରୀ : ତେବେ ତମର୍ ଇସ୍କୁଲେ କେତେକ୍ ଲୋକ ଆଚାସ୍ ?

ସୁନ୍ଦରୀ : ଆମର ଇସ୍କୁଲେ ପିଲା ଟିକି ମିଶି କରି ୩୦୦ ଲୋକ୍ ଆଚୁ ।

ଗୋରୀ : ତମର୍ ହଷ୍ଟେଲେ ୩୦୦ ପିଲା ଆଚତ୍ ଯେ କେତ୍‌ଟା ଶୋଇବା ଘର୍ ଆଚେ ?

ସୁନ୍ଦରୀ : ଟିକି ମନ୍‌ର୍ ଚରଟା ଆଚେ ପିଲା ମନ୍‌ର ପାଚ୍‌ଟୋ ଆଗୋ ।

ସୁନ୍ଦରୀ : ତୁଇ ମୋର କାତା ଶୁନ୍‌ଲୁସ୍ ଯେ ତେବେ ତମର୍ ଇମକୁଲର ମିଶା ଅଲପ୍ କଇଦେଶ୍ କାଇ ?

ଗୋରୀ : ହଇ ସୁନ୍ ତେବେ କଇଲିନି ?
ସୁନ୍ଦରୀ : କଅ କାଇ ଆଲେ ତମ୍‌ର ଇସକୁଲ କେନ୍ତାର୍ ଆଚେ ?
ଗୋରୀ : ଆମର୍ ଇସ୍‌କୁଲ୍ ମିଶା ଭଲ୍ ଆଚେ ?
ସୁନ୍ଦରୀ : ତମ୍‌ର ଇସ୍‌କୁଲେ କେନ୍ତାର ପାଠ୍ ପଢ଼ାଅ ବାୟେ ।
ଗୋରୀ : ଆମର୍ ଇସ୍‌କୁଲେ ମିଶା ଭଲ୍ ସେ ପାଠ ପଡାୟବାୟ୍ ।
ସୁନ୍ଦରୀ : ତମ୍‌ର ଇସ୍‌କୁଲେ କେତ୍‌ଟା ସାର୍ ଆରି ଦିଦି ମନ୍ ଅଚତ୍ ?
ଗୋରୀ : ଆମରି ସ୍କୁଲେ ୪ଟା ସାର୍ ଆରି ୨ଟା ଦିଦି ମନ୍ ଆଚତ୍ ।
ସୁନ୍ଦରୀ : ତମ୍‌କେ ଲାଡ଼୍ କରବାୟ୍ କି ବାଇଁ ?
ଗୋରୀ : ଲାଡ଼୍ କର୍‌ବାୟ୍ ।
ସୁନ୍ଦରୀ : ସୁନ୍‌କାଇ ତମର୍ ଇସ୍କୁଲେ ମନ୍ତ୍ରୀମଣ୍ଡଲ କରଲା ଆଗସ୍ କି ନାଇଁ ।
ଗୋରୀ : ମନ୍ତ୍ରୀ ମଣ୍ଡଲ୍ ମିଶା କଲୁ ଆଚୁ ।
ସୁନ୍ଦରୀ : ଖାଲି ମନ୍ତ୍ରୀ ମଣ୍ଡଲ୍ କର୍‌ଲା ଆଗସ୍ କି ?
ଗୋରୀ : ହଇ ମନ୍ତ୍ରୀ ମଣ୍ଡଲ୍ ସେ କଲୁ ଆଚୁ ।
ସୁନ୍ଦରୀ : ମୀନା ମଞ୍ଚ ଆରି ବାଲ୍ ଅଦାଲତ୍ କଲା ଆଗସ୍‌କି ନାଇଁ ?
ଗୋରୀ : ମୀନା ମଞ୍ଚଆରି ବାଲ୍ ଅଦାଲତ ବଲେ କାଇଟା ?
ସୁନ୍ଦରୀ : ବାଲ୍ ଅଦାଲତ ବଲେ ଆମେ ପିଲାମନ୍ ଗଟେକ୍ କରଟ୍ କରଲୁ ଆଚୁ ହାଇତି ଆମେ ମନ୍ ଯେ ଭୁଲ୍ କାମ୍ କର୍‌ସି ତାକେ ଆମେ କରଟ୍ ଥାନେ ନେବୁ ଆରି ବିଚାର୍ କର୍‌ବୁ । ମିନା ମଞ୍ଚ୍ କଇଲେ ବଲେ ପାଢ଼ ପଦବାଟା ସଫାସୁତର୍ ହେବାଟା, ମୁଣ୍ଡେ ହାତେ ଗୋଡ଼େ ତେଲ୍ ଲଗାୟ୍‌ବାଟା ନିଜର୍ ଗାଗଡ଼୍‌କେ ନିଜେ ଯତନ୍ ନେବାଟା ଯଦି ଏଟା ମନ୍ ବା କର୍‌ଲେ କରଟ୍ ଲଗେ ଆମର୍ ଭିତରେ ବିଚାର୍ କର୍‌ବୁ । ଏଟା ମନକେ ମୀନାମଞ୍ଚ, ବାଲ୍ ଅଦାଲତ୍ କୟ୍‌ବାୟ୍ ।
ସୁନ୍ଦରୀ : ତମର୍ ଇସ୍କୁଲେ ଲଗେ କେତ୍‌ଟା ଆପା ଆରି ନାନା ଆଚତ୍ ?
ଗୋରୀ : ତିନ୍‌ଟା ଆପା ଆରିଦୁଇଟା ନାନା ଆଚତ୍ ।
ସୁନ୍ଦରୀ : ସେ ମନ୍ କେନ୍ତାର ରାନ୍ଧାବାଡ଼ କରିଦେବାୟେ ?
ଗୋରୀ : ଆମର୍ ଇସ୍କୁଲେ ମିଶା ଆପା ଆରି ନାନା ମନ୍ ଭଲ୍‌ସେ ରାନ୍ଧ୍‌ବାୟ୍ ।
ସୁନ୍ଦରୀ : ତମର୍ ଇସ୍କୁଲେ ଫୁଲ ବାଡ଼ ଆଚେ କି ନାଇଁ ?
ଗୋରୀ : ଆମର୍ ଇସ୍କୁଲେ ମିଶା ଫୁଲ ବାଡ଼ ଆଚେ ତମର୍ ଇସ୍କୁଲେ ଆଚେ କି ନାଇଁ ।
ସୁନ୍ଦରୀ : ହାଁ, ଆଁ ଆମର୍ ଇସ୍କୁଲ ଲଗେ ମିଶା ବଡ଼େ ସୁନ୍ଦର ବାଡ଼ କର୍‌ଲୁ ଆଚୁ । ଆରି ରଙ୍ଗ୍ ରଙ୍ଗ୍ ପତର୍ ସଜାଇବାୟ୍ ଯେ ସେଟାସଙ୍ଗେ ଆମେ ଭାରତ୍ ମାନଚିତ୍ର, ଓଡ଼ିଶା ମାନଚିତ୍ର ଆରି

ପାଠ୍ ପଢଲୁନି ଯେ ଗଣିତ ଲଗେ ଆୟତକ୍ଷେତ୍ର, ବର୍ଗକ୍ଷେତ୍ର, ତ୍ରିଭୁଜ ଆରି ହଉ ଆଚେ ଯେ ସିଟାମନ୍ ରପଲୁ ଆଚୁ । ବଡ଼୍ ବଡ଼୍ ଅଙ୍କାମନ୍ ଆଇଲେ ଶରଧା ହୋଇ ଗାଲାୟ୍‌ନି ।

ଗୋରୀ : ତମର୍ ଇସ୍କୁଲ ଲଗେ ଏଟାମନ୍ ଆରି କର୍‌ଲା ଆଚତ୍ କି ? ଆମର୍ ଇସ୍କୁଲେ କରୁ ନାଇଁ ?

ସୁନ୍ଦରୀ : ତମର ଇସ୍କୁଲେ ଗୀତ ନାଚ୍ କର୍‌ବାସ୍ କି ନାଇଁ ?

ଗୋରୀ : ଆମେ ମିଶା ଗୀତ ନାଚ୍ କର୍‌ବୁ କାୟେ ।

ସୁନ୍ଦରୀ : ତମର୍ ଇସ୍କୁଲର୍ ପିଲା ଟକିମନ୍ କୋନ୍ତି ମିଶା ନାଚ୍‌ବାକେ ପାଲା ଆଚତ୍‌କି ନାଇଁ ?

ଗୋରୀ : ନାଇଁ କନ୍ତି ମିଶା ନାଚ୍‌କର୍‌ବାକେ ଯାଉନାଇଁ ।

ସୁନ୍ଦରୀ : ତେବେ ତମର୍ ଇସ୍କୁଲେ କେତ୍‌ଟା ବେଲେ ଉଠ୍‌ବାସ୍ ?

ଗୋରୀ : ଆମେ ଛଅଟା ବେଲେ ଉଠ୍‌ବୁ ।

ସୁନ୍ଦରୀ : ଛଅଟା ବେଲେ ଉଠ୍‌ଲେ ତ କେତେ ବେଲେ ଦାତୁନ୍ କର୍‌ବାସ୍ ବନ୍ଦାଡ଼୍ ଯିବାସ୍ ଆରି ଗାଦାୟ୍‌ବାସ୍ ।

ସୁନ୍ଦରୀ : ତମର୍ ଇସ୍କୁଲେ ପିଲା ଟକି ମନ୍ କେ କଇଦେସ୍ ଯେ ୫ଟା ବେଲେ ଉଠି ଜାଡାପାନୀ ଯା ଆରି ବାଡାନା ବୋଲି କଇଦେସ ହେଲେ ସିନା ପାଠ୍ ପଢି ବସ୍‌ବାକେ ହେଇସି ।

ଗୋରୀ : ହଇ ତେବେ କଇଦେବି । ତୁଇ କଇଲାଟା ସବୁ କଇବି ତେବେ ।

ସୁନ୍ଦରୀ : କେତ୍‌ଟା ବେଲେ ତ ପାନି ଗାଦାୟ୍‌ବାସ୍ ।

ଗୋରୀ : କେତ୍‌ଟା ବେଲେ ମିଶା ଯେ ଯେ ପରସି ଗାଦାୟ୍‌ବାୟ୍ ।

ସୁନ୍ଦରୀ : ସେନ୍ତି କରଲେ ନ ହଏ ବେଶି ବେଶି କାମ୍ ସରାଇଲେ ସିନା ହେଇସି ପାଠ୍ ପଢି ବସ୍‌ବାସ୍ ।

ଗୋରୀ : ଭଲ୍ ତେବେ ସେନ୍ତା କରଲେ ସେ ହେଇସି ।

ସୁନ୍ଦରୀ : ତମର୍ ଇସ୍କୁଲେ କେତ୍‌ଟା ପିଲାଟକି ଆଚତ୍ ।

ଗୋରୀ : ଆମର୍ ଇସ୍କୁଲେ ୫୦ଟା ପିଲା ଆରି ୧୦୦ଟା ଟକି ଆଚତ ।

ସୁନ୍ଦରୀ : ପାଠ୍ ପଡ୍‌ବାକେ କେତ୍‌ଟା ଘର୍ ଆଚେ ।

ଗୋରୀ : ଆମର୍ ଇସ୍କୁଲେ ୫ଟା ଘର୍ ଆଚେ ।

ସୁନ୍ଦରୀ : କେତଟା ବେଲେ ପାଠ ପଢ଼୍‌ବାକେ ବସବାସ ତ ।

ଗୋରୀ : ଆମର୍ ଇସ୍କୁଲେ ୧୦ଟା ବେଲେ କିଲାସରେ ବସବୁ ।

ସୁନ୍ଦରୀ : କେତ୍‌ଟା ବେଲେ ଛାଡ଼୍‌ବାୟ୍‌ତ ?

ଗୋରୀ : ଚାରିଟା ବେଲେ ଛାଡ଼୍‌ବାୟ୍ ।

ସୁନ୍ଦରୀ : ଆମର୍ ପାରା ଆକା ତେବେ ଆଲେ ଜୁ ବେଲ୍ ବୁଡ଼୍‌ଲାନି ବେ ଘରେ ଯୁ... ।

# ପ୍ରଥମଶ୍ରେଣୀ

## ହସଖେଳ

## ଦେଖ ଓ କୁହ (ଦେକା ଆରି କୁଆ)

| | | |
|---|---|---|
| ହାତୀ | ଆତୀ | ଆତୀଡାଲ ମନ୍‌କେ ଖାୟ୍‌ସି । |
| ବାଘ | ବାଘ | ବାଘ୍ ବନେ ରେୟ୍‌ସି । |
| ମୂଷା | ଚୁଟିଆ | ମୁଷା ଚୁଟିଆ ଧାନ କେ ଖାୟ୍‌ସି । |
| କଇଁଛ | କଚିମ୍ | କଚିମ୍ ପାନି ଭିତ୍‌ରେ ପହରିଁ ବୁଲ୍‌ଲାନୀ । |
| ଜିରାଫ | ଜେବ୍ରା | ଜେବ୍ରା ଚିତ୍ର କାବ୍‌ରା ରେୟସି । |
| ମାଙ୍କଡ | ମାଙ୍କଡ଼ | ମାଙ୍କଡ଼୍ ମନ୍ ଗଛ୍ ଉପରେ ରେବାୟ୍ । |
| ଭଉଣୀ | ଭୟନୀ | ମୋକେ ଗଟେକ୍ ଭୟ୍‌ନୀ ଆଚେ । |
| ଚୁଟିଆ ମୂଷା | ଚିଲୁ ମୂଷା | ଚିଲୁ ମୂଷା ଗଚେ ରେୟ୍‌ସି । |
| ମୟୂର | ମଜୁର | ମଜୁର ଗଚେ ରେୟସି । |
| ବଗ | କକେଡ଼ା | କକ୍‌ଡ଼ାମନ୍ ଦଲ୍ ଦଲ୍ ଉଡି ବୁଲ୍‌ଲାୟନି । |
| ମାଛ | ମାଛ୍ | ମାଛ୍ ମନ୍ ବନ୍ଦେରେବାୟ୍ । |
| ହରିଣ | ସମର୍ | ସମର୍ ଘାଁସ୍ ଖାୟ୍‌ସି । |
| ଭାଲୁ | ଭାଲୁ | ଭାଲୁ କାଲିଆ ରେୟ୍‌ସି । |
| ବେଙ୍ଗ | ବେଙ୍ଗଟି | ବେଙ୍ଗ୍‌ଟି ବନ୍ଦେ ରେୟ୍‌ସି । |
| ସାପ | ସାପ୍ | ସାପ୍ ଗଚେ ରେୟସି । |
| କୁମ୍ଭୀର | ମଗର | ମଗର୍ ବଡ଼୍ ବଡ଼୍ ବନ୍ଦେ ରେୟ୍‌ସି । |
| ଠେକୁଆ | ଖାଡା | ଖାଡ଼ା ମନ୍ ଗଛର୍ ପରଡ଼୍ ଥାନେ ରେବାୟ୍ । |
| କୋଇଲି | କୋଇଲି | କୋଇଲି ଗଚେ ବସି କରି କୁକୁ ଡାକ୍‌ସି । |

## ଟୁନାଟୁନି

| | | |
|---|---|---|
| ଭାଇ | ନାନା | ମୋକେ ବଡ଼ ନାନା ଆଚେ । |
| ଭଉଣୀ | ଭୟନୀ | ସେ ମନ୍ ଦୁଇ ଭଇନୀ ହେବାୟ୍ । |
| ଚାଉଳ | ଚାଉଳ | ଚାଉଲ୍‌କେ ଭାତ ରାନ୍ଧି କରି ଖାୟ୍‌ବାର ହେସି । |
| ଚୂନା | ଗୁଣ୍ଡ | ଚାଉଲ୍ କେ ଗୁଣ୍ଡ କରି ପିଟା ବନାୟ୍ ବାର ହେୟ୍‌ସି । |
| କବାଟ | କପାଟ | କପାଟ୍ ଡାପିକରି ରାତିର୍ ବେଲା ଶୟ୍‌ବାର୍ । |

| | | |
|---|---|---|
| କହିଲା | କୟଲା | ମୋକେ ମୋର୍ ନାନା ଗଟେକ କାତା କୟ୍ଲା । |
| ବାଘ | ବାଘ | ବାଘ୍ ବନେ ରେୟ୍ସି । |
| ମାମୁ | ମାମୁଁ | ମାଁର ଭାଇକେ ମାମୁଁ ବୋଲି କୟ୍ବାୟ୍ । |
| ଆସ | ଆସା, ଆୟ | ଗତିଆ ଲୋକ୍କେ ଘରେ ଆଶା ବୋଲି କୟ୍ବାର୍ । |
| ଚକୁଳି | ପିଠା | ବିରି ଆରି ଚାଉଲ୍କେ ମିଶାୟ କରି ପିଠା ବନାୟ୍ବାର୍ । |
| ଚଟଣୀ | ଚଟନୀ | ଚନା ଡାଲିକେ ଭାଜି କରି ରୁବ୍ଲେ ଚଟ୍ଣୀ ବନାୟ୍ ବାର୍ ହେୟ୍ସି । |
| ଚୌକି | କୁରଚି | କୁର୍ଚି ଉପ୍ରେ ବସ୍ବାର ହେୟ୍ସି । |
| ଉପରେ | ଉପରେ | ସେ ଉପ୍ରେ ଉପ୍ରେ ଦେଖ୍ଲାନୀ । |
| ବସ | ବସା | ବଡ ଲୋକ୍କେ ଘରେଡାକି କରି ବସାୟ୍ କରି କାତା ହେ ବାର୍ । |
| ପଟି | ଟାଟି | ଟାଟି ଥାନେ ବସି କରି ଖାୟ୍ବାର୍ । |
| ଟଗର | ଟଗର | ଟଗର୍ ଫୁଲ ଧାବ୍ଲା ରେୟ୍ସି । |
| ପନିକୀ | ପନକି | ପନ୍କି ଲଗେ ମାଛ୍ କାଟ୍ବାକେ ବଢିଆ ହେୟ୍ସି । |
| ଅରଟ | ଅରଟ | ଅରଟ୍ ଥାନେ କୁଇଁଶାଲ ଥାନୁ ବାଡ଼ି ବେଟ୍ବାର । |
| ମାଠିଆ | ହାଣ୍ଡି | ହାଣ୍ଡି ଥାନେ ପାନି ଆନ୍ବାର୍ । |
| ଚାମଚ | ଚାମଚ୍ | ଚାମ୍ଚା ଥାନେ ଖାୟ୍ବାଟା ବେଟି ଖାୟ୍ବାର୍ ହେୟ୍ସି । |
| ବାଡ଼ି | ଡାଙ୍ଗ | ଡାଙ୍ଗ ଧରି କରି ଗାୟ୍ ଗରୁ ଖେଦ୍ବାର । |
| ଇଟା | ଇଟା ମୁକା | ଇଟାଥାନେ ଘର୍ ବନାୟ୍ ବାର୍ ହେୟ୍ସି । |
| ଚଟିଆ | ଚେଟିଆ | ଚେଟିଆ ମନ୍ ଚିଅର୍ ଚାଆର୍ କର୍ବାୟ୍ । |
| ଚପଲ | ପାଣ୍ଡାଇ | ପାଣ୍ଡଇ ପିନ୍ଧି କରି ବନ୍ଦାଡ଼୍ ଯିବାର୍ । |
| ଚାବି | କୁଚି | ଗାଁ ଗଲା ବେଲେ ଘର୍କେ କୁଚିପାକାୟ୍ କରି ଯିବାର୍ । |
| ଚଟୁ | ଚାଟୁ | ଚାଟୁ ସଙ୍ଗେ ଭାତ୍ ବାଟା କର୍ବାର୍ ହେୟ୍ସି । |
| ଚକ | ସିଲି | ମଟର୍ ସାଇକେଲ୍ କେ ଦୁଇଟା ସିଲି ଆଚେ । |
| ଆଖି | ଆକି | ଆକିଲଗେ ଦେଖ୍ବାର ହେୟ୍ସି । |
| ପଗରିଲା | : ପାଗର୍‌ଲା | : ହାତୀ ଟେଣ୍ଡ୍‌କାକେ ପଚାର୍‌ଲାନି । |
| ଭାଇ | : ନାନା | : ନାନା ମକେ ପେଷ୍ଟ ଗଟେକ୍ ଘେନିଦେଲା । |
| ମୋତେ | : ମକେ | : ମୋକେ କାୟ ଲୋଡ଼ା ତୋର୍ କାତା । |
| ଆଣୁଅଛି | : ଆନଲାନି | : ମୋର୍ ବାବା ମୋର୍ କାଜେ ସାଇକଲ୍ ଗଟେକ୍ ଘିନି ଆନ୍‌ଲାନି । |
| ସତରେ | : ସତେ | : ସତେସେ ଇସ୍କୁଲ୍ ଯାଇରେଲା । |
| ଦୂଷିତ | : ମଇଁଳା | : ମଇଁଲା ପାନି ଖାୟ୍‌ଲେ ରୋଗ୍ ହେସି । |
| କାଛୁ କୁଣ୍ଡିଆ | : ଗାଦି ଖସୁ | : ନିକ ପାନି ନଖାୟ୍‌ଲେ ଗାଜି ଖସୁ ହେସି । |
| ତୋହର କଥା | : ତୋର କାତା | : ତୋର କାତା ମକେ ବଡ଼େ ନିକ ଲାଗ୍‌ଲାନି । |
| ବଡ଼ ବଡ଼ କଥା | : ବଡ଼ ବଡ଼ କାଥା | : ସେ ବେଶୀ ବଡ୍ ବଡ୍ କାତା କୟ୍‌ଲାନି। |
| ସାଇତି | : ସଜାଇବା | : ସର୍‌ତେ ଜିନିଷ୍ ସଜାଇକରି ରଖ୍‌ବାର୍ |
| ତୋର ମଥା | : ତୋର କପାଲ | : ପିଲାର୍ କପାଲ୍ ଲଗେ ଗଟେକ୍ କିଡ଼ା ଲାଗ୍‌ଲା ଆଚେ । |
| ତେଣ୍ଡା | : ଟେଣ୍ଡା | : ଟେଣ୍ଡା ଥାନୁ ବେଡ଼ା ଲଗେପାନି ଟେଣ୍ଡ୍‌ବାର୍ । |

| | | | | |
|---|---|---|---|---|
| ଖଣ୍ଡ ଖଣ୍ଡ | : | ଖାଣ୍ଡିଆ ଖାଣ୍ଡିଆ | : | ସେ ଖଣ୍ଡେକ ଖଣ୍ଡେ କରି ପୁତ୍‌ଲାକେ ଭାଙ୍ଗିଦେଲା । |
| ଦଣ୍ଡ | : | ଦଣ୍ଡ | : | ମକେ ପାଠ୍ ନାପଢ଼୍‌ଲାକେ ମାଷ୍ଟେର୍ ଦଣ୍ଡ୍‌ଦେଲା । |
| ତୁଣ୍ଡ | : | ଟଣ୍ଡ | : | ଟଣ୍ଡ୍ ସଙ୍ଗେ ସାଗ୍, ଭାତ୍ ଖାୟ୍‌ବାର୍ ହେସି । |
| ଗଣ୍ଡା | : | ଗଣ୍ଡା | : | ଗଣ୍ଡା ଗଟେକ୍ ପଶୁଜନ୍ତୁ । |
| ମଣ୍ଡା | : | ମାଣ୍ଡା | : | ମାଣ୍ଡା ପିଟା ବାନାୟ୍ କରି ଖାଉ । |

## ଆସ ବୁଲି ଯିବା ଭଟ୍ଟାରିକା (ଆସ ବୁଲବାକେ ଜୁ ଭଟ୍ଟାରିକା)

| | | | | |
|---|---|---|---|---|
| ପାଖରେ | : | ପାଖେ | : | ବନ୍ଦ୍ ଲଗେ ଲୋକ୍ ମନ୍ ଗାଦାୟ୍‌ଲାୟ୍‌ନି । |
| ଭଟ୍ଟାରିକା | : | ଭଟ୍ଟାରିକା | : | ଗାଁ ଥାନେ ବେଶି ଲୋକ୍ ଆଚତ୍ । |
| ଠାକୁରାଣୀ | : | ଠାକୁରାଜୀ ଗଟେକ | : | ମାପ୍ରୁର ନାଆଁ । |
| ଯୋଜନା | : | ଗଟେକ୍ ଧାନ୍ଦା | : | କାମର୍‌କାତା ଯୋଜନା କରବାଟା । |
| ନାତି ନାତୁଣୀ | : | ନାତୀ ନାତରା | : | ବା ଡକରାର କେତେକ୍ ନାତି ନାତ୍‌ରା ଆଚତ୍ । |
| କାନ୍ଥଘଣ୍ଟା | : | କାନ୍ତଘଣ୍ଟା | : | କାନ୍ତଘଣ୍ଟା କାନ୍ତ ଲଗେ ଲାଗ୍‌ବା ଘଣ୍ଟା । |
| ଠିକ୍ ସମୟ | : | ଠିକ୍ ବେଲା | : | ଠିକ୍ ବେଲାୟ୍ ଇସ୍କୁଲେ ଯିବାର୍ । |
| ସଭିଏଁ | : | ସବୁଲୋକ | : | ସବୁଲୋକ୍ ମିଲି ମିଶି କରି ରେବାର୍ । |
| ସାନପିଲା ମାନେ | : | ସାନ ପିଲାମନ୍ | : | ସାନ୍ ପିଲାମନ୍ ସଙ୍ଗେ ମିଶି ଗାଲାୟ୍ । |
| ପାଖରେ | : | ଲଗେ | : | ଲଗେ ଆମର୍ ଘର୍ ଆଚେ । |
| ପାଟି ତୁଣ୍ଡ ନକରି | : | କଲାର ନହେଇ | : | ଇସ୍କୁଲ ଭିତ୍‌ରେ କଲାର୍ ନହେବାର୍ । |
| ଶାନ୍ତ | : | ଶାନ୍ତି | : | ମନେ ଶାନ୍ତି ରେଲେ ସବୁ କାମ୍ ଭଲ୍ ଭାବେ କର୍‌ବାର୍ ହେସି । |
| ଦାଣ୍ଡ | : | ଦୁଆର | : | ଦୁଆର୍ ମଜାୟ କାଚରା ନକର୍ ବାର୍ । |
| ଚାଲିଲା | : | ଗାଲା | : | ସେ ତାଙ୍କର୍ ଘରେ ଉଟିଗାଲା । |
| ପଚାରିଲେ | : | ପାଚାରଲାୟ | : | ମାଷ୍ଟେର୍ ବାବୁ ପିଲଟକି ମନ୍‌କେ ପ୍ରଶ୍ନ ପଚାର୍‌ଲାନି । |
| ଖାଇବ | : | ଖାଇବାସ | : | ପିଲାମନ୍ ଆଜି ତମେ ଭାତ୍ ସାଗ୍ ଖାୟ୍‌ବାସ୍ । |
| ଜିନିଷ | : | ଜିନିଷ | : | ସେ ଦୁକାନ୍ ଥାନୁ ଜିନିଷ୍ ମନ୍ ଘେନ୍‌ଲାନି । |
| ବେଶୀ | : | ଭୁତେକ | : | ଭୁତେକ୍ ଖାଦି ନା୍ ଖାୟ୍‌ବାର୍ । |
| ଝାଡ଼ା ବାନ୍ତି | : | ଝାଡା ବାନ୍ତି | : | ଭୁତେକ ଖାଦି ଖାୟଲେ ଝାଡ଼ା ବାନ୍ତି ହେସି । |
| ଫଟା ଫଟ୍ କହିଲେ | : | ଫଟା ଫଟ କୟଲାୟ | : | ପିଲାମନ ଫଟା ଫଟ ପ୍ରଶ୍ନର ଉତ୍ତର୍ କୟ୍‌ଲାୟ୍ । |
| ଭୋକହେବ | : | ଭୁକହେସି | : | ଭାତ ନା ଖାୟ୍‌ଲେ ସରି ଭୁକ ଲାଗ୍‌ସି । |

| | | |
|---|---|---|
| ହାଲିଆ ଲାଗି | ହାଲିଆ ଲାଗ୍‌ସି | ବେଶି କାମ କର୍‌ଲେ ହାଲିଆ ଲାଗସି । |
| କାମ କରିବା | କାମ କରୁ ଆସା | ଆମେ ସବୁ ଲୋକ୍‌ମିଶି କରି କାମ୍ କରୁ । |
| ଭଲ ଲାଗୁନାହିଁ | ମକେ ନିକ ନଲାଗେ | ମକେ ଆଜି ନିକ ନା ଲାଗ୍‌ଲାନି । |

## ସୁନ୍ଦର ଆମ ଘର (ସୁନ୍ଦର ଆମର ଘରା)

| | | |
|---|---|---|
| ସୁନ୍ଦର | ସୁନ୍ଦର | ଗୁଲାପ୍ ଫୁଲ ଦେଖବାଁ କେ ବଡ଼େ ସୁନ୍ଦର୍ । |
| ଧୂଳି | ଧୁରଲି | ଧୁର୍‌ଲି ଲାଗିରେବା ଜିନିଷ୍‌କେ ଯତନ୍‌କରି ସଙ୍ଗାୟ୍‌ବାର୍ । |
| ସଫା | ପରଚଲ୍ | ନିଜର୍ ଗାଗଡ଼୍‌କେ ପର୍‌ଚଲ୍ ରଖ୍‌ବାର୍ । |
| ଜାତି | ଜାତି | ସେ ମନର୍ ଗଟେକ୍ ଜାତି । |
| ମନ୍ଦାର | ମନ୍ଦାର | ମନ୍ଦାର୍ ଫୁଲ୍ ଦେଖ୍‌ବାକେ ରଙ୍ଗ୍ ଦିଶସି । |
| ନିର୍ମଳ | ନିରମଲ୍ | ନିର୍‌ମଲ୍ ପାନି ଖାୟ୍‌ବାର୍ । |
| ପରିବେଶ | ଯାଗା | ଘର୍ ଯାଗାକେ ସପାସୁତ୍‌ରା ରଖ୍‌ବାର୍ । |
| ଚାରିଆଡ଼େ | ଚାରବାଟେ | ଚାର୍‌ବାଟେ କାଚ୍‌ରା ନା ଫିଙ୍ଗ୍‌ବାର୍ । |
| ନଇବନ୍ଧ | ଡେମ୍ | ଡେମ୍ ଲଗେ ପାନି ବାନ୍ଧିକରି ସଙ୍ଗାୟ୍ ରେବାୟ୍ । |
| ଲତା | ମାଲ | ଲବିଆ ମାଲ୍ ଦେଖ୍‌ବାକେ ବଡ଼େ ସୁନ୍ଦର୍ । |
| ପଢାପଢି | ପଢାପଢି | ଆଜି କାଲି ପାଠ୍ ପଢାପଢି କର୍‌ଲେ ସରି ବଡ଼୍ ଲୋକ୍ ହେବାର୍ ହେସି । |
| ଭାଇବନ୍ଧୁ | ଭାଇବନ୍ଧୁ | ଭାଇବନ୍ଧୁ ସଙ୍ଗେ ମିଲି ମିଶି କରି ଚଲ୍‌ବାର୍ । |
| ଆନନ୍ଦରେ | ସରଦାରେ | ସର୍‌ଦାରେ ସବୁ କାମ୍ କର୍‌ବାର୍ ଆଚେ । |
| ଖେଳ ଖେଳିବା | ଖେଲ ଖେଲୁ | ପିଲାମନ୍ ଆଜି କ୍ରିକେଟ୍ ଖେଲ୍ ଖେଲୁ । |
| ନିତିସଞ୍ଜବେଳରେ | ସବୁ ସଂଜବେଲେ | ଦିନ୍‌କେ ସଂଜ୍‌ବେଲା ଗାଈ ଗୋରୁ ଆମର୍ ଘରେ ଆୟ୍‌ବାୟ୍ । |
| ସର୍ବଦା | ସବୁବେଲେ | ସବୁବେଲେ ସାକାଲ ବେଲା ବେଲ ଉଦ୍‌ସି । |
| ଆମପଲୀ | ଆମପାଲୀ | ଆମପାଲୀ ଗଟେକଗାଁଉଁର ନାଁ । |
| ବେମାର | ରୋଗ | ଗାଗଡ଼୍‌କେ ସଫା ନରଖ୍‌ଲେ ରୋଗ୍ ହେସି । |
| ଗମ୍ଭାରୀ ଗଛ | ଗମ୍ଭାରୀ ଗଛ | ଏଟା ଗଟେକ୍ ଗମାରୀ ଗଛ । |
| ସେ ପଟେ | ସେବାଟେ | ସେବାଟେ ବୁଲି ଚାଲି କରି ଆୟ୍‌ବୁସ୍ । |
| ପାଇପ ପାଣି | ପାଇପ୍ ପାନି | ପାଇପର୍ ପାନି ବେଡ଼ା ଖୁଡ଼ାୟ୍ ଦେବାର୍ ଆଚେ । |
| ଖସଡ଼ାରେ ଖସିବୁ | ବିଚଲ ଲଗେ ଅଦର ବୁସ୍ | ସେବାଟେ ନାଯା ବିଚଲ୍ ଆଚେ ଅଦର୍ ବୁସ୍ । |

| | | |
|---|---|---|
| ମାଗଣା | ପାଙ୍ଗୁଆ | ପାଙ୍ଗୁଆରେ ଭାତ୍ ଶାଗ୍ ଦେଲାୟ୍‌ନି । |
| ଧନୀ ଗରୀବ | ଧନୀ ଗରୀବ | ସାଉକାର ଆମର୍ ଗାୟେଁ କେତେକେ ସାଉଁକାର ଆରି ଗରୀବ ଲୋକ୍ ଆଚତ୍ । |
| ସୁଯୋଗ | ସୁଯୋଗ୍ | ମକେ କୟ୍‌ବାକେ ସୁଯୋଗ ନାମିଲଲା । |
| କୁମାର ପୁର | କୁମାର ପୁର | କୁମାର୍‌ପୁର୍ ଗଟେକ୍ ଗାଆଁର ନାଁ । |
| ଗ୍ରାମ ପଞ୍ଚାୟତ | ଗ୍ରାମ ପଞ୍ଚାୟତ | ଗ୍ରାମ ପଞ୍ଚାୟତ ଲଗେ ଚାଉଲ୍ ଦେବାୟ୍ । |
| ଅଫିସ୍ | ଅଫିସ୍ | ଅପିସ୍ ଲଗେ ବାବୁ ମନ୍ ବସିକରି ଲେଖିଲାୟ୍‌ନି । |
| ରାସ୍ତା | ସଡ଼କ୍ | ମୁଇଁ ସଡ଼କ୍ ସଡକ୍ ଆମର୍ ଘରେ ଯିବି । |
| ମରାମତି କରେ | ତିଆର କରେ | ସେ ସାଇକେଲ୍ ତିଆର୍ କର୍‌ଲାନି । |
| ପୋଖରୀ ଖୋଳେ | ବନ୍ଦ ଘାଟେ | ମାଇଜି ବନ୍ଦ୍ ଘାଟେ ଲୁଗା ପଟା ସଫା କର୍‌ଲାନି । |
| ସରପଞ୍ଚ | ସରପଞ୍ଚ | ସରପଞ୍ଚ୍ ସଡ଼କ୍ କାମ୍ କରାୟ୍‌ଲାନି । |
| ଭଲ ମନ୍ଦ | ଭଲ ମନ୍ଦ | ସରପଞ୍ଚ୍ ଗାଁର ଭଲ୍ ମନ୍ଦ୍ କତା ବୁଜ୍‌ସି । |
| କଳି କଜିଆ | ଘରେ ଲାଗା ଲାଗି | ଘରେ ଲାଗା ଲାଗା ନହେବାର୍ । |
| ସମାଧାନ | ସମାନ୍ | ଲାଗାଲାଗି ହେଲେ ସରପଞ୍ଚ୍ ସମାଧାନ କର୍‌ସି । |
| ଗଠିତ୍ ହୁଏ | ଗଢ଼ି ଏରସି | ମାଟିକେ ହାଣ୍ଡି ଗଢ଼ି ଏଇସି । |
| ନର୍ସ | ନର୍ସ | ନର୍ସ ମନ୍ ଡାକ୍ତର୍ ଘରେ ରେବାୟ୍ । |
| କମ୍ପାଉଣ୍ଡର | କମ୍ପାଣ୍ଡୁ | କମ୍ପାଣ୍ଡୁର୍ ଡାକ୍ତର୍ ଲେଖି ରେବାଓଷ ଦେୟ୍‌ସି । |
| ପରୀକ୍ଷା | ପରୀକ୍ଷା | ଜର୍ ହେଲେ ରକତ୍ ପରୀକ୍ଷା କରାୟ୍‌ବାୟ୍ । |
| ଟେବୁଲ୍ | ଟେବୁଲ୍ | ଟେବୁଲ୍ ଲଗେ ଜିନିଷ୍ ପତର୍ ସଙ୍ଗାୟ ବାର୍ । |
| ଚମ୍ପାଫୁଲ | ଚପାପୁଲ | ଚମ୍ପାଫୁଲ୍ ହଲ୍‌ଦିରେସି । |
| ସିମ୍ପାଞ୍ଜି | ବଣ ମଣିଷ | ବଣ ମଣିଷ୍ ମନ୍ ବନ୍ ଲଗେ ରେବାୟ୍ । |
| ଖମ୍ବ | ଖମ୍ | ତାଙ୍କର୍ ଘର୍ ପଛ୍ ବାଟେ ଖମ୍ ଗଟେକ୍ ଗାଡ଼୍‌ଲା ଆଚତ୍ । |
| ସିମ୍ବଲଟା | ସେମିଲାଟା | ସେମିଲାଟା ମାଲ୍ ମାଲ୍ କରି ଫଲ୍‌ସି । |
| ଦମ୍ଭ | ଦମ୍ | ରାଜୁକେ ସିତି ଯିବାକେ ଦମ୍ ନାଇଁ । |
| ତୁମ୍ଭେ | ତୁଇ | ତୁଇ ଘର୍‌ବାଟେ ଛନେକ୍ ଆ । |
| ସମ୍ଭବ | ହେୟ୍‌ସି | ଏକାତା ସତ୍ ହେୟ୍‌ସି । |
| କମ୍ପାସ୍ | କମ୍ପାସ୍ ପେଡ଼ି | କମ୍ପାସ୍ ପେଡ଼ି ଲଗେ ପେନ୍, ପେନସିଲ୍, ଲାବର୍ ସଙ୍ଗାୟ୍‌ବାର୍ । |
| ତାମ୍ପାଣ | ଢ଼ାପନ | ଡାପନ୍ ଲଗେ ବାସ୍ତା ସିଲାୟ୍‌ବାର୍ ହେୟ୍‌ସି । |
| ସମ୍ପଦ | ଧନ | ତାକେ ବେଶି ଧନ୍ ଆଚେ । |

| | | |
|---|---|---|
| ଅସମ୍ଭବ | ନାହେ | ସର୍‌ଗେ ନିସ୍‌ନି ପାକାୟ୍ ନାହେ । |
| ଚୁମ୍ବକ | ଚୁମ୍ବକ୍ | ଚୁମ୍‌କ ଲୁଆକେ ଝିକ୍‌ସି । |
| ସମ୍ବାଦ | ଖବର | ଖବର୍ କାଗଜ୍ ଦେଶ୍ ବିଦେଶର୍ କାତା ଜାନ୍‌ବାର୍ ହେସି। |

## ଗାଁବୁଲା (ଗାଁଓ ବୁଲାୟବାର)

| | | |
|---|---|---|
| ବଜାର | ହାଟ | ସେ ହାଟ ବାଟେ ଗାଲା ଆଚେ । |
| ପ୍ରଧାନ ମନ୍ତ୍ରୀ | ପ୍ରଧାନ ମନ୍ତ୍ରୀ | ଆଜି ଆମର୍ ଗାୟେଁ ପ୍ରଦାନ ମନ୍ତ୍ରୀ ଆୟବାର ଆଚେ । |
| ବାଟରେ | ବାଟେ | ରାମ ବାଟେ ହାଟ୍ ବାଜାର୍ କର୍‌ସି ଆରି ଉଟି ଯାୟ୍‌ସି। |
| ପୋଷ୍ଟ ଅଫିସ୍ | ପୋଷ୍ଟ ଅଫିସ୍ | ପୋଷ୍ଟ୍ ଅଫିସ୍ ଥାନେ ଚିଟି ପତର୍ ପାଟାୟବାର । |
| ପୋଷ୍ଟ କାର୍ଡ | ପୋଷ୍ଟ କରଡ | ପୋଷ୍ଟ୍ କାରଡ୍ ଲଗେ ଚିଟି ଲେଖି ପାଟାୟ୍ ବାର୍ । |
| ଲଫାପା | ଲଫାପା | ଲଫାପା ଲଗେ ଚିଠି କାଗଜ୍ ଥାନେ ଲେଖି ପାଟାୟ୍‌ବାର୍ । |
| ଅନ୍ତର୍ଦ୍ଦେଶୀୟ ପତ୍ର | ଇଂଲଣ୍ଡ ଲେଟେର | ଇଂଲଣ୍ଡ୍ ଲେଟେର୍ ଲଗେ ମିଶା ଚିଠି ଲେଖି କରି ପାଟାୟ୍ ବାର୍ ହେସି । |
| ଟେଲିଗ୍ରାମ ଫର୍ମ | ଟେଲିଗ୍ରାମ ଫରମ | ଟେଲିଗ୍ରାମ୍ ଫରମ୍ ଲଗେ ବେଶି ଲଡ଼ା କାତା ଲେଖିକରି ପାଟାୟ ବାର୍ । |
| ଖବର | ଖବର | ପୋଷ୍ଟ ଅଫିସ୍ ଲଗେ ଖବର୍ ପାଟାୟ୍‌ବାର୍ । |
| ମୋବାଇଲ ଫୋନ୍ | ମୋବାଇଲ ଫୋନ୍ | ମବାଇଲ ଫୋନ୍‌ଲଗେ ଦୁରଥାନୁ କାତା ହେବାର ହେୟ୍‌ସି । |
| ବହୁତ ଦୁର | ଭୁତେକଦୁର | ରାମ ଘର୍ ଇତି ଥାନୁ ଭୁତେକ୍ ଦୁର ହେୟ୍‌ସି । |
| ସମୟ | ବେଲା | ବେଲାକେ ଯାଇକରି ପୋଷ୍ଟ୍ ଅଫିସ୍ ଥାନେ ଚିଠି ପାକାୟ୍ ବାର୍ । |
| ମସ୍‌ଜିଦ୍ | ସମଜିଦ୍ | ମସ୍‌ଜିଦ ଲଗେ ଜାଇକରି ପାର୍‌ଥନା କର୍‌ବାୟ୍ । |
| ହିନ୍ଦୁ ମାନେ | ହିନ୍ଦୁ ମନ୍ | ହିନ୍ଦୁ ଲୋକ ମନ୍ ମନ୍ଦିରେ ଯିବାୟ୍ । |
| ମନ୍ଦିର | ଦେଉଳଘର | ଦେଉଳଘରେ ଯାଇ କରି ଲୋକ ମନ୍ ଦେବା ଦେବୀ ମନ୍‌କେ ପୂଜା କର୍‌ବାୟ୍ । |
| ପୂଜାପାଠ | ପୂଜାପାଟ ମନ୍ଦିରେ | ପୂଜାରୀ ପୂଜା ପାଟ୍ କର୍‌ସି । |
| ଭଜନ | ଭଜନ | ମନ୍ଦିରେ ଭଜନ୍‌ଗୀତ୍ ଲାଗାୟ୍‌ଲା ଆଚତ୍ । |
| କୀର୍ତ୍ତନ | କୀର୍ତ୍ତନ | କୀର୍ତ୍ତନ ମାପୁ ଲଗେ କୀର୍ତ୍ତନ୍ କର୍‌ବାର୍ । |
| ଖ୍ରୀଷ୍ଟିୟାନ୍ | ଖ୍ରୀଷ୍ଟାନ୍ | ଖ୍ରୀଷ୍ଟାନ୍ ମନ୍ ଗଟେକ୍ ଜାର୍ତି । |
| ଶିଖ ମାନେ | ଶିଖି ମନ | ଶିଖମନ୍ ମିଶା ଗଟେକ୍ ଜାତି । |

| | | |
|---|---|---|
| ଗୀର୍ଜା | : ମଣ୍ଡଳି | : ଖ୍ରୀଷ୍ଟାନ୍ ଲୋକ ମନ୍ ମଣ୍ଡଳି ଲଗେ ଯୀଶୁ ମାପ୍ରୁକେ ପୂଜା କର୍‌ବାୟ୍ । |
| ଧର୍ମ | : ଧରମ | : ଧରମ୍ କୟ୍‌ଲେ ସରି ସବୁ ଧରମ୍‌କେ ବୁଜାୟ୍‌ସି । |
| ଅନୁଷ୍ଠାନ | : ଜାଗା | : ଅନୁଷ୍ଠାନ ବଇଲେ ଗଟେକ୍ ଯାଗାକେ ବୁଜାୟ୍‌ସି । |
| ପୋଷାକ | : ଡେରେସ | : ମୋକେ ନୂଆ ଡେରେସ୍ ଗଟେକ ଆଚେ । |
| ବିଭିନ୍ନ | : ଅଲଗାଅଲଗା | : ଆମର୍ ଗାୟଁ ଅଲ୍‌ଗା ଅଲ୍‌ଗା ଜାତିର୍ ଲୋକ୍ ଆଚତ୍ । |
| ସବୁଦିନ | : ସବୁଦିନେ | : ମୁଇଁ ସବୁଦିନେ ଇସ୍କୁଲ୍‌କେ ଗାଲିନି । |
| ଦୋକାନ | : ଦୁକାନ୍ | : ଆମର୍ ଗାୟେଁ ଚ୍ୟର୍‌ଟା ଦୁକାନ୍ ଆଚେ । |
| ଖୁସି ମନରେ | : ସରଦା ମନେ | : ମୁଇଁ ସର୍‌ଦା ମନେ ଇସ୍କୁଲ ଯିବି । |
| ନଷ୍ଟ | : ନସଲାଟା | : ତାର୍ ଗାଡ଼ି ନସିଗାଲା । |
| କଷ୍ଟ | : କଷ୍ଟ | : ପାଟ୍ ପଢ଼ାବାଟା ବଡ଼େ କସଟ୍ କାମ୍ । |
| କନିଷ୍ଠ | : ସାନ | : ମୋକେ ଗଟେକ୍ ସାନ୍ ଭାଇ ଗଟେକ୍ ଆଚେ । |
| ପରିଷ୍କାର | : ସଫାସୁତରା ଘର | : ଦୁଆର୍‌ସବୁ ବେଲେ ସଫାସୁତ୍‌ରା ରଖ୍‌ବାର୍ । |
| ଉତ୍ତାପ | : ତପତ୍ | : ଆଜିର ଖାରାବଡ଼େ ତପତ୍ ହେଲାନି । |

## ଏକତାର ବଳ

| | | |
|---|---|---|
| ଯତନେ | : ଯତନେ | : ଯତନ୍ କରି ଚାଷ କାମ କରବାର । |
| କିଆରି | : କିଆରି | : କିଆରି ଲଗେ ଚାଷ୍ କାମ୍ କର୍‌ବାର୍ । |
| ଚାରା | : ପାଲା | : ମୁଇଁ କିଆରି ଲଗେ ଧାନ୍ ପାଲାପାକାୟ୍‌ଲି ଆଚି । |
| ପାତି ମାଙ୍କଡ଼ | : ପାତି ମାଙ୍କଡ଼ | : ପାତି ମାଙ୍କଡ଼୍ ଗଟେ ରେୟ୍‌ସି । |
| ବଢ଼ିଗଲା | : ବଡ଼ିଗାଲା | : ଗଛମନ୍ ଯବର୍ ସୁନ୍ଦର୍ ହେଇକରି ବାଡ଼୍‌ଲାନି । |
| ଲାଳ | : ଲାଲ୍ | : ତଣ୍ଡ୍ ଥାନୁ ଲାଲ୍ ଘଷ୍‌ରି ଗାଲାନି । |
| ପଶିଲା | : ପୁରଲା | : ହାତୀ ଡାଣ୍ଡ ବାଡ଼େ ପୁର୍‌ଲା ଆଚେ । |
| ଚମ୍ପା | : ଚମ୍ପା | : ଚମ୍ପାଫୁଲ୍ ବଡ଼େ ସୁନ୍ଦର୍ ବାସ୍‌ନା ହେଶୀ । |
| ଗଛଡାଳ | : ଗଛର ଡାଲ | : ଗଛରଡାଲ ମନ୍‌କେ ଫୁଲ୍ ଫୁଟି ରେୟ୍‌ସି । |
| ଆସିଲେ ଧାଇଁ | : ପାଲାୟ୍ ଆୟ୍ ଲାୟ୍ | : ଚାଟିମନ୍ ଶୁନି କରି ପାଲାୟ୍ ଆୟ୍ ଲାୟ୍ । |
| ଲଢେଇ | : ମାରାମାରି | : ମାଙ୍କଡ଼୍ ଆରି ହାତୀ ମନ୍‌ମାରା ମାରୀ ହେଲାୟ୍ । |
| ସମ୍ପତ୍ତି | : ଧନ | : ଚାଟି ମନ କୟ୍‌ଲାୟ୍ ଆମର୍ ଧନ୍ ଆସି କରି ଖାଇ ଦେଲାୟ୍‌ନି । |

| | | |
|---|---|---|
| ଖୁସିରେ | : ସରଦାରେ | : ଚାଟିମନ୍ ସାରଦାରେ ଡେଗାୟ୍ ବୁଲଲାୟ୍ । |
| ବାଦ୍ୟ | : ବାଜା | : ବାଜାୟ୍ କରି ଡଗାୟ୍ ବାର୍ । |
| ପାମ୍ପଡ଼ | : ପାପଡ଼ | : ପାପଡ୍ ଫାଡାକରି ଖାୟ୍‌ବାର୍ । |

## ଆମ ଗାଁ (ଆମର ଗାଁଉ)

| | | |
|---|---|---|
| ସବୁଜ | : କାଚାପତରିଆ | : ହାୟ୍ ଗଛର ପତର୍ ମନ୍ କାଚ୍‌ପତ୍‌ରିଆ ଆଚେ । |
| ଶସ୍ୟ କ୍ଷେତ୍ର | : ଚାଷ ବେଡ଼ା | : ଚାଷ ବେଡ଼ାଲଗେ ଧାନ୍ ଚାଷ୍ କର୍‌ବାର୍ । |
| ଅଳ୍ପ ଦୂରରେ | : ଅଲପ୍ ଦୂରେ | : ଅଲପ୍ ଦୂରେ ଗଟେକ୍ ଇସ୍କୁଲ୍ ଆଚେ । |
| ଟକିନଇଁ | : ସାନ ଯଡ଼ି | : ଆମର ବେଡ଼ା ବାଟେ ଗଟେକ୍ ସାନ୍‌ଟା ଯଡ଼ି ଆଚେ । |
| କୁଳୁକୁଳୁ ଶବ୍ଦ | : କଲବଲ ଶବଦ | : ଯଡ଼ିଥାନେ କଲ୍‌ବଲ୍ ଶବଦ୍ ଦେଲାନି । |
| ଗାଁ ମୁଣ୍ଡରେ | : ଗାଁ ମୁଣ୍ଡେ | : ଆମର୍ ଗାଁ ମୁଣ୍ଡେ ଗଟେକ୍ ମନ୍ଦିର୍ ଆଚେ । |
| ଶିବ ମନ୍ଦିର | : ଶିବ ମନ୍ଦିର୍ | : ଶିବ ମନ୍ଦିରେ ଶିବ ମାପ୍ରୁକେ ପୂଜା କର୍‌ବାୟ୍ । |
| ପେଟ ପୋଷନ୍ତି | : ପେଟ ପଷବାୟ୍ | : ପୂଜାରୀ ଦେଉଲେ ପୂଜା କରି ପେଟ ପୋଷବାୟ୍ । |
| ପରିବାର | : କୁଟୁମ୍ | : ଚାଷ୍‌କାମ୍ କର୍‌ଲେ ଆକା କୁଟୁମ୍ ପଷ୍‌ବାର୍ ହେସି । |
| ବିକ୍ରି | : ବିକବାଟା | : ତେଲ୍ ତୁଲା ବିକ୍‌ବାଟା ତାର୍ ଧାନ୍ଦା । |
| ଅନ୍ୟ ଲୋକମାନେ | : ଅଲଗା ଲୋକମନ | : ଅଲ୍‌ଗା ଅଲ୍‌ଗା ଲୋକ୍ ମନ୍ ଚାକିରି କର୍‌ଲାୟ୍‌ନି । |
| ସୁବିଧା | : ସୁବିଧା | : ଯେ ଯାର ସୁବିଧାରେ ପାଠ୍ ପଡ଼୍‌ବାର୍ ଆଚେ । |
| କବାଟ | : କପାଟ | : ଘରର ଆଗ୍‌ବାଟେ ଆରି ପଚ୍‌ବାଟେ କପାଟ୍ ରେୟ୍‌ସି । |
| ଝରକା | : ଖିଡକି | : ଆମର୍ ଘରେ ଦୁଇଟା ଖିଡ୍‌କି ଆଚେ । |
| କାଠ ମିସ୍ତ୍ରୀ | : ବଡାୟ୍ | : ବାଡାୟ୍ କାଠ୍ କାମ୍ କର୍‌ସି । |
| କିଣିଥାନ୍ତି | : ଘେନି ରେତି | : ସେଟା ବେଶି ମରଗ୍ ନୟଲେ ଘେନିରେତି । |
| ନାନା ପ୍ରକାର | : କେତେକ ରକମ | : ସେ ନାନା ରକମ୍‌ର ଜିନିଷ ଆନ୍‌ଲା ଆଚେ । |
| ପର୍ବ ପର୍ବାଣି | : ପରବ ଯାତ୍ରା | : ଯାତ୍ରା ଥାନୁ କେତେକ୍ ଜିନିଷ୍ ପତର୍ ଆନବାୟ୍ । |
| ପରସ୍ପର | : ତାକର ତାକର | : ତାକର୍ ତାକର୍ ଭିତ୍‌ରେ ମାରା ମାରା ହେଲାୟ୍‌ନି । |
| ମିଳିମିଶି | : ମିଲିମିଶି | : ଆମର୍ ଗାଁର ଲୋକ୍ ମନ୍ ମିଲି ମିଶି କରିଆଚତ୍ । |
| ବୃକ୍ଷ ରୋପଣ | : ଗଛ ଲାଗାୟ୍‌ବାଟା | : ସଡ଼୍‌କର ପାଲି ପାଲିକେ ଗଛ ଲାଗାୟ୍‌ବାର୍ । |
| ପରିଶ୍ରମ | : କଷ୍ଟ କର୍‌ବାଟା | : କଷ୍ଟ କରି କମାୟ୍ କରି ଖାୟ୍‌ବାର୍ । |
| ମାଟିର ହାଣ୍ଡି | : ମାଟି ହାଣ୍ଡି | : ମାଟିର୍ ହାଣ୍ଡି ଲଗେ ଭାତ୍ ରାନ୍ଦ୍‌ବାର ହେୟ୍‌ସି । |
| ମାଠିଆ | : ହାଣ୍ଡି | : ମାଇଜି ଗଟେକ୍ ହାଣ୍ଡି ଲଗେ ପାନି ଆନ୍‌ଲାନି । |
| ଦାଆ | : ଇଲା | : ଇଲା ଲଗେ ଧାନ୍ କାଟବାର୍ ହେୟ୍‌ସି । |

| | | |
|---|---|---|
| କଟୁରୀ | : କାଟରା | : କାଟରା ଲଗେ ସାଗ୍ ଡାଲ୍ କଟ୍‌ବାର୍ ହେୟ୍‌ସି । |
| ପିଠା କଡେଇ | : ପିଟା କଡାୟ୍ | : କଡ଼ାୟ୍ ଲଗେ ପିଟା ରାନ୍ଦ୍‌ବାର୍ ହେୟ୍‌ସି । |
| ଗ୍ରାମବାସୀ | : ଗାର ଲୋକ | : ଗାଁର ଲୋକ୍ ସବୁ ସଙ୍ଗେ କାତା ହେବାର୍ । |
| ମଇଲା | : ମୟ୍‌ଲା | : ତମର୍ ଘରେ ବଡ଼େ ମୟ୍‌ଲା ଆଚେ । |
| ଲୁଗା | : ଫାଟାୟ୍ | : ଲୁଗାକେ ଓଡ଼୍‌ବାର୍ ହେୟ୍‌ସି । |
| ପୋଷାକ | : ଡେରେସ୍ | : ଡେରେସ୍ ଗାଗ୍‌ଡେ ଅଡ଼ି ହେୟ୍‌ସି । |
| ସାବୁନ୍ | : ସାବୁ | : ସାବୁକେ ଗାଗଡ଼୍‌ନେ ଲାଗାୟ୍‌ବାର୍ ହେୟ୍‌ସି । |
| ପାଉଡର | : ପାଉଡର | : ମୁହେଁ ପାଉଡର୍ ଲାଗାୟ୍ ବାର୍ ହେୟ୍‌ସି । |
| ଇସ୍ତ୍ରୀ | : ଇସ୍ତ୍ରୀ | : କାମିଜକେ ଇସ୍ତ୍ରୀ କରି ପିନ୍ଦ୍‌ବାର୍ । |
| ପୋଖରୀ | : ବନ୍ଦ/ ବନ୍ଧ | : ବନ୍ଦ ଥାନେ ଜବର୍ ମାଛ୍ ରେବାୟ୍ । |
| ମାଛଧରି | : ମାଛଧାରି | : ଆସା ଆମେ ମାଛ ଧରି କରିଘରେ ନେଉଁ । |
| ପାଳନ | : ପଷବାଟା | : ଘରେ ଗାୟ୍ ଗୋରୁ ପଷ୍‌ବାୟ୍ । |
| ଜୀବିକା ନିର୍ବାହ କରନ୍ତି | : ଜିଁବାୟେ | : କ୍ଷୀର ବିକି କରି ଜିବାୟ୍ । |
| ବାଚସ୍ପତି ମହାରଣା | : ବାଚସ୍ପତି ମହାରଣା | : ବାଚସ୍ପତି ମହାରଣା ଆମର୍ ଦେଶର୍ ବଡ଼୍‌ଲୋକ୍ । |
| ମୂର୍ତ୍ତି | : ମୂର୍ତ୍ତି | : ମୂର୍ତ୍ତିକେ ପୂଜା କର୍‌ବାୟ୍ । |
| ଜୀବନ୍ତ | : ଜୀବନ | : ଜୀବନ୍ ରେଲେ ସବୁ କାମ୍ କର୍‌ବାର୍ ହେୟ୍‌ସି । |
| ଭିନ୍ନ ଭିନ୍ନ କାମ | : ଭିନ୍ ଭିନ୍ କାମ୍ | : ଚାଷ୍ କାମ୍ କର୍‌ବା ସଙ୍ଗେ ଭିନ୍ ଭିନ୍ କାମ୍ କର୍‌ବାର୍ ଆଚେ । |
| ବୁଝାମଣା | : ବୁଜାମାନା | : ବୁଜାମାନା ହେଇ ସବୁ କାମ୍ କର୍‌ବାର୍ । |
| ସମସ୍ତେ | : ସବୁଲୋକ୍ | : ସବୁ ମିଲି ମିଶି କରି ପୂଜା କର୍‌ବାର୍ । |
| ନିଷ୍ପତ୍ତି | : ରାଜିହେବା | : ଗଟେକ କାମ୍ କରବାକେ ରାଜି ହେବାକେ ସରପଞ୍ଚ ସଡ଼କ ବନାୟ୍‌ଲା । |
| ଶିକ୍ଷୟତ୍ରୀ | : ମାଷ୍ଟରେନୀ ଦିଦି | : ଦିଦି ପାଲାଟକି ମନ୍‌କେ ଇସ୍କୁଲେ ପାଠ୍ ପଢ଼ାୟ୍‌ସି । |
| କମାର | : କମାର | : କମାର୍ ଲୁହା କାମ୍ କର୍‌ସି । |
| କ୍ଷୀର ବାଲା | : କ୍ଷୀର ବାଲା | : କ୍ଷୀରବାଲା ଘରେ ଘରେ କ୍ଷୀର୍ ଦେୟ୍‌ସି । |

# ବେଙ୍ଗୁଲି କରୁଛି କେଁ କଟର (ବେଙ୍ଗଟି କରଲାନି କେଁ କଟର)

| | | |
|---|---|---|
| ଏକ ଶୀତୁଆ ସକାଳ | ଗଟେକ୍ ଶୀତ୍ ଦିନର ସାକାଲ | ଶୀତ ଦିନର ସାକାଲ ବେଲା ଚାଷୀ ଗଟେକ୍ ହଲ ଧରି ବେଡ଼ାକେ ଗାଲାନୀ । |
| ଚତୁର୍ଦିଗ | ସବୁବାଟେ | ସବୁ ବାଟେ ଉଜଲ୍ ଦିଶଲାନି । |
| କୁହୁଡ଼ି ଭର୍ତ୍ତି | କୁହୁଡ଼ି ଭରତି | କହୁଡ଼ି ସବୁବାଟେ ଆନ୍ଧାର ଦିଶସି । |
| ବେଙ୍ଗ | ବେଙ୍ଗଟି | ବେଙ୍ଗଟି୍ ମନ କେଁ କଟର୍ ହେଲାୟ୍‌ନୀ । |
| ସଙ୍ଗୀତ | ଗୀତ | ବର୍ଷାଦିନେ ବେଙ୍ଗ୍‌ଟି ମନ୍ ଜବର୍ ପାଟି କରି ଗୀତ୍ ଗାୟ୍‌ବାୟ୍ । |
| ଏକାଠି ହୋଇଛନ୍ତି | ଲଟେକ୍ ହେଲା ଆଚତି | ବେଙ୍ଗ୍‌ଟି ମନ୍ ଗଟେକ୍ ଲଗେ ହେଲା ଆଚତ୍ । |
| ଉଦ୍ଭାବନ | ବନାୟବାଟା | ସେ ନୂଆଁ ଜିନିଷ୍ ଗଟେକ୍ ବନାୟଲା ଆଚେ । |
| ଅଭ୍ୟାସ | ଅଭ୍ୟାସ୍ | ଗୀତ୍ ଗାୟ୍‌ବାଟା ସେମନର୍ ଅଭ୍ୟାସ୍ । |
| କଇଁଚର ମର୍ଦ୍ଦଳ | କଚିମର ବାଜା | କଚିମର୍ ବାଜା ଶୁନିକରି ବଡ଼େ ସର୍‌ଦା ଲାଗଲା । |
| ହାର୍ମୋନିୟମ | ହାରମେନୀ | ହାରମେନୀ ବାଜାୟ କରି ଗୀତ୍ ଗାୟ୍‌ବାର୍ ହେୟ୍‌ସି । |
| ଢୋଲକି | ଡଲକି | ଡଲ୍‌କି ବାଜାୟ୍ କରି ନାଟ୍ କର୍‌ବାର୍ ହେୟ୍‌ସି । |
| ଶବ୍ଦ | ଶବଦ | ବାଜାକେ ବାଜାୟ୍‌ଲେ ସରି୍ ଜବର୍ ଶବଦ୍ ହେୟ୍‌ସି। |
| କମ୍ପି ଉଠିବା | କମ୍ପ ଉଠସି | ବାଜା କୀର୍ତ୍ତନ ବାଜ୍‌ଲେ ସରି କମ୍ପି ଉଠ୍‌ସି । |
| ଆଖଡ଼ା ଘର | ଆଖଡ଼ା ଘର | ଆଖଡ଼ାଘରେ ନାଟ୍ ଗୀତ ସବୁ କର୍‌ବାର୍ । |
| କଣ୍ଠରୁପ | କଣ୍ଠନାଲା | କଣ୍ଠ ନାଲାଗଲେ ଜବର୍ ସାଉଣ୍ଡ ହେୟସି । |
| ଖରାଦିନ | ଖାରାଦିନ | ଖାରାଦିନେ ଜବର୍ କାରା ହେୟସି । |
| ପାଗ ଗରମ | ପାଗ ତପତ | ଆଜିର ପାଗ ବଡ଼େ ତପତ୍ ଆଚେ । |
| ଘଡ଼ ଘଡ଼ି ହେବ | ଘଡ଼ଘଡ଼ି ହେୟସି | ଏବେ ଘଡ଼ ଘଡ଼ି ହେୟ୍‌ସି ଆଚେ । |
| ଝାଳ ବହିବା | ଝାଲ୍ ଭାରସି | ବେଶି କାମ୍ କଲେ ଝାଲ୍ ଭାର୍‌ସି । |
| ମଧ୍ୟ | ମିଶା | ତୋର ସଙ୍ଗେ ମୁଇଁ ମିଶା ଆୟ୍‌ବି । |
| ସ୍ଥାନ | ଜାଗା | ଆଜି ଆମେ ଗଟେକ୍ ଜାଗା ଲଗେ ରୁଣ୍ଡ୍ ହେଉ । |
| ନିଃଶବ୍ଦରେ | ଚିମରା ହେଇ | ସବୁଲୋକ ଚିମ୍‌ରା ହେଇ ଶଇଗାଲାୟ୍ । |
| ଆକାଶ | ସରଗ୍ | ସର୍‌ଗେ ତାରାମନ୍ ଦିଶସ୍ । |
| କଳା ହାଣ୍ଡିଆ | କାଲା ହାଣ୍ଡିଆ | କାଲା ହାଣ୍ଡିଆ ମେଘ ଘୁଟୀ ଆୟ୍‌ଲାନି । |
| ବିଜୁଳି ଚମକୁ ଥାଏ | ବିଜଳି ଚମକତେରଲା | ରାତିବେଶି ବିଜ୍‌ଲୀ ଚମକ୍‌ତେ ରେଲା । |

| | | |
|---|---|---|
| ଘଡ଼ଘଡ଼ି ଶବ୍ଦ | : ଘଡ଼ଘଡ଼ି ସାଉଣ୍ଡ | : ଘଡ଼୍ଘଡ଼ି ସାଉଣ୍ଡ୍ ବେଶି ନା ସୁନ୍‌ବାର୍ । |
| ପୃଥିବୀ ଥରି ଉଠିଲା | : ଧରତନୀ ଥରିଗାଲା | : ଜବର୍ ଘଡ଼୍ଘଡ଼ି ହେଇ କରି ବିଜୁଲି ମାର୍‌ଲାକେ ଧର୍‌ତନୀ ଥରିଗାଲା । |
| ନିଦ ଭାଙ୍ଗିଲା | : ଝୁମରା ଛାଡ଼ଲା | : ଡୁର୍‌କା ଦେଖି କରି ମୋକେ ଝୁମ୍‌ରା ଛାଡ଼ିଗାଲା । |
| କିନ୍ତୁ | : ମାତର | : ଘଡ଼ଘଡ଼ି ହେଲା ମାତର୍ ବରଷାନା ମାରେ । |
| ବୁଦ୍ଧି ମାନ | : ଚାଲାକି | : ସେ ବେଶି ଚାଲାକି ଆଚେ । |
| ଚାରି ଆଡ଼କୁ | : ଚାର୍ ବାଟେ | : ସବୁବାଟେ କାକର୍ ଲାଗ୍‌ଲାନୀ । |
| ଚାହିଁଲ | : ଦେଖଲା | : ଲୋକ ଗଟେକ୍ ନାଟ୍ ଦେଖ୍‌ଲାନୀ । |
| ଗୋଟିଏ ପଟ | : ଗଟେକ୍ ବାଟେ | : ସେ ଖାତା ଲଗେ ଲେଖ୍‌ଲା ଆଚେ । |
| ଧୀରେ | : କାଲାସେ | : ସେ ରାତିର୍ ବେଲା କାଲାସେ ଉଟିଆୟ୍‌ଲା । |
| ସୂର୍ଯ୍ୟ ଉଦୟ ହେଉଛି | : ବେଲ ଉଦ୍‌ଲାନୀ | : ପୁରବ୍ ଦିଗେ ବେଲ୍ ଉଦଲାନୀ । |
| ଛିଡ଼ା ହେଲେ | : ଠିଆ ହେଲାୟେ | : ପିଲାମନ୍ ଅଗଷ୍ଟ ୧୫ ଦିନେ ଧାଡ଼ି ବାନ୍ଧି କରି ଠିଆ ହେଲାୟ୍ । |
| ପଛପଟ | : ପଟବାଟେ | : ମୋର୍ ପଟ୍‌ବାଟେ ଗାଡ଼ି ମନ୍ ଆୟ୍‌ଲାନି । |
| ଡାହାଣହାତ | : ବୁଜନିହାତ୍ | : ବୁଜ୍‌ନି ହାତ୍ ଲଗେ ଭାତ୍ ଖାୟ୍‌ବାର୍ । |
| ବାମ ହାତ | : ଡେବରୀ ହାତ | : ସଡ଼କବାଟର ଡେବ୍ରୀ ହାତ ବାଟେ ହିଣ୍ଡ୍‌ବାର୍ । |
| ପହଞ୍ଚିଗଲା | : କେଟିଗାଲା | : ପିଲାମନ୍ ପରବ ସାରାୟ କରି ଇସ୍କୁଲେ ଖେଟ୍‌ଲା । |
| ବାଘ ମାମୁଁର ବହାଘର | : ବାଘ୍ ମାମୁର ବିବା ଘର | : ବନେ ବାଘ ମାମୁର୍ ବିବା ହେଲାନି । |
| ସଙ୍ଗୀତ ଦଳ | : ଗୀତ କୁଡ଼ିୟା | : ଗୀତ କୁଡ଼ିୟା ମନ ପରବ୍ ଥାନେ ଗୀତ ଗାୟ୍‌ବାୟ୍ । |
| ଖାଣ୍ଟି ଗୁଆ ଘିଅ | : ନିଜ ଗାୟ ଘି | : ନିଜ ଗାୟ ଘି କେ ମାପ୍ରୁ ଲଗେ ଦୀପ୍ ଲାଗାୟ୍ ବାର୍ ହେସି । |
| ମିଠା | : ଖାଜା, ପିଟା | : ଦୁକାନେ କାଜା ପିଟା ବିକ୍‌ଲାୟ୍‌ନି । |
| କ୍ଷୀରୀ | : କ୍ଷୀରୀ | : କ୍ଷୀରି ଧବ୍‌ଲା ରେସି । |
| ମନ ଭରି | : ମନ ସରଦା କରି | : ବିବାଘରେ ଲୋକ୍‌ମନ୍ ସାର୍‌ଦା କରି ଭଜି କାୟ୍‌ବାୟ୍ । |
| ଉଦ୍ଭିଦର ଚେର | : ଗଛର ଚେର | : ବର୍ ଗଛର୍ ଚେର୍ ବେଶି ଲମ୍ ଲମ୍ ରେୟ୍‌ସି । |
| ଖରାପ | : ନସଲ | : ମୋର ସାଇକେଲ୍ ନିସ୍‌ଲା ଆଚେ । |
| ପୂର୍ବ ଭଳି | : ଆଗର ପାରା | : ଆଗର ପାରା ଏବର୍ ଲୋକ୍ ମନ୍ ବନେ ରତ୍ । |
| ବର୍ଷାଋତୁ | : ବର୍ଷାଦିନ | : ବର୍ଷାଦିନେ ବେଡ଼ା ଥାନେ ଚ୍‌ଷ୍ ବାଷ କର୍‌ବାର୍ । |
| ଶୀତ ଋତୁ | : ଶୀତ ଦିନ | : ଶୀତ ଦିନେ ଜବର୍ ଶୀତ୍ ହେୟ୍‌ସି । |

# ଖରା, ବର୍ଷା ଶୀତ (ଖାରା, ବର୍ଷା, ଶୀତ)

| | | |
|---|---|---|
| ମୁକ୍ତାପୁର | ମୁକ୍ତାପୁର | ମୁକ୍ତାପୁର ଗଟେକ୍ ଗାଁର ନାଁ । |
| ପ୍ରାୟ ଶହେ ଘର | ପାଖାପାଖି | ଗାଁ ଲଗେ ପାଖାପାଖ୍ ଶହେଘର୍ ରେବାୟ୍ । |
| ବ୍ୟକ୍ତି | ଲୋକ୍ | ଗାଁ ଥାନେ ଲୋକ୍ ମନ୍ ଘର୍ କରି ରେବାୟ୍ । |
| ନାତୁଣୀ | ନାତନୀ | ହାୟ ଡକ୍ରିକେ ଦୁଇଟି ନାତ୍ନୀ ଆଚତ୍ । |
| ଜେଜେ | ଦାଦା | ମୋକେ ଗଟେକ୍ ଡକ୍ରା ଦାଦା ଆଚେ । |
| ଡେରିରେ ଅସ୍ତ ଯାଆନ୍ତି | ବେଲାକେ ବୁଡ଼ସି | ଖାରା ଦିନେ ବେଲ୍ ବେଲାକେ ବୁଡ଼୍ସି । |
| ଗଛପତ୍ର | ଗଚ ପତର | ତେତଲି ଗଚେ ଜବର୍ ପତର୍ ରେହସି । |
| ଅଧିକ ଗରମ | ଜବର ତପତ | ଆଜିର ଖାରା ଜବର୍ ତପତି ହେୟ୍ସି ଆଚେ । |
| ଗରମ ପବନ | ତପତ ପବନ | ଖାରା ଦିନର୍ ପବନ୍ ବଡ଼େ ତପତ୍ । |
| ବର୍ଷା ହୁଏନାହିଁ | ବର୍ଷା ନାହେ | ଖାରାଦିନେ ବର୍ଷା ନାହେ । |
| ମାଟି ଶୁଖିଯାଏ | ମାଟି ଶୁଖିଗାଲା | ଖାରା ଦିନେ ପାନି ତଲର୍ ମାଟି ଶୁଖି ଯାୟସି । |
| ଜମି | ବେଡ଼ା | ବେଡ଼ାମନ୍କେ ଚାଷବାସ୍ କର୍ବାୟ୍ । |
| ହଳ | ହଲ୍ | ରାମ ହଲ୍ ଧରିକରି ବେଡ଼ାୟ ଗାଲାନି । |
| ସପୁରି | ଲାଙ୍କା ଫନସ୍ | ଲାଙ୍କା ଫନସ୍ ଭିତ୍ରେ ହଲ୍ଦି ରେୟ୍ସି । |
| ଜାମୁ କୋଳି | ଜାମକଲି | ଜାମକଲି କାଲିଆ ରେୟ୍ସି । |
| ମଲ୍ଲୀ | ମଲ୍ଲୀ | ମଲ୍ଲୀ ବାଡ଼େ ବାସ୍ନା । |
| ମାଳତୀ | ମାଲ୍ତୀ | ମାଲ୍ତୀଫୁଲ୍ ସପୁର୍ ରେୟ୍ସୀ । |
| ଟଗର ଫୁଲ | ଟଗର ଫୁଲ | ଟଗର୍ ଫୁଲ୍ ଦେଖିବାକେ ଧବ୍ ରେୟ୍ସି । |
| ରଜ ପର୍ବ | ରଜ ପରବ୍ | ରଜ ପରବ୍କେ ଟକି ମନ୍ ଡଲି ଝୁଲ୍ବାୟେ । |
| ଚାରିଆଡ଼େ କାଦୁଅପଚପଚ | ସବୁବାଟେ କାଦ ପଚପଚା | ବର୍ଷା ଦିନେ ଡାଣ୍ଡ୍ ବାଟ୍ କାଦ ପଚ୍ପଚା ହେଲା ଆଚେ । |
| ଝଡ଼ିବର୍ଷା | ଝଡ଼ିପାନି | ବେଶି ଦିନ ଧରି କରି ବର୍ଷା ହେବାଟା ଝଡ଼ି ବର୍ଷା କୟ୍ବାୟ୍ । |
| ନଇଁବଢ଼ି | ପୁରପାନି | ନଦୀ ଲଗେ ପୁର ପାନି ଆୟ୍ସି । |
| ଅସୁବିଧା | କାକୁରତି | ରାମ ଡାବୁ ପାଇଁ ବେଶି କାକୁର୍ତି ହେଲାନି । |
| କାଗଜଡଙ୍ଗା | କାଗଜ ଡଙ୍ଗା | ପିଲାମନ୍ କାଗଜ୍ ଡଙ୍ଗା ବନାୟ୍ ଲାୟ୍ନି । |
| ସେମିତି କହନା | ସେନତି ନା କ | ତୁଇ ମକେ ସେମିତି ନାକହ । |
| ମରୁଡ଼ି | ମରଡ଼ି | କୁକୁଡ଼ା ମନ୍କେ ମର୍ଡ଼ି ଧର୍ସି ଆଚେ । |
| ଧାନ ବୁଣା ହୁଏ | ଧାନ୍ ବୁଣା ଯାୟସି | ବେଡ଼ାୟ ଧାନ୍ ବୁନା ଯାୟ୍ସି । |

| | | |
|---|---|---|
| ଭେଣ୍ଡି | ଭେଣ୍ଡି | ଭେଣ୍ଡି ବିଟଲ୍ ଲାଗ୍‌ସି । |
| ଜହ୍ନି | ଜନି | ଜନିକେ ଶାଗ୍ ରାନ୍ଧି ଖାଇବାର ହେୟ୍‌ସି । |
| ସାରୁ | ସାରୁକାନ୍ଦା | ସାରୁକାନ୍ଦାକେ ଅବ୍‌କା ଖାୟ୍‌ଲେ ଟନ୍ତ୍ରୀ ଖାଜାୟ୍‌ସି । |
| ସବୁଜ ପରିବା | କାଚ୍‌ପତ୍ରିୟା ଶାଗଡ଼ାଲ | ଅମୃତ ମାଣ୍ଡା କାଚା ପତ୍‌ରିଆ ରେୟ୍‌ସି । |
| ମଜା | ସାରଦା | ମକେ ଦାନ ବେଡାର ପାନି ଦେଖି କରି ବଡ଼େ ସାର୍‌ଦା ଲାଗ୍‌ଲା । |
| ବସ୍ତା | ବାସ୍ତା | ଧାନ୍ ମିଣ୍ଡାୟ କରି ବାସ୍ତାଲଗେ ସଙ୍ଗାୟ୍ ବାର୍ । |
| ନିଆଁ | ଜୟ | ତୁଇଁ ଆରି ମୁଇଁ ଜୟ୍ ଲାଗାୟ୍ କରି ଛେକୁ । |
| ପକ୍ଷୀ | ଚେଡେ | ଚେଡେ ମନ୍ ଗଚେ ବାସା କର୍‌ବାୟ୍ । |
| ଅଞ୍ଚଳ | ଗାଁ | ଗାଁ ଥାନେ ଲୋକ୍ ମନ୍ ରେବାୟ୍ । |
| ବୈଶାଖ | ବୈଶାକ୍ | ବୈଶାକ୍ ମାସେ ବଡ଼େ ଖାରା ହେୟ୍‌ସି । |
| ପ୍ରଚଣ୍ଡ | ଅଧିକ | ଏବେ ଆଗର୍ ଥାନୁ ଅଧିକ୍ ଖାରା ହେଲାନି । |
| ଆଷାଢ | ଆଷାଢ | ଆଷାଢ୍ ଗଟେକ୍ ମାସ୍‌ର ନାଁ । |
| ଶ୍ରାବଣ | ଶାରାବନ | ଶାରାବନ୍ ମିଶା ଗଟେକ୍ ମାସର ନାଁ । |
| ଜଗତ | ଜଗତ | ସାରା ଜଗତର୍ ଲୋକ୍ ଦୁଃଖ୍ ସୁଖ୍ ବାଟା କରି ରେବାର । |
| ଉତ୍ସବ | ପରବ | କାଲିକେ ଆମର୍ ଗାୟଁ ପରବ୍ ମାନବାୟ୍ । |
| କଇଁଫୁଲ | କଇଁ ଫୁଲ | କଇଁ ଫୁଲ୍ ବନ୍ଧେ ରୟ୍‌ସି । |
| ଉତ୍କଳ | ଉତ୍କଳ | ଓଡ଼ିଶା କେ ଉତ୍କଳ ବୋଲି କହାଯାୟ୍‌ସି । |
| ବିଶ୍ୱ ବିଦ୍ୟାଳୟ | ବଡ଼ ଇସ୍କୁଲ | ବଡ଼ ଇସ୍କୁଲେ ପାଠ୍ ପଡବାକେ ଯିବାର । |
| ଫେରିଲା | ଲେଉଟଲା | ସେ ଇସ୍କୁଲ୍‌ନୁ ଘରେ ଲେଉଟ୍‌ଲା । |
| ଯୁବକ | ଭେଣ୍ଡିଆ | ଭେଣ୍ଡିଆ ପିଲାକେ ଭୁତେକ୍ ବପୁ ରେୟ୍‌ସି । |
| ଚାକିରୀ | ଚାକରୀ | ରାମ ମାଷ୍ଟେର୍ ଚାକ୍‌ରି କର୍‌ସି ଆଚେ । |
| ପାହାଡ଼ | ପର୍ବତ | ପର୍ବତ ବନେ ବାଘ ବାଲୁ ମନ୍ ରେବାୟ୍ । |
| ପଡ଼ିଆ | ବାଟା | ବାଟା ଲଗେ ଗୋରୁ ଗାୟ ମନ୍ ଘାଁସ୍ ଖାୟ୍‌ଲାୟ୍‌ନି । |
| ଜାଗା | ଟାନ୍ | ଭଲଯାଗା ଥାନେ ଘର୍ ବାନ୍ଦ୍‌ବାର୍ । |
| ଉଚ୍ଚ | ଢେପ୍ | ଢେପ୍ ଜାଗା ଲଗେ ଠିଆ ହେଲେ ସବୁ ଜିନିଷ୍ ପତର୍ ଦେଖା ଯାଇସି । |
| ଛେଳି | ଛେଲି | ଛେଲି ଡାଲ୍ ମୁଲ୍ ଖାୟ୍‌ସି । |

| | | |
|---|---|---|
| ଚିତ୍କାର | : କଲାର | : ସାପ୍‌କେ ଦେକି କରି ପିଲାମନ୍ କଲାର୍ ହେଲାୟ୍ । |
| ଝରଣା | : ଝରନା | : ଝର୍‌ନା ଲଗେ ପାନି ଗାଲାନି । |
| କଥାବାର୍ତ୍ତା | : କାତାବାର୍ତ୍ତା | : ସେ ମନ୍ କାତାବାର୍ତ୍ତା ହେଲାୟ୍‌ନି । |
| ଗବର ଖତ | : ଗବର ଖତ | : ଗବର୍ ଖତ୍‌କେ ବେନାୟ୍ ପାକାୟ୍ ବାର୍ । |
| ଉତ୍କୃଷ୍ଟ ସାର | : ନିକ ଖତ | : ନିକ୍ ଖତ୍ ବେଡ଼ାୟ୍ ପାକାୟ୍ ବାର୍ । |
| ଫସଲ୍ | : ଚାଷ | : ଧାନ୍ ଚାଷ୍ ବେଡ଼ାୟ୍ କର୍‌ବାର୍ । |
| ଆପଣ | : ତମେ ତୁର | : ତୁଇ ମକେ ଡାବୁ ଦେବି ବୋଲି କଇ ରେଲୁସ୍ । |
| ବର | : ବର | : ଟକି ସଙ୍ଗେ ଯେ ବିବା ହେସି ତାକେ ବର୍ କୟ୍‌ବାୟେ । |
| ଅଶ୍ୱତଥ | : ପିପଲ ଗଛ | : ପିପଲ୍ ଗଛ୍ ଗଟେକ୍ ଗଛର୍ ନାଉଁ । |
| ଶାଳ | : ଶାଲ୍, ଶରଗି | : ଶରଗି ଗଛର୍ ଖୋନ୍ଦା ମନ୍ ସାନ୍ ସାନ୍ ହେୟ୍‌ସି । |
| ଦେବଦାରୁ | : ଦେବଦାରୁ | : ଦେବଦାରୁ ଗଛ ବଡ଼େ ଲମ୍ ରେୟ୍‌ସି । |
| ତେନ୍ତୁଳି | : ତେତୁଲି | : ତେତଲି ଆମ୍‌ଲି ଲାଗ୍‌ସି । |
| ଜାମୁ | : ଜାମ୍ | : ବନ୍ଦାଡ଼୍ ଧରଲେ କଷି ଜାମ୍ ଖାୟ୍‌ଲେ ସରି ବନ୍ଦାଡ଼୍ ଛାଡ୍‌ସି । |
| ଖଜୁରୀ | : ଖାଜ୍‌ରୀ | : ଖାଜ୍‌ରୀ ଗଛେ ଖାଜ୍‌ରୀ ପାଚ୍‌ଲା ଆଚେ । |
| ଉପାୟ | : ଉପାୟ | : ସେ ବଡ଼େ ନିକ ଉପାୟ ପାଞ୍ଚିଲା ଆଚେ । |
| ବ୍ୟବହାର | : ବେବାର | : ସବୁ ଜିନିଷକେ ବ୍ୟବହାର କର୍‌ବାକେ ଯାନ୍‌ବାର୍ ଆଚେ । |
| କୁକୁଡ଼ା | : କୁକୁଡ଼ା | : ଏବେ କୁକ୍‌ଡ଼ା ଡାକ୍‌ଲାନି । |
| ଛେଳିଫାର୍ମ | : ଛେଲି ଫାରାମ | : ଛେଲି ପାରାମ୍ ଲଗେଛେଲି ମନ୍ ଆଚତ୍ । |
| ତା ସହ | : ତାର ସଙ୍ଗେ | : ମୁଇ ତାର୍ ସଙ୍ଗେ ଇସ୍କୁଲେ ଯିବି । |
| ବିରି | : ବିରି | : ବିରିକେ ଡାଲି ବନାୟ୍‌ବାର୍ ହେୟ୍‌ସି । |
| ମୁଗ | : ମୁଗ୍ | : ମୁଗ୍ ଡାଲି ଚାପ୍‌ରା ଚାପ୍‌ରା ଲାଗ୍‌ସି । |
| ସୋରିଷ | : ସୋରିଷୁ | : ସୋରଷୁକେ ତେଲ୍ ବନାୟ୍‌ବାର୍ ହେୟ୍‌ସି । |
| ଆଳୁ | : ଆଲୁ | : ଆଲୁ କାନ୍ଦାକେ ଭାଜି ଖାୟ୍‌ବାର୍ ହେୟ୍‌ସି । |
| ବାଇଗଣ | : ଆୟ୍‌ଗନ | : ବାଇଗନ୍‌କେ ଶାଗ୍ ରାନ୍ଦ୍‌ବାର୍ ହେୟ୍‌ସି । |
| କପା | : କପା | : କପାକେ ଘାଆ ଥାନେ ଲଗାୟ୍‌ବାର ହେୟ୍‌ସି । |

# ଆମ ପର୍ବପର୍ବାଣି (ଆମର ପରବ ଯାତରା)

| | | |
|---|---|---|
| ଚିତ୍ର | : ବାନା | : ବଡ଼େ ସୁନ୍ଦର୍ ବାନା ମନ୍ ଆଚେ । |
| ଠାକୁରାଣୀ | : ଠାକରାନୀ | : ଆମର୍ ଗାୟେଁ ଠାକରାଣୀ ମନ୍ଦିର୍ ଗଟେକ୍ ଆଚେ । |
| ପୂଜା | : ପୂଜା | : ଲୋକମନ୍ ମାପ୍ରୁ ଘରେ ପୂଜା କର୍‌ବାୟ୍ । |
| ଅମାବାସ୍ୟା | : ଅମାବାସ୍ୟା | : ଜନ୍ ଉଦି ୧୫ ଦିନ୍‌କେ ଅମାବାସ୍ୟା ହେୟ୍‌ସି । |
| ଦୀପାବଳୀ | : ଦୀପାବାଲୀ | : ଦୀପାବାଲୀ ଦିନେ ବାନ ଫୁଟାୟ୍ ବାୟ୍ । |
| ପାଳନ | : ମାନବାଟା | : ଆଜି ଆମର୍ ଗାଁଏ ପରବ୍ ମାନ୍‌ଲାୟ୍‌ନି । |
| ପୂର୍ବ ପୁରୁଷ | : ଆଗର ଲୋକ | : ଆଗର୍ ଲୋକ୍ ମନ୍ ବଡ଼େ ସୁନ୍ଦର୍ ସୁନ୍ଦର୍ କାତାନୀ କୟ୍‌ବାୟ୍ । |
| ମୁସଲମାନ | : ମୁସଲମାନ | : ମୁସଲ୍‌ମାନ୍ କୟ୍‌ଲେ ସରି ଗଟେକ୍ ଧରମର୍ ଲୋକ । |
| ଉପବାସ | : ଉପାସ | : ସୀତା ଆଜି ଉପାସ କର୍‌ଲାନୀ । |
| ବହୁତ | : ଭୂତେକ | : ସେ ଭୂତେକ୍ ପାଟ୍‌ପଡ଼୍‌ଲା ଆଚେ । |
| ଡିସେମ୍ବର | : ପୁସମାସ୍ | : ପୁସ୍ ମାସେ ପୁସ୍ ପରବ୍ ମାନ୍‌ବାୟ୍ । |
| ଜନ୍ମ | : ଜନମ | : ତାଙ୍କର୍‌ତି ପିଲା ଗଟେକ୍ ଜନମ୍ ହେଲା । |
| ରଥଯାତ୍ରା | : ଗୁନଚା | : ଗୁନଚ୍ଚ ଦିନେ ମୁଇଁ ନୁଆଁ ଡ୍ରେସ୍‌ଘେନି ଦେବି । |
| ଆଷାଢ ମାସ | : ଆଷାଢ଼ ମାସ | : ଆଷାଢ଼୍ ମାସେ ଗୁନ୍‌ଚା ପରବ୍ ମାନ୍‌ବାୟ୍ । |
| ପୁରୀ | : ପୁରୀ | : ପୁରୀ ଥାନେ ଜଗନ୍ନାଥ୍ ମନ୍ଦିର୍ ଆଚେ । |
| ବିଶ୍ୱ ପ୍ରସିଦ୍ଧ | : ସାରା ଜଗତ୍ | : ସାରା ଜଗତ୍ ଜାନ୍‌ବାଟା ବିଶ୍ୱ ପ୍ରସିଦ୍ଧ କୟ୍‌ବାୟ୍ । |
| ଗଣେଶ ପୂଜା | : ଗଣେଶ ପୂଜା | : ଆମର ଇସ୍କୁଲେ ଗଣେଶ ପୂଜା ମାନ୍‌ବୁ । |
| ଦେବୀ | : ମାତା | : ମାଇଜି ମାପ୍ରୁକେ ଦେବାମାତା କୟ୍‌ବାୟ୍ । |
| ମାଘ ମାସ | : ମାଘ୍ ମାସ୍ | : ମାଘ୍ ମାସେ ସରସ୍ୱତୀ ପୂଜା କର୍‌ବାୟ୍ । |
| ମହାତ୍ମା ଗାନ୍ଧୀ | : ମାତମା ଗାନ୍ଧୀ | : ମାତ୍‌ମା ଗାନ୍ଧିକେ ସବୁ ଲୋକ୍ ଜାନତ୍ । |
| ମସିହା | : ବରଷ୍ | : ମୋକେ ୧୫ ବରଷ୍ ହେଲାଆଚେ । |
| ଅକ୍ଟୋବର ମାସ | : ଦଶରା ମାସ | : ଅକ୍ଟୋବର୍ ମାସେ ଦଶ୍‌ରା ହେୟ୍‌ସି । |
| ଭାରତ | : ଭାରତ | : ଆମର୍ ଦେଶର୍ ନା ଭାରତ୍ ବଲବାୟ୍ । |
| ପ୍ରତି ବର୍ଷ | : ସବୁବରଷ | : ସବୁ ବର୍‌ଷେ ମୁଇଁ ଆମର୍ ଦାଦି ଘର୍‌ଗାଁ କେ ବୁଲ୍‌ବାକେ ଯିବି । |
| ଗୁରୁ ଦିବସ | : ଗୁରୁ ଦିବସ | : ଇସ୍କୁଲ ମନ୍‌କେ ଗୁରୁ ଦିବସ୍ ପାଲନ୍ କର୍‌ବାୟ୍ । |
| ରାଷ୍ଟ୍ରପତି | : ରାଷ୍ଟର ପତି | : ଆମର ଦେଶର ବଡ଼ଲୋକ କେ ରାଷ୍ଟ୍ରପତି କୟ୍‌ବାୟ୍ । |

| | | |
|---|---|---|
| ଜାନୁୟାରୀ | : ମାଘମାସ | : ମାଘ୍‌ମାସେ ନୁଆଁବରଷ୍ ମାନ୍ ବାୟ୍ । |
| କାର୍ଯ୍ୟ | : କାମ୍ | : କାୟ ହେଲେ କାମ୍ ଦାମ୍ ଜାମିରେବାର । |
| ସାଧାରଣତନ୍ତ୍ର ଦିବସ | : ସାଧାରଣ ତନ୍ତର ଦିନ୍ | : ଜାନୁୟାରୀ ୨୬ ତାରିଖକେ ସାଧାରଣ ତନ୍ତ୍ର ଦିବସ୍ କୟ୍‌ବାୟ୍ । |
| ଜାତୀୟ ପର୍ବ | : ମେନ ପରବା | : ଆମର୍ ମେନ ପରବ୍ ଚଇତ୍ ପରବ୍ । |
| ପତାକା | : ଦେଣ୍ଡା | : ଇସ୍କୁଲେ ଦେଣ୍ଡା ଉଠାୟ୍‌ଲାୟ୍‌ନି । |
| ସଙ୍ଗୀତ | : ଗୀତ | : ସେ ଗୀତ୍ ଶୁନ୍‌ଲାନି । |
| ମହାନ୍ | : ବଡ଼ଟା | : ଦେଶର କାଜେ ନାଁରଖ୍‌ବା ଲକ୍‌କେ ବଡ଼୍ ଲୋକ୍ କୟ୍ ବାୟ୍ । |
| ସବୁ ସ୍ଥାନରେ | : ସବୁ ଜାଗାୟେ | : ସେ ସବୁବାଟେ କାମ୍ କର୍‌ବାକେ ଜାନେ । |
| ଗାଁ ଗହଳି | : ଗାଁଗଲି | : ଗାଁଗଲିର୍ ଲୋକ୍ ମନ୍ ବେଶି ଧରମ୍ ରେବାୟ୍ । |

## ସ୍ୱାଧୀନତା ଦିବସ (ସ୍ୱାଧୀନତା ଦିବସ୍)

| | | |
|---|---|---|
| ସକାଳ | : ସକାଲ | : ଅଗଷ୍ଟ ୧୫ ଦିନ୍‌କେ ସାକାଲ୍ ସାକାଲ୍ ଇସ୍କୁଲେ ଯିବାର୍ । |
| ଅଗଷ୍ଟ ମାସ | : ବର୍ଷା ମାସ | : ବର୍ଷା ମାସେ ଜବର୍ ବର୍ଷା ହେୟ୍‌ସି । |
| ଭିତରେ | : ଭିତରେ | : ଅଗଷ୍ଟ ୧୫ ଦିନ୍‌କେ ଗାଁ ଭିତ୍‌ରେ ବୁଲ୍‌ବାର୍ । |
| ଆଗ୍ରହ | : ଇଛା | : ମୋକେ ମାଉସ୍ ଶାଗ୍ ଖାୟ୍‌ବାକେ ବେଶି ଇଛା । |
| କୃଷ୍ଣ ଚନ୍ଦ୍ର | : କୃଷ୍ଣ ଚନ୍ଦର | : କୃଷ୍ଣ ଚନ୍ଦର୍ ଗଟେକ୍ ଲୋକର ନାଉଁ । |
| ଅତିଥି | : ଗତ୍ୟା | : ଆମର୍ ଘରେ ଗତ୍ୟା ଆୟ୍‌ବାୟ୍ । |
| ରଙ୍ଗିନ୍ କାଗଜ | : ରଙ୍ଗ କାଗଜ୍ | : ରଙ୍ଗ୍ କାଗଜ୍‌କେ ଫୁଲ କାଟ୍‌ବାର୍ ହେୟ୍‌ସି । |
| ସ୍ଥିର | : ଚିମରା | : କାତାନି କୟ୍‌ଲାକେ ପିଲାମନ୍ ଚିମ୍‌ରା ହେଇ ଗାଲାୟ୍ । |
| ଠିକ ସମୟ | : ଠିକ୍ ବେଲ | : ଠିକ୍ ବେଲାକେ ଇସ୍କୁଲେ ଯିବାର୍ । |
| ଉତ୍ତୋଳନ | : ଉତ୍ତୋଳନ | : ପିଲାମନ୍ ଇସ୍କୁଲେ ପତ୍‌କା ଉତ୍ତଳନ କର୍ ଲାୟ୍ । |
| ଛିଡ଼ା ହେଲେ | : ଠିଆଁ ହେଲାୟ | : ମାଷ୍ଟେର୍ ଇସ୍କୁଲ୍ ଭିତ୍‌ରେ ଆୟ୍‌ଲା କେ ପିଲାଟକି ମନ୍ ଠିଆ ହେଲାୟ୍ । |
| ସଙ୍ଗୀତ ଗାଇଲେ | : ଗୀତ ଗାୟଲାୟ | : ଟକିମନ୍ ଗୀତ୍ ଗାୟ୍‌ଲାୟ୍ । |
| ଭାଗ୍ୟ | : କରମ | : ତାର୍ କର୍‌ମେ କାୟ୍‌ଟାନା ହେ । |
| ବିଧାତା | : ମାପ୍ରୁ | : ମାପ୍ରୁକେ ପୁଜା କରିବାର ହେୟ୍‌ସି । |

| | | |
|---|---|---|
| ସିନ୍ଧୁ | : ସମୁଦ୍ର | : ସମୁଦ୍ର ଲୋଗେ ମଂଗର୍ ମନ୍ ରେବାଯ୍ । |
| ଶୁଭ | : ଶୁଭ୍ | : ସାକାଲ୍ ସାକାଲ୍ ପୁଜା କର୍ଲେ ଶୁଭ୍ କାମ୍ ହେୟ୍ସି । |
| ଯମୁନା | : ଯମୁନା | : ଯମୁନା ଗଟେକ୍ ନଦୀର୍ ନାଉଁ । |
| ଇଂରେଜ ମାନେ | : ଇଂରେଜମନ | : ଆମର୍ ଦେଶେ ଇଂରେଜ୍ ମନ୍ ଶାସନ୍ କର୍ତେ ରେଲାୟ୍ । |
| ଶାସନ | : ଶାସନ | : ଇଂରାଜୀ ମନ୍ ବେଶି କଡ଼ା ଶାସନ୍ କର୍ତେ ରେଲାୟ୍ । |
| ତିନୋଟି ରଙ୍ଗ | : ତିନିଟା ରଙ୍ଗ | : ପତ୍କା ଲଗେ ତିନିଟା ରଙ୍ଗ୍ ଆଚେ । |
| ସାସର ପ୍ରତୀକ | : ସାହାସର ପ୍ରତୀକ | : ସବୁ କାମ୍ କର୍ବାକେ ସାହାସ୍ କର୍ ବାର୍ ଆଚେ । |
| ଧଳା ରଙ୍ଗ | : ଧବଲା ରଙ୍ଗ | : ସେ ଧବ୍ଲା ଫଟାୟ୍ ପିନ୍ଧ୍ଲା ଆଚେ । |
| ଶାନ୍ତି | : ଚିମରା | : ପିଲାମନ୍ ମାଷ୍ଟେର ଆୟ୍ଲାକେ ଚିମରା ହେଇ ଗାଲାୟେ । |
| ସବୁଜ ରଙ୍ଗ | : କାଗ ପତରିଆ | : ଗଛର୍ ପତର କାଚାପତ୍ରିଆ ରେୟ୍ସି । |
| ମଝିରେ | : ମଝିଲଗେ | : ସେ ମଝିଲଗେ ବସ୍ଲା ଆଚେ । |
| ଚକ୍ର | : ଚକା | : ସାଇକଲକେ ଦୁଇଟା ଚକା ରେଇସି । |
| ନୀଳ ରଙ୍ଗ | : ନୀଲିଆ ରଙ୍ଗ | : ବାଦଲ୍ ନିଲିଆ ରେୟ୍ସି । |
| ଶିଶୁ | : ପିଲା | : ପିଲା ମନ୍ ପାଠ୍ ପଡ଼୍ଲାୟ୍ନି । |
| ଉନ୍ନତି | : ଉପକାର | : ଆମର୍ ଗାଁ ବେଶି ଉନ୍ତି ହେଲାନି । |
| ଆବଶ୍ୟକ | : ଦରକାର | : ମୋକେ ବେଶି ଡାବୁ ଦର୍କାର୍ ଆଚେ । |
| ଦେଶ | : ଦେଶ | : ଆମର୍ ବେଶର୍ ନାଉଁ ଭାରତ୍ । |
| ଲଢିବା | : ଲାଗବାର | : ଦୁଇଟା କୁକୁଡ଼ା ଗାଞ୍ଜା ପାଲି ଲାୟ୍ନି । |

## ମାଁ ପରି ମୋର କିଏ ସେ ହେବ (ଆୟ୍ଧା ପାରା ମର କେ ସେ ଏଇସି)

| | | |
|---|---|---|
| ମା | : ଆୟ୍ଧା | : ମୋକେ ଗଟେକ୍ ଆୟ୍ଧା ଆଚେ । |
| ଶୁଆଇ ଦେବ | : ଶୁଆୟ୍ସି | : ମାଁ ପିଲାକେ ଶୁଆଇସି । |
| କୋଳେ ଧରିବ | : କଲେ ଧାରସି | : ଆୟ୍ଧାପିଲା ମନ୍କେ କଲେ ଧର୍ସି । |
| ଗେଲ କରିବା | : ଲାଡ଼ କରସି | : ମୋର୍ ମାଁ ମକେ ଲାଡ଼୍ କର୍ସି । |
| ହସେଇ ଦେବ | : ହସାୟ୍ସି | : ମୁଇଁ କାନ୍ଦ୍ଲେ ମୋର୍ ମାଁ ମକେ ହସାୟ୍ଦେସି । |
| ଗପ | : କାତାନୀ | : ମୋର ଆଈ ମୋକେ କାତାନୀ କଇଦେୟ୍ସି । |
| ବୁଝେଇ ଦେବ | : ବୁଝାୟ୍ସି | : ଘରେ ଲାଗାଲାଗି ହେଲେ ସରି ଆୟ୍ଧା ବୁଜାୟ୍ସି । |
| ବିଛଣା | : ଅଚନା | : ମୋକେ ଶୟ୍ବା ପାଇଁ ମୋର୍ ମାଁ ମକେ ଆଚ୍ନା ପକାୟ୍ ଦେୟ୍ସି । |
| ପୋଷାକ ପିନ୍ଧେଇ ଦେବ | : ଡେରେସ୍ ପିନ୍ଧାୟ୍ ଦେଇସି | : ମୋର୍ ମା ମକେ ଡେରେସ ପିନ୍ଧାୟ୍ ଦେଇସି । |

| | | |
|---|---|---|
| ଦେଖାଇଦେବ | ଦେଖାୟ୍‌ସି | ପିଲାମନ୍ କାନ୍ଦ୍ ଲେ ମାଁ ଜନ୍‌କେ ଦେଖାୟ୍‌ସି । |
| ବହିବସ୍ତାନୀ | ପାଟା ମୁଣା | ମୋର ଫାଟା ମୁଣା ସଜାୟ୍ ଦେଇସି । |
| ଅନେଇ ଥିବ | ଦେଖ ତେ ରେସି | ମୁଇଁ ଇସ୍କୁଲେ ଯାଇରେଲେ ମୋର୍ ବାଟକେ ଦେଖ ତେ ରେୟ୍‌ସି । |
| ଦୁନିଆ | ଦୁନିଆଁ | ଆୟାମୋକେ ଦୁନିଆର୍ ପିଲା ଥାନୁ ବେଶି ଭଲ ବୋଲି କୟ୍‌ସି । |

## ଚିତ୍ରଦେଖ ଓ କୁହ (ବାନାଦେକା ଆରି କୁଆ)

| | | |
|---|---|---|
| ଗଛ | ଗଛ | ବାଉଁଶ୍ ଗଛ୍ ବାଡ଼େ ଲମ୍ବ ରେୟ୍‌ସି । |
| ସାପ | ସାପ୍ | ସାପ୍ ଚ୍‌ବ୍‌ଲେ ମର୍‌ବାର୍ ହେୟ୍‌ସି । |
| ଚଢେଇ | ଚେଡେ | ଚେଡେ ମନ୍ ଗଛେ ରେବାୟ୍ । |
| କଣ୍ଢେଇ | ପୁତଲା | ପୁତଲା ଧେରି କରି ପିଲାଟକି ମନ୍ ଖେଲ୍‌ଲାୟ୍‌ନି । |
| ଜହ୍ନ | ଜନ | ରାତିର୍ ବେଲା ଜନ୍ ଉଦ୍‌ଶି । |
| କଇଚ | କଚିମ | କଚିମ୍ ପାନି ଭିତ୍‌ରେ ରେୟ୍‌ସି । |
| ପତ୍ର | ପତର | ଟେକ୍ ପତର୍ ବଡ୍ ବଡ୍ ରେୟ୍‌ସି । |
| ଠେକୁଆ | ଖାଡ଼ା | ଖାଡ଼ା ବନେ ରେୟ୍‌ସି । |
| ରାସ୍ତା | ସଡ଼କ | ସଡ଼କ୍ ଲଗେ ଲୋକ୍ ମନ୍ ହିଣ୍ଡି ଗାଲାୟ୍‌ନି । |
| ଘର | ଘର | ଘରଥାନେ ଲୋକ ରେବାୟ୍ । |
| ସ୍ତ୍ରୀ | ମାଇଜୀ | ମାଇଜୀ ମନ ଫାଟାୟ ପିନ୍ଦବାୟେ । |
| କୁକୁର | କୁକୁର | ଆମର୍ ଘରେ କୁକୁର ଆଚେ । |
| ସ୍ତ୍ରୀ ଜଣେ ପାରି ନେଉଛି | ମାଇଜୀ ଗଟେକ | ପାନୀ ନେଲାନି । |
| ଝାଡୁ କରୁଛି | ବାଡ଼ାନ୍ ଲାନୀ | ମାଇଜୀ ଗଟେକି ବାଡ଼ାନ ଲାୟ୍‌ନୀ । |
| ରୋଷେଇ କରୁଛି | ରାନ୍ଦଲାନି | |

## ସେହି ମୋ ପ୍ରିୟ ଜନମ ଭୂଇଁ (ସେଟା ମୋର ଜନମ୍ ମାଟି)

| | | |
|---|---|---|
| ଦେଶ | ଦେଶ୍ | ଆମର୍ ଦେଶର୍ ନାଉଁ ଭାରତ୍ । |
| ଜନମ | ଜନମ୍ | ଭାରତ୍ ଆମର୍ ଜନମ୍ ମାଟି । |
| କୋଳେ | କୋଲେ | ମାତାର୍ କୋଲେ ପିଲାକେ ବସେଇଲା ଆଚେ । |
| ବଢୁଛି ମୁହିଁ | ବାଡଲିନି ମୁଇଁ | ଆମର ବାଡ଼େ କେଡ଼େ ସୁନ୍ଦର୍ ଆମ୍ ଗଛ୍ ବାଡ୍‌ଲନୀ । |
| ଜନନୀ | ଆୟା | ଆୟାର କାତା ମାନ୍‌ବାର୍ । |

| | | |
|---|---|---|
| ପାଳୁଛି | : ପଶଲାନି | : ଆମେ ଦିଆଲିମାସେ ଦିଆଲି ପରବ୍ ମାନ୍‌ଲୁନି । |
| ଜନମ ଭୂଇଁ | : ଜନମ୍ ମାଟି | : ଗାଉଁ ଆମର୍ ଜନମ୍ ମାଟି । |
| ଶ୍ୟାମଳ ତରୁ | : କାଗ ପତରିଆ ଗଛ | : ଦୁରର୍ ପରବ୍‌ତର୍ କାଚାପତ୍ରିଆ ଗଛ ବଡ଼େ ସୁନ୍ଦର୍ ଦିଶ୍‌ଲାନି । |
| ଲତା | : ମାଲ୍ | : ଘର୍ ଉପରେ କୁମ୍‌ଡ଼ା ମାଲ୍ ଗାଲା ଆଛେ । |
| ଡାଳରୁ ଡାଳେ | : ଖୋନ୍ଦାକେ ଖୋନ୍ଦା | : ମାଙ୍କଡ଼୍ ଖୋନ୍ଦାକେ ଖୋନ୍ଦା ଡ଼ଗାଏ ବୁଲଲାନି । |
| ବିହଙ୍ଗ | : ଚଡ଼େ | : ଚେଡ଼େ ଉଡ଼୍‌ଲାନି । |
| ମଧୁର | : ସୁଆଦ୍ | : ପାଚ୍‌ଲା କେନ୍ଦୁ ବଡ଼େ ସୁଆଦ୍ ଆଚେ । |
| ତାରକା | : ତାରା | : ସଂଜ୍ ହେଲେ ତାରା ବାର୍‌ବାଏ । |
| ଜୋଛନା | : ଜନ୍ ଉଦଲ୍ | : ପିଟ୍‌ପାରା ଜନ୍ ଉଜଲ୍ । |

## ଆସରେ ଧରିବା ଜହ୍ନ (ଏସାରେ ଧେରୁ ଜନ)

| | | |
|---|---|---|
| ଦଳେ | : ଗଟେକ୍ ମାନ୍ଦା | : ଗଟେକ୍ ମାନ୍ଦା ଲୋକ୍ ଆଇଲାଏନି । |
| ପିଲାମାଙ୍କଡ଼ | : ସାନ୍‌ସାନ୍ ମାଙ୍କଡ଼୍ | : ସାନ୍ ସାନ୍ ମାଙ୍କଡ଼୍ ଡଗାଇ ଡଗାଇ ବୁଲଲେନି । |
| ଜଣେ | : ଗଟେକ୍ | : ସର୍ଗେ ଗଟେକ୍ ଉଡ଼ାଯାହାଜ୍ ଉଡ଼୍‌ଲାନି । |
| ଗଲ | : ଯୁବେ | : ନାଟ୍ ଦେଖ୍‌ବାକେ ଯୁ ବେ । |
| କେମିତି | : କେମିତା | : ତୁଇ କେନ୍ତା ଆଚୁସ୍ । |
| ସମସ୍ତେ | : ସବୁ ସର୍‌ତେ | : ସବୁପିଲା ମନ୍‌କେ ଇସ୍କୁଲେ ନୂଆ ଡେରେସ୍ ମିଲ୍‌ସି । |
| ଉପାୟ | : ଯଜନା ପାଞ୍ଚବାଟା | : ଗାଁର୍ ନାଏକ୍ ଗାକେ ନିମାନ୍ ରକ୍‌ବାକେ କାଇ ଯୋଜନା ପାଞ୍ଚଲାନି । |
| ଆଗ | : ଆଗତୁ | : ଘର ଆଗେ ସଡ଼କ୍ ଆଚେ । |
| ବ୍ୟସ୍ତ | : ତାନ୍ଦର / ଗାବରା | : ଗଟେକ୍ କାତା ଶୁନି ଗାବରା ନହେବାର । |
| ଚିନ୍ତା | : ଚିନ୍ତା | : କାଇଟା ଚିନ୍ତା କଲୁନି । |
| ଗଲା | : ଗାଲା | : ସନିଆ ତାର୍ ମାମୁଁ ଗାଉଁ ଗାଲା ଆଚେ । |
| ଅନ୍ୟମାନେ | : ଭିନ୍ନଲୋକ ମନ୍ | : ଭିନ୍‌ଲୋକ୍ । |
| ବୋଧହୁଏ | : ହେଲେ ହେଇରେସି | : ଆଜି ଉଡ଼େଇ ହେଲେ ହୋଇସି । |
| ଡରିଗଲା | : ଡରିଗାଲା | : ସେ ପିଲା ଗଟେକ୍ ସାପ୍ ଦେକି ଡରିଗାଲା । |
| ଜୁଡୁବୁଡୁ | : ବୁଟୁକୁଟା | : ସେ କାଦ ବୁଟ୍‌ବଟା ହେଲା ଆଚେ । |
| କିଛି | : କେତେକ୍ | : ତୁଇ କେତେକ୍ ପାଠ୍ ପଡ଼୍‌ଲୁ ଆଚୁସ୍ । |

| | | |
|---|---|---|
| ସମୟ | : ବେଲ୍ | : ସକାଲେ ବେଲ୍ ନ ଉଦ୍‌ତେ ଉଟ୍‌ବାର୍ । |
| ପୁଣି | : ଆରି | : ରାମ ଆରି ସୀତା କମ୍‌ନେ ଗାଲାୟେ । |
| ବାରମ୍ବାର | : ବେଶିଥର / ବାରବାର | : ବାର୍‌ବାର୍ ତୁଇ ଗଟେକ୍ ଖରାପ୍ କାମ୍ ବାର୍ ବାର୍ କର୍‌ଲୁସ୍‌ନି । |
| ପାଖରେ | : ଲଗେ | : ଆମର୍ ଗାଉଁ ଲଗେ ଖମନ୍ ଆଚେ । |
| ପୁଣି | : ଆରି | : ତୁଇ ଆରି କାତା ନା ମାନି କରି ଡ଼ଣ୍ଡ ପାଇଲୁ । |
| ଇଛା | : ମନକେ ଯିବାଟା | : ପାଟ୍ ପଡ଼୍‌ବାକେ ମନ୍ କଲେ ସରି ପାଟ୍ ଏଇସି । |
| ଧରିବା | : ଦାରବାଟା | : ସେମନ୍ ମାଛ ଦାର୍‌ବାକେ ଗାଲାଏ । |
| ନୂଆ | : ନୂଆଁ | : ତାର ନୂଆଁ କାମିଜ୍ ବଡ଼େ ଡଉଲ୍ ଦିଶଲାନି । |
| ଚୁପ୍ ଚୁପ୍ | : ଦିରେ ଦିରେ | : ଦିରେ ଦିରେ ସେମନ୍ କାତା ହେଲାୟନି । |
| ସ୍ଥିର କଲେ | : ବିଚାର କଲେ | : ଗାଉଁ ନିର୍‌ମଲେ କର୍‌ବାକେ ବିଚାର୍ କଲେ । |
| ଫେରିଲା | : ବାଉଡ଼ଲା | : ସେ ଜୟପୁର୍ ଥାନୁ ବାଉଡ଼୍‌ଲା । |

## କହିବା ଆଗରୁ କରିବା (କୟବା ଆଗେ କରବାର)

| | | |
|---|---|---|
| ପଚାରିଲା | : ପଚର୍‌ଲା | : ମାଷ୍ଟେର୍ ମକେ ପ୍ରଶ୍ନ ପଚାର୍‌ଲା । |
| ପାଳନ | : ମାନ୍‌ବାଟା | : ଗାଁର୍ ଲୋକ୍ ମନ୍ କାଲିକେ ପୁସ ପରବ୍ ମାନ୍‌ବାୟ୍ । |
| ଫୋଟ ଚିତ୍ର | : ଫଟ | : ଆମର୍ ଇସ୍କୁଲେ ଗାନ୍ଧୀ ମାପ୍ରୁର୍ ଫଟ ଚିତ୍ର ଆଚେ । |
| ବିଷୟ | : ବିଷୟ | : ସେ ମୋକେ ତୋର୍ ବିଷୟରେ କୟ୍‌ଲା । |
| କାହାଣୀ | : କାତାନୀ | : ଆମର୍ ଗାଁର ଗୀତ୍ କୁଡ଼ିଆକେ କେତେକ୍ କାତାନୀ ଜାନା । |
| ଶୁଣାଇଲେ | : ଶୁନାଇଲାୟେ | : ସରପଞ୍ଚ ବାବୁ ମାଇକ୍ ଥାନେ ସରକାରର୍ କାମ ସବୁ ଶୁନାୟ୍‌ଲା । |
| ମଜା | : ସରାଦା | : ବଡ଼େ ସାର୍‌ଦା ରେ ଗୀତ୍ ନାଟ୍ ହେଇସି । |
| ପିଲାଦିନର | : ସାନବେଲର | : ଦାଦି ମକେ ତାର୍ ସାନ୍ ବେଲର୍ କାତା ମନ୍ କୟସି । |
| ଚମତ୍କାର | : କାବା କରିବାଟା | : ସେନ୍ତାର୍ କାବା କର୍‌ବା କାତା ମୋକେ ନାକଅ । |
| ଘଟଣା | : ଘଟନା | : ଆମର୍ ଗାୟେଁ ବେଶି ବଡ଼୍ ଘଟ୍‌ନା ଗଟେକ୍ ହେଲା ଆଚେ । |
| ବଡ଼ଦିନ୍ | : ପରବଦିନ୍ | : ଯିଶୁ ମାପ୍ରୁର ଜନମ୍ ବାର୍ ଡିସେମ୍ବର୍ ମାସର୍ ୨୫ ତାରିଖେ । |
| ଖୁବ୍‌କମ୍ | : ବେଶିକମ୍ | : ଏସୁର୍ ପାଚି ବେଶି କମ୍ ହେଲା । |
| କହୁଛି | : କୟ୍‌ଲିନି | : ମୁଇଁ କୟ୍‌ଲିନି ତୁଇ ସବୁ ଦିନେ ଇସ୍କୁଲ ଜା । |
| ଶୁଣ | : ଶୁନ୍ | : ପିଲାମନ୍ ଲୋକର୍ କାତା ଶୁନ୍‌ବାଟା ନିମାନ୍ । |
| ଥରେ | : ଗଟେକ୍ ଥର୍ | : ଗଟେକ୍ ଥର୍ ମୁଇଁ ଗୁପ୍ତେଶର୍ ଜାଇରେଲି । |

| | | |
|---|---|---|
| ବେମାର | : ରୋଗ୍ | : ଏଡ଼ସ୍ ରୋଗ ଗଟେକ୍ ଭଲ୍ ନା ହେବା ରୋଗ୍ । |
| କିଛିବି | : କାୟାଟା ମିଶା | : ତୁଇ କୟ୍‌ଟା ମିଶା ନା କଉସ୍ ମୋକେ । |
| ସଫଳ | : କାମ ହେବାଟା | : ମୋର୍ କାମ୍ ସବୁ ସଫଲ୍ ହେଲା । |
| ଚିନ୍ତିତ | : ଚିନ୍ତା | : ତୋର୍ ପାଇଁ ମୁଇଁ ବେଶି ଚିନ୍ତା କର୍‌ବି ଆଛି । |
| କିଛିଟା | : କେତ୍‌ଟା | : ତୁଇ କେତ୍‌ଟା ପ୍ରଶ୍ନର୍ ଉତ୍ତର୍ ନା ଲେକୁସ୍ । |
| ଉପକାର | : ଉପକାର | : ସେ ମୋକେ ବେଶି ଉପ୍‌କାର୍ କଲାନି । |
| ଉପଦେଶ | : କହିବାଟା | : ସାର୍ ଆମ୍‌କେ ଆମ୍‌ର ଭଲ୍ ପାଇଁ କୟ୍‌ବାୟ୍ । |
| ମନସ୍ତ | : ମନ ଲାଗାୟ କରି | : ତୁଇ ମନ୍ ଲଗାୟ୍ କରି ପାଠ୍ ପଢ଼୍ । |
| ବନ୍ଦ କରି ଦିଅ | : ଡାପି ଦିଆସ | : ଘର୍ କପାଟ୍ ଅଲପ୍ ଢାପି ଦିଆସ୍ । |
| ଧେତ୍ | : ଧେତ୍ | : ଧେତ୍ ତୁଇ କାଇଟା କାତା ନା କଉସ୍ । |
| ବିନା | : ତାର ଛଡ଼ା | : ତାର ଛଡ଼ା କାୟ କାମ୍ ନାହେ । |
| ସୁସ୍ୱାଦ | : ସୁଆଦ | : ପାକ୍‌ଲା ଆମ ବଢ଼େ ସୁଆଦ୍ । |
| ଅବୁଝା | : ଅବୁଜା | : ଅବୁଜା ଲୋକ୍ ସଙ୍ଗେ କାତା ହେଇ ନାପାରି ହେ । |
| ଖରାପ | : ବାୟା | : ମୋକେ ତୋର କାତା ସବୁ ବାୟା ଲାଗ୍‌ଲା । |
| ଛାଡ଼ି ଦେଲେ | : ଛାଡ଼ି ଦେଲାୟେ | : ସୀତାକେ କମ୍‌ନେ ଛାଡ଼ିଦେଲାୟ୍ । |
| ଆରୋଗ୍ୟ | : ରୋଗ ଛାଡ଼ବାଟା | : ଓଷ ପତର ଖାଇଲେ ସରି ରୋଗ୍ ଛାଡ଼୍‌ସି । |
| ଶୁଖାଇ | : ଶୁକାୟଲାଟା | : ରାମର୍ ଥମ୍‌ନା ଶୁଖ୍‌ଲା ଆଚେ । |
| ଯଦି | : ସରି | : ବୁଆ କାୟ୍‌ଲେ ସରି ମୁଇଁ ଜୟ୍‌ପୁର୍ ଯିବି । |
| ଠିକ୍ | : ନିକ | : ନିମାନ୍ କରି ପାଠ ପଢ଼୍‌ଲେ ସରି ଚାକ୍‌ରି ହେଇସି । |
| କଥା | : କାତା | : ତୋର୍ କାତା ମୋକେ ମନ୍‌କେ ଗାଲା । |
| ପର | : ଭିନ୍‌ଲୋକ୍ | : ତୁଇ ମୋକେ ଭିନ୍ ଲୋକ୍ ବୋଲି ନାଭାବ୍ । |
| ଅନ୍ୟ | : ଭିନଲୋକ୍ | : ସେ ଆମର୍ କାୟ୍‌ଟା ନାଲାଗେ । |
| ଉଚିତ୍ | : ଠିକ୍ ହେବା କାତା | : ଏ ପାରା ହେବା କାତା । |
| ଉପରେ | : ଉପରେ | : ଗଛ ଉପରେ ଗଟେକ୍ ମାଙ୍କଡ଼ ବସ୍‌ଲା ଆଚେ । |
| କାର୍ଯ୍ୟକାରୀ | : କାମେ ଲଗାୟ ବାଟା | : ମୁଇଁ ଲୋକ୍ ମନ୍‌କେ ଆମର୍ ଘର୍ କାମେ ଲଗାୟ୍‌ଲି ଆଚି । |
| ଏଥର | : ଏଥର | : ଏଥର୍ ତୁଇ ମୋକେ ଡାବୁ ଦେ । |
| ଜିନିଷ | : ସାମାନ୍ | : ଦୁକାନେ ବଢ଼େ ସୁନ୍ଦର୍ ସାମାନ୍ ମନ୍ ଆଚେ । |
| ଗୋଟିଏ ବର୍ଷ | : ଗଟେକ ବରଷ୍ | : ଗଟେକ୍ ବରଷର୍ କାମ ସରେଇବାକେ ହେଇସି । |
| ବାରଣ | : ମନା | : ମୁଇଁ ତକେ କେତେକ୍ ମନା କଲି ହେଲେ ମିଶା |

| | | |
|---|---|---|
| | | ତୁଇ ଗାଲୁସ୍ । |
| ସତକୁ ସତ | ସତ୍‌କେ ସତ୍ | ସତକେ ସତ୍ ତୁଇ ମକେ କୟଲୁସ୍ । |
| ମୁହୂର୍ତ୍ତ | ସେଡ୍‌ଡ୍‌କେ ବେଲା | ସେଡ୍‌ଡ୍‌କ୍ ବେଲା ତୁଇ କନ୍ତି ରେଲୁସ୍ । |
| ଗ୍ରହଣ | ନେଲା | ସେ ଆମ୍ ଗଟେକ୍ ନେଲା । |
| ଆଚରଣ | ଚ୍ଲି ଚଲନ୍ | ରଘୁ ଘରର୍ ବୁଆରି ମନ୍ ଚ୍ଲି ଚଲନ୍ ବେଶି ଭଲ୍ । |
| ଏଣିକି | ଏଥର | ଏଥର ଆମର ବୁଆ ମୋକେ ସାଇକେଲ୍ ଗଟେକ୍ ଆନି ଦେସିବେ । |
| ଶୀଘ୍ର | ବେଲାବେଲି | ମୁଇଁ ବେଲା ବେଲି ଇସ୍କୁଲେ ଯିବି ଆଛି । |
| ସୁସ୍ଥ | ନିମାନ୍ | ମୋର୍ ଗାଗଡ୍ ଏବେ ଅଲପ୍ ନିମାନ୍ ଆଚେ । |
| ଅନ୍ୟମାନେ | ଅଲଗା ଲୋକମନ୍ | ସେ ମନ୍ ଗାଉଁ ଯିବାୟ୍ । |
| ପକାଇବ | ପକାୟସି | ଗାଁର ଲୋକ ମନ୍ ସଡ଼କ ବାଟେ ଗୋଡ଼ିମାଟି ପକାୟ୍ ଲାୟ୍‌ନି । |
| ବିଚାର | ଭାବଲା | ତୁଇ କାଇ କାତା ନାଭାବ । |
| ସଂକଳ୍ପ | ପରମାନ୍ | କମନର୍ ଗଛ୍ ବାଡ଼ାୟବାକେ ସବୁ ଲୋକ୍ ପରମାନ୍ କର୍‌ବାର୍ ଆଚେ । |
| ଉଠିଲେ | ଉଠଲା | ପିଲାଟକି ମନ୍ ସାକାଲ୍ ସାକାଲ୍ ଉଠ୍‌ଲାୟ୍ । |
| ଏମିତିକା | ଏନ୍‌ତିଟା | ତୁଇ ମୋକେ ଏନ୍‌ତିଟା ବୋଲି ଭାବ୍‌ଲୁସ୍ କି ? |
| ସେଥିପାଇଁ | ସେଟା ଲାଗି | ସେଟା ଲାଗି ତୋର୍ କାମ୍ ନାହେଲା । |
| ମଣିଷ | ନର୍ | ନର୍ ଲୋକ୍‌କେ ବୁଦ୍ଧି ଆଚେ । |
| ସଂଗ୍ରାମ ବେଳେ | ଲାଗାଲାଗି ହେଲା ବେଲେ | କେତେକେ ମରି ଗାଲାୟ୍ । |
| ଏକ୍‌ଜୁଟ | ଗଟେକ ଲଗେ | ସବୁଲୋକ୍ ଗଟେକ୍ ଲଗେ ହେଇ ରେଲାୟ୍ । |
| ସମଗ୍ର | ସବୁବାଟେ | ଦେଶର୍ ସବୁ ବାଟେ ସଂଗ୍ରାମ ଚ୍ଲିଲା । |
| ଚାଲୁଥିଲେ | ଚାଲତେରେଲାୟେ | ଗାନ୍ଧୀ ମାପୁର କାତାକେ ମାନିକରି ସବୁ ଲୋକ ଚାଲତେ ରେଲାୟ୍ । |

## ଭାସି ଯାଆ ମୋର କାଗଜ ଡଙ୍ଗା (ବଅଁଲି ଯାଆ ମୋର କାଗଜ୍ ଡଙ୍ଗା)

| | | |
|---|---|---|
| ଭାସି ଯାଆ | ବଅଲି ଯାଆ | ଜବର୍ ମାର୍‌ଲେ ସରି ନାଲ୍ ମନ୍‌କେ ପାନି ବଅଁଲି ଯାଇସି । |
| ଝିପିଝିପି | ଝିପରି ଝିପରି | ଝିପ୍‌ରି ଝିପ୍‌ରି ପାନି ମାର୍‌ଲାନି । |
| ବରଷଇ | ପାନିଆଇଲାନି | ପାନି ଆୟଲାନି ଛାଟୁଡ଼ି ଧରି କରି ଯା । |
| ଚମକେ | ଚମକଲାନି | ବିଜ୍ ମାର୍‌ଲେ ସରି ଆନ୍ଧାର ରାତିବେଲେ ଚମ୍‌କି |

| | | |
|---|---|---|
| | | ଗାଲି । |
| ଘଡ଼ ଘଡ଼ି | : ବାଦଲ ଗରଜ ବାଟା | : ବାଦଲ୍ ଗରଜ୍‌ଲେ ସରି ପାନି ମାରସି । |
| ପଡ଼େ | : ଅଦରିଲାନି | : ଛାନି ଉପର ଥାନୁ ଅଦରିଗଲାନି । |
| ଫଟକା | : ଫୁଟକା | : ଗରମ୍ ପାନି ହାତେ ହେଲାକେ ହାତ୍ ଫୁଟ୍‌କା ହେଲା । |
| ଅସୁମାରି | : ଭୁତେକ୍ | : ଆମର୍ କୁପଲି ଥାନେ ଭୁତେକ୍ ଗଛ୍ ମନ୍ ଆଚେ । |
| ପାଣିରେ | : ପାନିଲଗେ | : ପାନି ଲଗେ ମାଛ୍ ମନ୍ ରେବାୟ୍ । |
| ଡରି ଯିବୁ ନାହିଁ | : ନାଡର୍ | : ସତ୍‌କାତା କୟ୍‌ବାକେ ନାଡ଼ର୍ । |
| ଝୁଲିଝଲି | : ହୋଲି ହୋଲି | : ଟକି ମନ୍ ରଜକେ ଡଲି ଝୁଲବାୟ୍ । |
| ଦୂର | : ଦୂରକେ | : ବଡ଼େ ଦୂରକେ ନାଯାଆ । |
| ମେଲାଇ | : ମେଲବାଟା | : ଗଉଡ଼୍ ସକାଲ୍ ସକାଲ୍ ଗୋରୁ ଡିଲ୍‌ସି । |
| ଦରିଆ | : ସମଦୂର | : ସମଦୂର ପାନି ବଡ଼େ ଖରିୟା । |
| ସାଧବ | : ବେପାରୀ | : ଅଗ୍‌ତୁ ଲୋକମନ୍ ଦୂରେ ଦୂରେ ଜାଇକରି ବେପାର୍ କର୍‌ତେ ରେଲାୟ୍ । |
| ଝଡ଼ତୋଫାନ୍ | : ପାନି ପବନ | : ଜବର୍ ପାନି ପବନ୍ ହେଲେ ସରି କୁଡ଼ିଆ ଘର ମନକେ ଉଡ଼ାଇ ନେଇସି । |
| ତିଳେ | : ଖଣ୍ଡେକ୍ | : ସେ ମୋକେ ଖଣ୍ଡେକ୍ ମିଶା ହେରି ଦେକେ ନାହିଁ । |
| ତାଙ୍କର | : ତାକରଟା | : ତାକର୍ ଗଟେକ୍ ମଟର୍ ଗାଡ଼ି ଆଚେ । |
| ଆସୁଥିଲେ | : ଆସ୍‌ତେରେଲାୟେ | : ଇସ୍କୁଲ୍ ଥାନେ ପିଲାମନ୍ ଆସ୍‌ତେ ରେଲାୟ୍ । |
| ଫେରି | : ଲେଉଟି | : ବେଲ୍‌ହେଲାକେ ଆରି ପିଲାମନ୍ ଲେଉଟି ଗାଲାୟ୍ । |
| ସାରି | : ସରାଇକରି | : ତୁଇ କାବାଡ଼ ପାଇଟି ସରାଇ କରି ମୋର୍ ଲଗେ ଥାଅ । |
| କାରବାର | : କାର୍‌ବାର | : ସେ କାୟ୍‌ଟା କାର୍‌ବାର କାର୍‌ବାକେ ନାଜାନେ । |
| ଭରି | : ପୁରାଇବା | : ବାସ୍ତା ଥାନେ ଧାନ ମନ୍ ପୁରାଇବାର । |
| ଦଉଲତ | : ସମ୍ପତ୍ତି | : ପାଠ୍ ପଢ଼ି କରି ସମ୍ପତ୍ତି ଅରଜ୍‌ବାର୍ । |
| ମିଳିମିଶି | : ମିଶିକରି | : ବଡ଼୍ କାମ୍‌କେ ମିଶି କରି କର୍‌ବାର୍ । |
| ମୁଣ୍ଡେ | : ମୁଣ୍ଡେ | : ଗାଁ ମୁଣ୍ଡେ ହୁଣ୍ଡି ଘର୍ ଆଚେ। |
| ଶୁଭ | : ଶୁଭ | : ସାକାଲ୍ ସାକାଲ୍ ଉଟି କରି ମାପ୍ରୁକେ ପୂଜା କଲେ ଶୁଭ କାମ୍ ହେଇସି । |
| ନାରିକେଳ | : ନଡ଼ିଆ | : ଆମର୍ ଘରେ ଗଟେକ୍ ନଡ଼ିଆ ଗଛ୍ ଆଚେ । |
| ଜଳ | : ପାଦି | : ବନ୍ଧେ ଜବର୍ ପାନି ଆଚେ । |
| ଜାଳି | : ଲାଗାଇ କରି | : କୁପି ଲାଗାଇ କରି ପାଠ୍ ପଡ଼୍‌ବାର୍ । |

| | | |
|---|---|---|
| ଯାଉଛି | : ଗାଲାନି | : ସେ ଇସ୍କୁଲେ ସବୁ ଦିନେ ଗାଲାନି । |
| କାଳ | : ମରବାଟା | : ତାର୍ କାଲ୍ ଖେଟ୍ଲାକେ ମରିଗାଲା । |
| ଏବେ | : ଏବର | : ଏବର୍ ଟକି ମନ୍ ପାଟ୍ ପଡ଼୍ବାକେ ଇସ୍କୁଲେ ଯିବାୟ୍ ଆଚତ୍ । |
| ନୂଆ | : ନୂଆଁ | : ଚଇତ୍ ପରବେ ନୂଆଁ କାମିଜ୍ ଘେନ୍ବି । |
| ବେଳା | : ବେଲା | : ପେଜ୍ବେଲା ହେଲାବେ ଆସା ଘରେ ଜୁବୋ |
| ଆସିଛି | : ଆଇଲା ଆଚେ | : ଏବେ ବୁଆ ଘରେ ଆଇଲା ଆଚେ । |
| ଭେଳା ଭେଳା | : କୁଡ଼ା କୁଡ଼ା | : ଧାନ କାଟି କରି ବେଡ଼ାୟ୍ କୁଡ଼ା କୁଡ଼ା କର୍ଲା ଆଚତ୍ । |
| ଅଟକି ଗଲୁକି | : ଥେବିଗାଲୁସକି | : ସେ ଜାଇତେରେଲା ଆରି ମୋକେ ଦେଖି କାରି ଥେବିଗାଲା । |
| ବିଦାୟ | : ଗାଲା | : ସେ ଆମର୍ ଥାନୁ ଗାଲା । |
| ଦେଉଛି | : ଦେଲାନି | : ଇସ୍କୁଲେ ପିଲା ମନ୍କେ ଖାଦି ଦେଲାୟ୍ନି । |
| ତୋତେ | : ତକେ | : ତକେ ଯେନ୍ତି କରି ମିଶା ପାଠ୍ ପଡ଼୍ବାକେ ହେଇସି । |
| ହସି ହସି | : ହାସି ହାସି | : ତାର କାତା ଶୁନି ହାସି ହାସି ମୋର୍ ପେଟ୍ ଦୁକ୍ଲା । |
| ଏଇ | : ଏ | : ଏ ପେନ୍ ତୋର୍ଟା କି ? |
| ଗଢ଼ିଛି | : ବନାୟ୍ଲା ଅଛି | : ମୁଇଁ କୁଢ଼ିଆ ଗଟେକ୍ ବାନାୟ୍ଲି ଆଚି । |

## ସାନ ସିନା ଦାନ ତା ମହାନ (ସାନ୍ ସିନା ଦାନ୍ ତାର ବଡ଼)

| | | |
|---|---|---|
| ତୋଳାଇବାକୁ | : ବନାଇବାକେ | : କୋଣାର୍କ ମନ୍ଦିର ବନାଇବାକେ ବାରଶ୍ ଲୋକ କାମ୍ କର୍ତେ ରେଲାୟେ । |
| ବଛାଗଲା | : ବାଚ୍ଲାୟେ | : ଭଲ୍ ଭଲ୍ ଲୋକ୍ ମନ୍କେ କାମ୍ କର୍ବାକେ ବାଛଲାୟେ । |
| ସିମେଣ୍ଟ | : ସିମେଣ୍ଟ | : ସିମେଣ୍ଟ ଅଲପ୍ ଗେରୁ ମାଟିଆ ରେୟ୍ସି । |
| ଚୂନ | : ଚୂନ୍ | : ଚୂନ୍କେ ଘରେ ଲିପ୍ବାୟେ । |
| ତୋଳା | : ବନାଇବାଟା | : ମୁଇଁ ଗୋଟେକ୍ ଘର୍ ତିଆର୍ କରବି ଆଚି । |
| ଦଧିନଉତି | : ଦେଉଳମୁଣ୍ଡ | : ଧର୍ମପାଦ୍ କୋଣାର୍କ ମନ୍ଦିରର୍ ମୁଣ୍ଡି ବନାଇଲା ଆଚେ । |
| କଟାହେବ | : ପୂଜାବାୟେ | : ବିଷ୍ଣୁ ମହାରଣା କୋଣାର୍କ ମନ୍ଦିରର୍ ମୁଣ୍ଡିକେ ନବନାଇଲେ ସରି କାଟ୍ବି ବୋଲି କଇରେଲା । |
| ଏକୁଟିଆ | : ଏକଟା | : ଧର୍ମପଦ୍ ଏକ୍ଟା ଆକା ମନ୍ଦିରର୍ ମୁଣ୍ଡି ତିଆର୍ କର୍ଲା ଆଚେ । |
| ଭରସା | : ବିଶାସ୍ | : ତକେ ମୁଇଁ ବିଶାସ୍ କରଲି ତୁଇ କୟ୍ଲୁସ୍ । |
| ଖେଳିଛି | : ଖେଲଲି ଆଚି | : ମୁଇଁ ଦିନେକ୍ ହେଲେ ମିଶା କ୍ରିକେଟ ଖେଲଲି ଆଚି । |
| ସାଥେ | : ସଙ୍ଗେ | : ମୋର୍ ସଙ୍ଗେ ଆରି ସେ ମିଶା ହାଟେ ଆୟ୍ସି । |
| ବାତ୍ୟାକ | : ବାତ୍ୟାକ | : ବାତ୍ୟାକ ଜବର୍ ଚାଟି ମନ୍ ବୁଲଲାୟ୍ନି । |

# ପୁଣି ସେମାନେ ହସିଲେ (ଆରି ସେମନ୍ ହସ୍‌ଲାୟେ)

| | | |
|---|---|---|
| ଦୁଇଜଣ | : ଦୁଇଲୋକ | : ଦୁଇଲୋକ୍ ମିଶି କରି ଗାଁଉ ଗାଲାୟେ । |
| ଖୁବ୍ | : ଜବର | : ଜବର୍ ଦିନ୍ ହେଲା ଆଜି ଘରେ ନାଯାଉଁ । |
| ପାଖାପାଖି | : ଲଗେ ଲଗେ | : ଘର୍ ଲଗେ ଲଗେ ଗଚ୍ ମନ୍ ଆଚେ । |
| ସକାଳୁ | : ସାକାଲେ | : ସାକାଲ୍ ସାକାଲ୍ ପିଲା ମନ୍ ଉଠି କରି ପାଠ୍ ପଢ଼ିବାର । |
| ଉଠିଲେ | : ଉଠଲାୟ | : ସାକାଲ୍ ସାକାଲ୍ ଇସ୍କୁଲେ ଯିବା ପାଇଁ ପିଲାମନ୍ ଉଠ୍‌ଲାୟେ । |
| ଦେଖାଦେଖି | : ଭେଟ୍‌ଘାଟ୍ | : ସମାରି ଆରି ସମ୍ରା ଆଜି ହାଟେ ଭେଟ୍ ଘାଟ୍ ହେଲାୟେ । |
| ବିପଦ ଆପଦରେ | : ଦୁଃଖ୍ ସୁଖରେ | : ଦୁଃଖ୍ ସୁଖରେ ସେମନ୍ ଆକା ଆଡ଼ି ହେବାୟେ । |
| କାନ୍ଧକୁ କାନ୍ଧ | : କାନ୍ଦ୍ କେ କାନ୍ଦ୍ | : ଆୟ ମନ୍ ଦୁଇ ଲୋକ୍ କାନ୍ଦ୍ କେ କାନ୍ଦ୍ ମିଶାଇ କରି ଗଲାୟନି । |
| ଯାନି ଯାତ୍ରା | : ବଜାର ଯାତ୍ରା | : ବଜାର ଯାତ୍ରା ଦିନେ ବେଶି ଲୋକ ରୁଣ୍ଡି ରେଲାୟେ । |
| ପୁନେଇ | : ପୁନି | : ଆମ୍ର ଦେଶିୟା ଆନେ ପୁସ୍ ପୁନିକେ ବଡ଼ ପରବ୍ ବୋଲି ମାନ୍‌ବୁ । |
| ମିଶି ପାଳନ୍ତି | : ମିଶି ମାନବାୟେ | : ଆମର୍ ଗାଁର ସବୁ ଲୋକ୍ ମିଶି କରି ପରବ୍ ମାନ୍‌ବାୟେ । |
| ଦୁହେଁ | : ଦୁଇଲୋକ୍ | : ଦୁଇ ଲୋକ୍ ମିଶି କରି ହାଟେ ଗାଲାୟେ । |
| ଗୋଟିଏ ଶ୍ରେଣୀ | : ଗୋଟେକ୍ ବଖରା | : ପିଲା ମନ୍ ଗୋଟେକ୍ ବଖ୍‌ରା ଥାନେ ବସ୍‌ଲା ଆଚତ୍ । |
| ପାଖା ପାଖି ବସନ୍ତି | : ଲଗେ ଲଗେ ବସ୍ ବାୟେ | : ପିଲାମନ୍ ଲଗେ ଲଗେ ବଡ଼ିକରି ପାଠ୍ ପଢ଼୍‌ବାୟେ । |
| ଏକାଠି | : ଗୋଟେକ ଲଗେ | : ଗୋରୁ ଛେଲି ମନ୍ ଗୋଟେକ୍ ଲଗେ ଘାଁସ୍ ଖାଇଲାୟନି । |

| | | |
|---|---|---|
| ବୁଲନ୍ତି | : ବୁଲବାୟେ | : ଆନ୍ଧାର ହେଲେ ସରି ବାଘ୍ ଭାଲୁ ମନ୍ ବୁଲ୍ ବାୟେ । |
| ଗଳିଥାଏ | : ପଶଲାନି | : ରାମ ଗଟେକ ଛେଲି ପଶଲାନି । |
| ସଉକରେ | : ଲାଡ଼ରେ | : ଅୟା ତାର୍ ପିଲାକେ ଲାଡ଼ରେ ବାଡାୟଲା ଆଚେ । |
| ପ୍ରଥମେ ପ୍ରଥମେ | : ପରତୁମ୍ ପରଜୁମ | : ତୁଇ ପରତୁମ୍ ପରତୁମ୍ ଆମର୍ ଘରେ ଆଇଲୁ ଆଚୁସ୍ । |
| ସହିବ | : ସୟସି | : ସେ ଯେତକି ଦୁଃଖ ଆଇଲେ ମିଶା ସୟସି । |
| ଜବତ | : ଜବତ୍ | : ମୁଇ କେଡ଼େ କଷ୍ଟେ ତାର୍ ଡାବୁ ଜବତ୍ କରଲି । |
| ନେହୁରା | : କାକୁର୍ତ୍ତା | : ଆୟ ଡାବୁ ପାଇଁ ବେଶି କାକୁର୍ତ୍ତା ହେଲାନି । |
| ପ୍ରକୃତି | : ପରକୃତି ଗୁପ୍ | : ନାଗ୍ ସାପ୍ ତାର୍ ଫଁ କରବା ଗୁଣ ନାଛାଡ଼େ । |
| କେଉଁଠୁ | : କନତି ଥାନୁ | : ତୁଇ କନତି ଥାନୁ ଏସାଇକେଲ ଘେନଲୁସ୍ । |
| ସୁଯୋଗ ଉଣ୍ଡି | : କଲିଆ ଯଗଲା | : ଆଚେ କୁକଡ଼ାକେ ଉଣ୍ଡି ଧାର୍‌ବାକେ । |
| ରାଗିଗଲା | : ରିଶାହେଲା | : ବାଘ୍ କଲିଆ ଉପରେ ବେଶି ରିଷା ହେଲା । |
| ପାନେ | : ଗଟେକ୍ ଦେବି | : ଆଜି ତାକେ ଗଟେକ୍ ଭଲ୍ କରି ଦେବାର ଆଚେ । |
| ଛକି | : ଜାଗି | : କଲିଆ ଜାଗି କରି କୁକଡ଼ା ଧେରସି । |
| ପାହାରେ | : ପଟ୍ ଠେଙ୍ଗ୍ | : ଆୟ କଲିଆକେ ଗଟ୍ ଠେଙ୍ଗ୍ ମାରଲା । |
| ଆଇଲା | : ପଲାଇଲା | : କଲିଆକେ ମାରଲା କାଜେ ପଲାଇଲା । |
| କଜିଆ | : କାଲ୍‌କଲ୍ | : ଆୟ ତାଙ୍କର ଘରେ ବେଶି କଲ୍ କଲ୍ ହେଇସି । |
| ପରିବାର | : କୁଟୁମ୍ | : ଜବର୍ କୁଟୁମ୍ ରେବା ଲୋକ ବଡ଼େ ଧାନ୍ଦା । |
| ଭିତରେ | : ଭିତରେ | : ପାର୍ ଭିତରେ ବାଘ୍ ଆଚେ । |
| କଥାବାର୍ତ୍ତା | : କାତାବାର୍ତ୍ତା | : ବଡ଼ ଲୋକ ମନ୍‌କେ କାତାବାର୍ତ୍ତା ହେଲାବେଲେ ଭାବି ଚିନ୍ତି କରି କାତା ହେବାର । |
| ମନା | : ନାକର ବଲବାଟା | : ପିଲା ମନ୍‌କେ ଖରାପ କାମ୍ ନା କରବାକେ କଇବାର । |
| ଆଗପରି | : ଆଗତୁପାରା | : ତୁଇ ଏବେ ଆଗତୁ ପାରା ଆରି ନାଇଁ । |

| | | |
|---|---|---|
| ଦିନକର | : ଗୋଟେକ୍ ଦିନର | : ଏଟା ଗୋଟେକ ଦିନର୍ କାତା ନାଇଁ ଯୁଗ୍ ଯୁଗ୍ ଧେରି କରି ରେଇସି । |
| ନଇଁକୁଳ | : ଗାଡ଼ ପାଲିକେ | : ଗାଡ଼ ପାଲିକେ କୁଡ଼ିଆ ସେବେ ଗଟେକ୍ ବାଲୁ ଗାଲା । |
| ଧପ୍ | : ଧପ୍ | : କୁପି ଧପ୍ କରି ଲିବିଗାଲା । |
| ବୁଡୁଛି ଆଉ ଉଠୁଛି | : ବୁଡ଼ାଲାନି ଆରି ଉଠଲାନି | : ଆୟ ବନ୍ଦେ ବୁଡ଼ଲାନି ଆରି ଉଠଲାନି । |
| ହାଲୁକା | : ଉସାପ୍ | : କାପା ବେଶି ଉସାଷ୍ ଆଚେ । |
| ଶିଆଳି ଲଟା | : ଶିଆଲିଲାଟା | : ଶିଆଲି ଲାଟା ଥାନୁ କମ୍‌ନେ ଥାନୁ ଆମେ ଦାରୁ ଆନ୍‌ଲୁ । |
| ସେଥିରୁ | : ସିଥାନୁ | : ସିଥାନୁ ଆମର୍ ଗାଉଁ ଜବର୍ ଦୂର ଆଚେ । |
| ଦାନ୍ତରେ | : ଦାତେ | : ଦାତେ ଚାବି କରି ଖାଇବାର ହେଇସି । |
| ଛିଡ଼ାଇ | : ଛିଡ଼ାଲା | : କଟରା ଆନେ ଡର୍ ଛିଡ଼ଲା । |
| ଆଡ଼କୁ ବାଟେ | : ତୁଇ ତାର | : ବାଟେ ନାଦେଖ୍ । |
| ଧରିପକା | : ଧେରିପାକା | : ତୁଇ ବନ୍ଦେ ଥାନୁ ମାଛ ମନ୍ ଧେରିପାକା । |
| ଜୋର | : ଅଧିକ | : ତାକେ ଜବାର୍ ମାତ୍ ବାଦ୍‌ଲା ଆଚେ । |
| ଟାଣିଲା | : ଝିକଲା | : ଆୟ ବନ୍ଦ ଭିତର ଥାନୁ ପଦାୟେ ଝିକଲା । |
| ପାଟି କରୁଥାଏ | : କଲାର୍ ହେଲାନି | : ଆୟ ମଦ୍ ଖାଇକରି ବେଶି କଲାର୍ ହେଲାନି । |
| ଧଇଁସଇଁ | : ଫରଫର | : ଆୟ ବେଶି କାମ୍ କରି ଫର୍ ଫର୍ ଫୁଣ୍ଡଲାନି । |
| ତଥାପି | : ହେଲେ ମିଶା | : ମୁଇଁ ତକେ କଇଲି ହେଲେ ମିଶା ଆଇଲୁସ୍ ଆକା । |
| ଲାଗିଗଲେ | : ମିଶ୍‌ଲାଏ | : ଗାଦଲା ମନ୍ଦଜାମ ଗଚେ ମିସ୍‌ଲାୟେ । |
| ଆଣିଲେ | : ଆନଲାୟେ | : ତାଙ୍କର ଘରେ ନୂଆ ଗାଡ଼ି ଗଟେକ ଆନ୍‌ଲାୟେ । |
| ସେତେବେଳେ | : ସେଡ଼କିବେଲା | : ସେଡ଼କିବେଲା ତୁଇ କନ୍ତି ଜାଇ ରେଲୁସ୍ । |
| ଖବର | : ଖବର୍ | : ତାର୍ ଖବର୍ ଶୁନି କରି ମକେ ବଡ଼େ ଦୁଃଖ ଲାଗଲା । |
| ସେଠାକୁ | : ସେଥାନେ | : ମୁଇଁ ସେଥାନେ ଜାଇ ରେବି । |

| | | | | |
|---|---|---|---|---|
| ମିଶିବାକୁ | : | ମିଶ୍‌ବାକେ | : | ମୋକେ ଡଉଲ୍ ଲୋକ୍ ମନ୍ ସଙ୍ଗେ ମିଶ୍‌ବାକେ ଭଲ୍ ଲାଗସି । |
| ବଞ୍ଚାଇଲା | : | ଜିଆଇଲା | : | ଆୟ୍ଯ ଗଛ ଗଟେକ୍ ଜିଆଇଲା । |
| ଲାଜରେ | : | ଲାଜକେ | : | ଆୟ୍ଯ ଲାଜ୍‌କେ ପାଦାୟେ ନାଭାରେ । |
| ନଇଁ ଗଲା | : | ନୁଇଁ ଗାଲା | : | ଆୟ୍ଯ ଗଛ ଗଟେକ ତଲେ ନୁଇଁଗାଲା । |
| ଭାଇ | : | ଭାଇ | : | ଭାଇ ସଙ୍ଗେ ମିଶି ବିଡ଼ି କାରି ରେବାର୍ । |

❋❋